

# ଜଳେଶ୍ୱର ନାବାଳିକା ଦୁଷ୍କର୍ମ ଓ ହତ୍ୟା ମାମଲା

## ତିନି ଜଣ ଅଟକ; ୨୭ରେ ଜଳେଶ୍ୱର ବନ୍ଦ ଡାକରା

ବାଲେଶ୍ୱର, (ନି.ପ୍ର.): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଅନ୍ତର୍ଗତ ବାର୍ତନା ଗ୍ରାମ ନିକଟରେ ଜଣେ ୧୪ ବର୍ଷୀୟା ନାବାଳିକାଙ୍କ ଦୁଷ୍କର୍ମ ଓ ହତ୍ୟା ଘଟଣାକୁ ନେଇ ଅଂଚଳରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି । ଏହି ମାମଲାରେ ପୋଲିସ ତିନି ଜଣଙ୍କୁ ଅଟକ ରଖିଛି । ଅନ୍ୟପକ୍ଷରେ, ଘଟଣାର ନିରପେକ୍ଷ ତଦନ୍ତ ଓ ପୀଡ଼ିତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଦାବିରେ ବିଜୁ ଜନତା ଦଳ (ବିଜେଡି) ଆସନ୍ତା ୨୭ ତାରିଖରେ ଜଳେଶ୍ୱର ବନ୍ଦ ଡାକରା ଦେଇଛି । ଏଥିସହ ସ୍ଥାନୀୟ ଲୋକେ ଓ ପୀଡ଼ିତାଙ୍କ ପରିବାର ସଦସ୍ୟମାନେ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବିରେ ଆନ୍ଦୋଳନ ଜାରି ରଖିଛନ୍ତି ।ବାଲେଶ୍ୱର ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ସୂଚନା ଅନୁଯାୟୀ, ଏହି ମାମଲାରେ ଗିରଫ ସୁଲତାନପୁର ଗ୍ରାମର ଚନ୍ଦ୍ରକାନ୍ତ ଜେନା ଓରଫ କାହ୍ନାକୁ ପଚରାଉଚରା କରିବା ପରେ ପୋଲିସକୁ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି । ଅଭିଯୁକ୍ତ ନାବାଳିକାଙ୍କୁ ପୂର୍ବରୁ ଜାଣିଥିଲା ବୋଲି ଏସ୍‌ପି କହିଛନ୍ତି ।ପୋଲିସର ସୂଚନା ଅନୁଯାୟୀ, ଅକ୍ଟୋବର ୧୬ ତାରିଖରେ କାହ୍ନା ନାବାଳିକାଙ୍କୁ ପଶ୍ଚିମବଢ଼ ବଜାରକୁ ଯିବା ପାଇଁ କହିଥିଲା । ତା' ଉପରେ ବିଶ୍ୱାସ କରି ନାବାଳିକା ତାଙ୍କ ମୋଟରସାଇକେଲରେ ଯାଇଥିଲେ । ଅଭିଯୁକ୍ତ ତାଙ୍କୁ ସନ୍ଧ୍ୟା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନକୁ ନେଇଥିବା ଅଭିଯୋଗ ହୋଇଛି ।ସନ୍ଧ୍ୟା ପ୍ରାୟ ୬ଟା ୩୦ ମିନିଟ୍‌ ?ରେ ସେ ନାବାଳିକାଙ୍କୁ ବାର୍ତନା ଗ୍ରାମର ଏକ ନିର୍ଜନ ସ୍ଥାନକୁ ନେଇଥିଲା । ଶାରୀରିକ ସମ୍ପର୍କ ପାଇଁ ନାବାଳିକା ଅରାଜି ହେବାରୁ ଅଭିଯୁକ୍ତ ତାଙ୍କୁ ହତ୍ୟା କରିଥିବା ଏସ୍‌ପି ଜଳେଶ୍ୱରରେ



ସାମ୍ବାଦିକମାନଙ୍କୁ କହିଛନ୍ତି । ଘଟଣା ସମୟରେ କିମ୍ବା ହତ୍ୟା ପରେ ଅନ୍ୟ କେହି ଉପସ୍ଥିତ ଥିଲେ କି ନାହିଁ, ତାହା ପୋଲିସ ତଦନ୍ତ କରୁଛି ।ମୃତଦେହର ଅବସ୍ଥାକୁ ଦେଖି ନାଇଟ୍ରିକ୍‌ ଏସିଡ୍‌ ବ୍ୟବହାର ହୋଇଥିବା ସନ୍ଦେହ କରାଯାଉଛି । ଏହି ରାସାୟନିକ ପଦାର୍ଥ ଅଳଙ୍କାର ନିର୍ମାଣ କାର୍ଯ୍ୟରେ ମଧ୍ୟ ବ୍ୟବହୃତ ହୁଏ । ଅଭିଯୁକ୍ତ ପୂର୍ବ ଯୋଜନା ଅନୁଯାୟୀ ଏସିଡ୍‌ ଆଣିଥିଲା କିମ୍ବା ଘଟଣାର କିଛି ଘଂଟା ପରେ ମୃତଦେହ ଉପରେ ଏହା ପକାଯାଇଥିଲା, ସେନେଇ ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ତେବେ ଏସିଡ୍‌ ବ୍ୟବହାର ଓ ଏହା ପଛରେ ଥିବା ପରିସ୍ଥିତି ସମ୍ପର୍କରେ ତଦନ୍ତ ପରେ ହିଁ ସ୍ପଷ୍ଟ ତଥ୍ୟ ମିଳିପାରିବ ।ଅନ୍ୟପକ୍ଷରେ, ଘଟଣାର ପ୍ରତିବାଦରେ ଅଂଚଳରେ ଆନ୍ଦୋଳନ ଜାରି ରହିଛି । ପୀଡ଼ିତାଙ୍କ ପରିବାର ସଦସ୍ୟମାନେ ଶନିବାର ସକାଳ ୯ଟାରୁ ପଶ୍ଚିମବାଢ଼ ପଂଚାୟତର ଦେବକୁମାରଠାରେ ରାସ୍ତା ଅବରୋଧ କରି ନ୍ୟାୟ ଓ ଦୋଷୀଙ୍କ ବିରୋଧରେ କଠୋର ଦଣ୍ଡ ଦାବି କରିଥିଲେ । ଖବର ଲେଖା ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିଥିବାବେଳେ ପ୍ରତିବାଦକାରୀମାନେ ଟାୟାର ଜାଳି ପ୍ରତିବାଦ ଜଣାଇଥିଲେ । ସ୍ଥାନୀୟ ଲୋକେ ମଧ୍ୟ ଗତ ତିନି ଦିନ ଧରି ବିଭିନ୍ନ ସ୍ଥାନରେ ରାସ୍ତାରୋକ କରି ନ୍ୟାୟ ଦାବି କରୁଛନ୍ତି । ଏହି ଘଟଣାକୁ ନେଇ ରାଜନୈତିକ ତତ୍ପରତା ମଧ୍ୟ ବୃଦ୍ଧି ପାଇଛି । ବିଜେଡି ଆସନ୍ତା ୨୭ ତାରିଖରେ ଜଳେଶ୍ୱର ବନ୍ଦ ଡାକରା ଦେବା ସହ ଅକ୍ଟୋବର ୩୦ ସୁଦ୍ଧା ତଦନ୍ତକୁ ଓଡ଼ିଶା କ୍ରାଇମବ୍ରାଂଚକୁ ହସ୍ତାନ୍ତର କରିବାକୁ ଦାବି କରିଛି । ଏଥିସହ ମାମଲା ପରିଚାଳନାରେ ଅବହେଳା ଅଭିଯୋଗର ନିରପେକ୍ଷ ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ ଜଳେଶ୍ୱର ଥାନା ଅଧିକାରୀଙ୍କୁ ନିଲମ୍ବନ କରିବାକୁ ଦଳ ଦାବି ଜଣାଇଛି । ଏହି ଘଟଣାକୁ ନେଇ ସିପିଆଇ(ଏମ୍‌) ପକ୍ଷରୁ ମଧ୍ୟ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଛି । ଅନ୍ୟପକ୍ଷରେ, ଦେବସେନା ପକ୍ଷରୁ ଶନିବାର ସକାଳ ୯ଟାରୁ ୧୧ଟା ପର୍ଯ୍ୟନ୍ତ ଧାରଣା ଦିଆଯାଇ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ଦାବି କରାଯାଇଛି ।ବିଜେଡିର ତଥ୍ୟ ଅନୁସନ୍ଧାନକାରୀ ଦଳ ଜିଲ୍ଲା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ବାଲେଶ୍ୱର ଏସ୍‌ ?ପିଙ୍କୁ ସ୍ମାରକପତ୍ର ଦେଇ ନିରପେକ୍ଷ ଓ ସ୍ୱଚ୍ଛ ତଦନ୍ତ ସହ ଅପରାଧରେ ସମ୍ପୃକ୍ତ କିମ୍ବା ଘଟଣାକୁ ଲୁଚାଇବାରେ ସହଯୋଗ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛି । ଘଟଣାକୁ ନେଇ ଅଂଚଳରେ ନ୍ୟାୟ, ନିରପେକ୍ଷ ତଦନ୍ତ ଓ ଦାୟିତ୍ୱ ନିର୍ଦ୍ଧାରଣ ପାଇଁ ଦାବି ଜୋରଦାର ହୋଇଛି । ପୋଲିସ ଘଟଣାର ସମସ୍ତ ଦିଗକୁ ନେଇ ତଦନ୍ତ ଜାରି ରଖିଛି ।

# ବାଲେଶ୍ୱର ଏସପିଙ୍କୁ ଭେଟି ୫ ଦଫା ଦାବି ରଖିଲା କଂଗ୍ରେସ ତଥ୍ୟ ଅନୁସନ୍ଧାନକାରୀ ଦଳ

ବାଲେଶ୍ୱର(ନି.ପ୍ର.) ଜଳେଶ୍ୱରର ପଶ୍ଚିମବକ୍ଷଡ଼ ସ୍ଥିତ ଦେବକୁମାର ଗାଁ ର ନବମ ଶ୍ରେଣୀରେ ପଢୁଥିବା ଝିଅକୁ ଧର୍ଷଣ ପରେ ହତ୍ୟା ଘଟଣାର ଅନୁସନ୍ଧାନ ତଥା ବିହିତ କାର୍ଯ୍ୟକ୍ଷନୁଷ୍ଠାନ ଦାବି କରି ଆଜି ପିସିସି ସଭାପତି ଶ୍ରୀ ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ଏକ ତଥ୍ୟ ଅନୁସନ୍ଧାନକାରୀ ଦଳ ଜଳେଶ୍ୱର ଥାନାରେ ଦିବା ୧୨ଟକ୍ଷ ରେ ପହଂଚି ଥାନା ଅଧିକାରୀଙ୍କ ସହିତ ଆଲୋଚନା ପରେ ସେଠାରୁ ସେମାନେ ପଶ୍ଚିମବକ୍ଷଡ଼ ଯାଇ ମୃତକ ପରିବାର କୁ ଭେଟି ଘଟଣାର ସବିଶେଷ ତଥ୍ୟ ସଂଗ୍ରହ କରିଥିଲେ । ଏହି ଅନୁସନ୍ଧାନକାରୀ ଦଳରେ ଶ୍ରୀଯୁକ୍ତ ଅଶୋକ ଦାସ, ବିଧାନସଭାର କଂଗ୍ରେସ ଦଳର ଉପ ମୁଖ୍ୟସଚେତକ ତଥା ବାଲେଶ୍ୱର ଜିଲ୍ଲା ପ୍ରଭାରୀ ଶ୍ରୀଯୁକ୍ତ ବାଙ୍କ ବିହାରୀ ବେହେରା, ରାଜ୍ୟ ସାଧାରଣ ସମ୍ପାଦକ ତଥା ବାଲେଶ୍ୱର ଜିଲ୍ଲା ସହପ୍ରଭାରୀ, ଶ୍ରୀଯୁକ୍ତ ସୁଦର୍ଶନ ଦାସ, ନିର୍ବାଚନ ମଣ୍ଡଳୀ ନେତା ତଥା ରାଜୀବ ଗାନ୍ଧୀ ପଂଚାୟତି ରାଜ ସଂଗଠନର ରାଜ୍ୟ ଅ୍ମକ୍ଷ , ଶ୍ରୀଯୁକ୍ତ ସତ୍ୟ ଶିବ ଦାସ, ଜିଲ୍ଲା କଂଗ୍ରେସ ସଭାପତି,ଡ ମନୀଷା ଦାସ ପଟ୍ଟନାୟକ, ନାରୀନେତ୍ରୀ ତଥା କଂଗ୍ରେସ ଦଳର ରାଜ୍ୟ ପ୍ରବକ୍ତା, ଶ୍ରୀମତୀ ଉର୍ମିଳା ମାଝୀ, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ପ୍ରମୁଖ ଏହି ପ୍ରତିନିଧି ଦଳରେ ସାମିଲ ଥିଲେ କ୍ଷ ପୋଲିସର ଅବହେଳା ସେ ଝିଅର ଧର୍ଷଣ ଓ ହତ୍ୟା ପାଇଁ ଦାୟୀ କହିଲେ ଅତ୍ୟୁକ୍ତି ହେବ ନାହିଁ କ୍ଷ ଶାସକ ଦଳର ନେତାମାନଙ୍କ ପୋଲିସ ଉପରେ ପ୍ରଭାବ ମ୍ମ ଏହି ଘଟଣାକୁ ପ୍ରଭାବିତ କରିଛି କ୍ଷ ୧୬ ତାରିଖରୁ ୨୨ ତାରିଖ ଭିତରେ କେଉଁ ନେତାମାନେ ଆଇ ଆଇ ସି ଙ୍କୁ ଂୋନ କରିଛନ୍ତି ତାର ଯାଂଚ ହେବାକୁ କଂଗ୍ରେସ ଦାବି କରିଛି କ୍ଷ ଏହି ଧର୍ଷଣ ଓ ହତ୍ୟା ପଛରେ ଜଣେ ନୁହଁ, ଅଧିକ ଲୋକଙ୍କ ସମ୍ପୃକ୍ତି ରହିଛି କ୍ଷ ପ୍ରମାଣ ଲୁଚାଇବା ପାଇଁ ଯେଉଁ କେମିକାଲ ଓ ପଦ୍ଧତି ବ୍ୟବହାର କରାଯାଇଛି, ତାହା ମ୍ମ ଘଟଣାକୁ କୁହେଳିକା ଭିତରକୁ ନେଇଯାଇଛି କ୍ଷ ସେଥିପାଇଁ ଘଟଣାର କ୍ରାଇବ୍ରାଂଚ ତଦନ୍ତ ଦାବି କରିବା ସହିତ ଦୋଷୀ ପୋଲିସ ଅଧିକାରୀ ମାନଙ୍କୁ ବଦଳି ନୁହଁ, ସେମାନଙ୍କୁ ଚାକିରିରୁ ନିଲମ୍ବନ କରିବା ପାଇଁ କଂଗ୍ରେସ ଦାବି କରିଛି କ୍ଷ ଏହା ସହିତ ମୃତକ ପରିବାରକୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ଓ ମୃତ ଝିଅର ବଡ଼ ଭଉଣୀଙ୍କୁ ସରକାରୀ ଚାକିରି ମ୍ମ ଦାବି କରିଛି କଂଗ୍ରେସ ।ଜଳେଶ୍ୱର ଅଂଚଳରେ କ୍ରମଶଃ ଅପରାଧ ବୃଦ୍ଧି ପାଉଛି କ୍ଷ ମଦର ପ୍ରସାର ସହିତ ବାଲି ଓ ମାଟିର ଚୋରା କାରବାର ଇତ୍ୟାଦି ଏହି ଅପରାଧ ବଢ଼ିବା ପଛର କାରଣ ଏବଂ ଏଥିରେ ପୋଲିସ ଓ ସରକାରୀ ଦଳର ନେତାଙ୍କ ସମ୍ପୃକ୍ତି କୁ ନେଇ କଂଗ୍ରେସ ପ୍ରତିନିଧି ମଣ୍ଡଳୀ ମଧ୍ଯ ଉଦବେଗ ପ୍ରକାଶ କରିଛନ୍ତି । ଆଲୋଚନା ସମୟରେ କଂଗ୍ରେସ ଦଳର ଅନ୍ୟ ନେତା ଯଥା ଆଶିଷ ପଟ୍ଟନାୟକ, ଦେବଦତ ଦାସ, ବିଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।



# ବିଧାୟିକା ସୁବାସିନୀ ଜେନାଙ୍କ ହସ୍ତକ୍ଷେପ ପରେ ଆରମ୍ଭ ହେଲା ବସ୍ତା-ବାଲିଆପାଳ ମୁଖ୍ୟ ରାସ୍ତା ମରାମତି କାର୍ଯ୍ୟ

ବାଲେଶ୍ୱର, (ନି.ପ୍ର.): ଲଗାଣ ବର୍ଷା ଓ ବନ୍ୟା ଯୋଗୁଁ ଶୋଚନୀୟ ହୋଇପଡ଼ିଥିବା ବସ୍ତା-ବାଲିଆପାଳ ମୁଖ୍ୟ ରାସ୍ତାର ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ଶନିବାରଠାରୁ ଆରମ୍ଭ ହୋଇଛି । ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କ ହସ୍ତକ୍ଷେପ ଓ ତ୍ୱରିତ ପଦକ୍ଷେପ ପରେ ବିଭାଗୀୟ ପ୍ରଶାସନ ଏହି କାର୍ଯ୍ୟ ଆରମ୍ଭ କରିଛି ।ବସ୍ତାରୁ ବାଲିଆପାଳକୁ ସଂଯୋଗ କରୁଥିବା ଏହି ମୁଖ୍ୟ ରାସ୍ତାଟି ସ୍ଥାନୀୟ ଅଂଚଳର ଯାତାୟାତ ଓ ଗମନାଗମନ ପାଇଁ ଏକ ପ୍ରମୁଖ ଜୀବନରେଖା । ସମ୍ପ୍ରତି ପ୍ରବଳ ବର୍ଷା ଓ ବନ୍ୟା ପରେ ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଥିବାରୁ ଯାତାୟାତ ବିପଦସଙ୍କୁଳ ହୋଇପଡ଼ିଥିଲା । ଏହାଦ୍ୱାରା ହଜାର ହଜାର ଯାତ୍ରୀ, ସ୍ଥାନୀୟ ବାସିନ୍ଦା, ଛାତ୍ରଛାତ୍ରୀଙ୍କ ସମେତ ଜରୁରୀକାଳୀନ ସେବାରେ



ନିୟୋଜିତ ଆମ୍ବୁଲାନ୍ସଗୁଡ଼ିକର ଯାତାୟାତ ମଧ୍ୟ ବାଧାପ୍ରାପ୍ତ ହେଉଥିଲା । ଖରାପ ରାସ୍ତା ଯୋଗୁଁ ଦୁର୍ଘଟଣାର ଆଶଙ୍କା ବଢ଼ିବା ସହ ଜନସାଧାରଣଙ୍କ ସୁରକ୍ଷା ନେଇ ଚିନ୍ତା ପ୍ରକାଶ ପାଇଥିଲା ।ଏହି ଗୁରୁତର ସମସ୍ୟାକୁ ଦୃଷ୍ଟିରେ ରଖି ବିଧାୟିକା ସୁବାସିନୀ ଜେନା ବାଲେଶ୍ୱର ଜିଲ୍ଲାପାଳଙ୍କ ସହ ଆଲୋଚନା କରିବା ସହ ରାସ୍ତାର ମରାମତି କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତିରେ ଆରମ୍ଭ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ । ଏହାପରେ ଶନିବାରଠାରୁ ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି ।ଦୀର୍ଘଦିନ ଧରି ରାସ୍ତାର ଦୁରବସ୍ଥା ଯୋଗୁଁ ଯାତାୟାତରେ ହଇରାଣ ହେଉଥିବା ଅଂଚଳବାସୀ ମରାମତି କାର୍ଯ୍ୟ ଆରମ୍ଭ ହେବା ପରେ ଆଶ୍ୱସ୍ତି ପ୍ରକାଶ କରିଛନ୍ତି । ରାସ୍ତାର ମରାମତି କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ ହେଲେ ଅଂଚଳର ଗମନାଗମନ ବ୍ୟବସ୍ଥା ସ୍ୱାଭାବିକ ହେବା ସହ ଦୈନନ୍ଦିନ ଯାତାୟାତରେ ସୁବିଧା ମିଳିବ ବୋଲି ଆଶା କରାଯାଉଛି ।

# ଟିଆଖିଆରେ ବିଜୟା ଦଶମୀ ଉତ୍ସବ ଓ ପଥ ସଂଚାଳନ

ବାଲେଶ୍ୱର,(ନି.ପ୍ର.): ବୁଧବାର ସକାଳ ୮ଘଟିକାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଟିଆଖିଆ ଠାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ସଦର ଖଣ୍ଡର ବିଜୟା ଦଶମୀ ଓ ଶାସ୍ତ୍ର ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବ ପ୍ରାରମ୍ଭରେ ଗୈରିକ ଧ୍ୱଜ ଉତୋଳନ ପରେ ମୁଖ୍ୟ ଅତଥି ସମାଜସେବୀ ସତ୍ୟବତୀ ଦାସ, ଦୀପ ପ୍ରଜ୍ୱଳନ କରିଥିଲେ । ବାଲେଶ୍ୱର ଜିଲ୍ଲାର ବୌଦ୍ଧିକ ପ୍ରମୁଖ ମାନନୀୟ ରାଜେନ୍ଦ୍ର ନାଥ ମୁଖ୍ୟବକ୍ତା ଭାବେ ବିଜୟା ଦଶମୀର ମହତ୍ୱ ଏବଂ ରାଷ୍ଟ୍ରପତି ଆମର କର୍ତବ୍ୟ



ବିଷୟରେ ବକ୍ତବ୍ୟ ରଖିଥିଲେ । ସଦର ଖଣ୍ଡର କାର୍ଯ୍ୟବାହ ସନାତନ ବାରିକ ମଂଚାସୀନ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ସଦର ଖଣ୍ଡର ପ୍ରବାସୀ କାର୍ଯ୍ୟକର୍ତାମାନେ ପରିଚାଳନା କରିଥିଲେ । ଶେଷରେ ଘୋଷ ବାଦ୍ୟ ସହିତ ଏକ ଭବ୍ୟ ପଥ ସଂଚାଳନ ଟିଆଖିଆରୁ ବାହାରି ବେଲଦାରେ ଶେଷ ହୋଇଥିଲା ପଥ ସଂଚାଳନକୁ ରାସ୍ତାର ଦୁଇପାର୍ଶ୍ୱରେ ମା ଭଉଣୀମାନେ ଶଙ୍ଖ ବଜାଇ ପୁଷ୍ପ ଦ୍ୱାରା ସ୍ୱାଗତ କରିଥିଲେ ।

# ଜଳେଶ୍ୱର ନାବାଳିକା ଦୁଷ୍କର୍ମ ଓ ହତ୍ୟାକାରୀକୁ କଠୋର ଶାସ୍ତି ଦାବି

ବାଲେଶ୍ୱର (ନି.ପ୍ର.)- ଜଳେଶ୍ୱର ବ୍ଲକ ର ଜନୈକା କୁ ଗଣ ଦୁଷ୍କର୍ମ ଓ ହତ୍ୟାକାରୀମାନଙ୍କୁ କଠୋର ଶାସ୍ତି ଦାବିରେ ଏ ଆଇ ଡି ଏସ ଓ ବାଲେଶ୍ୱର ଜିଲ୍ଲା କମିଟି ପକ୍ଷରୁ ଆଜି ବାଲେଶ୍ୱର ଏସ ପି ଅଫିସ ସମ୍ମୁଖରେ ବିକ୍ଷୋଭ କାର୍ଯ୍ୟକ୍ରମ କରାଯାଇଛି କ୍ଷ ପ୍ରକାଶ ଥାଉ କି ଗତ ୧୬ ଅକ୍ଟୋବର ଦିନ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଗୌରୀବେଲଦା ଗ୍ରାମର ଜନୈକା ନାବାଳିକା କୁ ଗଣ ଧର୍ଷଣ କରାଯାଇ ଅତି ନୃଶଂସ ଭାବେ ହତ୍ୟା କରି ପେଟ୍ରୋଲ ଢାଳି ପୋଡିଦିଆଯାଇଛି କ୍ଷ ଏହି ଭଳି ସମ୍ବେଦନଶୀଳ ଘଟଣାରେ ସମ୍ପୃକ୍ତ ଅପରାଧୀକୁ ପୋଲିସ ପ୍ରଥମେ କେବଳ କିଛି କଥାହୋଇ ଛାଡିଦେଇଥିଲେ କ୍ଷ ଯାହାକି ପୋଲିସ ବିଭାଗର ଅପରାଧୀସୁଲଭ ଏବଂ ଘଟଣାକୁ ଘଂଟ ଘୋଡାଇବା ମନଭାବକୁ ସୂଚାଉଛି କ୍ଷ ଆଜକୁ ଆଠ ଦିନ




ବିତିଯାଇଥିଲେ ବି ଏବଂ ଘଟଣାରେ ଅନେକ ବ୍ୟକ୍ତି ସମ୍ପୃକ୍ତ ଥିଲେବି ପୋଲିସ କେବଳ ଜଣକୁ ଆରେଷ୍ଟ କରିା ଅତ୍ୟନ୍ତ ବେଦନାର ବିଷୟ ଅଟେ କ୍ଷତେଣୁ ପୋଲିସ ର କାର୍ଯ୍ୟକଳାପ ଉପରେ ଘୋର ସନ୍ଦେହ ଜନକ ଅଟେ କ୍ଷ ତେଣୁ ଘଟଣାର ସମ୍ପୃକ୍ତ ସମସ୍ତ ଅପରାଧୀକୁ ତୁରନ୍ତ ଗିରଫ କରାଯାଉ , ଘଟଣାକୁ ଫାଷ୍ଟ ଟ୍ରାକ କୋର୍ଟ ରେ ବିଚାର କରାଯାଇ ଦୋଷୀମାନଙ୍କୁ କଠୋରରୁ କଠୋର ତମ ଶାସ୍ତି ପ୍ରଦାନ କରାଯାଉ , ଉକ୍ତ ନାବାଳିକାର ପରିବାରକୁ ୨୦ ଲକ୍ଷ ଅର୍ଥ ରାଶି କ୍ଷତି ପୂରଣ ଦିଆଯାଉ,ଅପରାଧୀ ମାନଙ୍କୁ ଘଂଟ ଘୋଡାଇବାକୁ ଚେଷ୍ଟା କରୁଥିବା ପୋଲିସ ଅଫିସରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ମଦ ମାଦକ ଦ୍ରବ୍ୟର ବିକ୍ରି ବନ୍ଦ କରାଯାଉ ତଥା ଗଣମାଧ୍ୟମ ରେ ଅଶ୍ଲୀଳତା ଓ ନଗ୍ନତା ର ପ୍ରଚାର ପ୍ରସାର ବନ୍ଦ କରାଯାଉ ଇତ୍ୟାଦି ଦାବିରେ ଆଜି ଏହି ବିକ୍ଷୋଭ କାର୍ଯ୍ୟକ୍ରମ କରାଯାଇଛି କ୍ଷ ଜିଲ୍ଲା ସମ୍ପାଦକ ପ୍ରଶାନ୍ତ କୁମାର ଦାସଙ୍କ ନେତୃତ୍ୱ ରେ କରାଯାଇଥିବା ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ଉପସଭାପତି ମନୋଜ କୁମାର ପାତ୍ର, କୃଷ୍ଣ ପଟ୍ଟାୟତ, ସୁଜିତ ନାୟକ, ବାବୁଲା ନାୟକ ପ୍ରମୁଖ ସହଯୋଗ କରିଥିଲେ ।




ଶେଷରେ ଜଗତ ଜନନୀ ମା' ଦୁର୍ଗା ଧରାପୃଷ୍ଠରୁ ମହିଳାମାନଙ୍କ ସହ ରଙ୍ଗ ଖେଳିବା ସଂଗେ ସଂଗେ ଝୁଣା ନୃତ୍ୟରେ ଆଶୀଷ ଅଜାଡ଼ି ବିଦାୟ ନେଇଛନ୍ତି ଧରାପୃଷ୍ଠରୁ । ଚଳିତ ବର୍ଷ ବିଭିନ୍ନ ମଣ୍ଡପରେ ମହିଳାମାନଙ୍କ ଦ୍ୱାରା ରଙ୍ଗଖେଳି, ଝୁଣା ଉତ୍ସବ, ଅପରାଜିତା ପୂଜନ ଏବଂ ଶ୍ରଦ୍ଧାଂଜଳି ଓ ଡାଲାପୂଜା ଇତ୍ୟାଦି କାର୍ଯ୍ୟକ୍ରମ ସୂଚାରୁ ରୂପେ ପରିଚାଳନା କରାଯିବା ସହ ମା'ଙ୍କୁ ବିଦାୟ ଦିଆଯାଇଛି । ଅନେକ ଶ୍ରଦ୍ଧାଳୁ ମା'ଙ୍କ ପ୍ରତିମୂର୍ତିକୁ ଜାବୁଡ଼ିଧରି ବିଶ୍ୱ ଶାନ୍ତି, ରାଜ୍ୟ ଶାନ୍ତି, ଭାରତବର୍ଷ ଶାନ୍ତି ଓ ଜିଲ୍ଲା ଶାନ୍ତି ଏବଂ ପରିବାରର ସୁରକ୍ଷା ପ୍ରାର୍ଥନା କରି କାନ୍ଦୁଥିବା ଦେଖିବାକୁ ମିଳିଛି । (ଫଟୋ-ଦେବବ୍ରତ ପାଣିଗ୍ରାହୀ)

# ବାଲେଶ୍ୱରରେ ମା'ଙ୍କ ଭସାଣି ଉତ୍ସବ ପରେ ଅଳିଆମୟ ସହରର ରାସ୍ତାଘାଟ

ବାଲେଶ୍ୱର,(ନି.ପ୍ର.): ବାଲେଶ୍ୱର ସହରରେ ଗୁରୁବାର ଦିନତମାମ ମା' ଦୁର୍ଗାଙ୍କ ଭସାଣି ଉତ୍ସବ ସମ୍ପନ୍ନ ହୋଇଛି । ବାଲିଘାଟରେ ୫୧ଟି ଓ ନୁଣିଆଯୋଡ଼ିରେ ୩୫ଟି ମେଢ଼ ବିସର୍ଜନ ପାଇଁ ବ୍ୟବସ୍ଥା ହୋଇଥିବା ବେଳେ ଭସାଣି ଶୋଭାଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ସହରରେ ୮ ପ୍ଲାଟୁନ୍‌ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା । ସକାଳୁ ଆରମ୍ଭ ହୋଇଥିବା ବିସର୍ଜନ ପ୍ରକ୍ରିୟାରେ ବିଭିନ୍ନ ପୂଜା ମଣ୍ଡପର ମେଢ଼ ସିନେମା ଛକ ଦେଇ ନିର୍ଦ୍ଧାରିତ ବିସର୍ଜନ ସ୍ଥଳକୁ ଯାଇଥିବା ବେଳେ ସନ୍ଧ୍ୟାରେ ସିନେମା ଛକରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମିଥିଲା । ତେବେ ଭସାଣି ପରେ ସହରରେ ଶବ୍ଦ, ବାୟୁ ଓ ପରିବେଶ ପ୍ରଦୂଷଣକୁ ନେଇ ବହୁ ବରିଷ୍ଠ ନାଗରିକ ଉଦ୍‌ ?ବେଗ ପ୍ରକାଶ କରିଛନ୍ତି ।ଭସାଣି ଉତ୍ସବ ଅବସରରେ ସହରର ବିଭିନ୍ନ ଅଂଚଳରୁ ଆସିଥିବା ମେଢ଼ଗୁଡ଼ିକ ସିନେମା ଛକରେ ଏକାଠି ହୋଇ ଲମ୍ବା ଧାଡ଼ିରେ ଶୋଭାଯାତ୍ରା କରିଥିଲେ । ପ୍ରଶାସନ ପକ୍ଷରୁ ସିନେମା ଛକ ଦେଇ ବାଲିଘାଟରେ ବିସର୍ଜନ ପାଇଁ ବ୍ୟବସ୍ଥା କରାଯାଇଥିଲା । ପୁଲିସ ସୂଚନା ଅନୁଯାୟୀ, ବାଲିଘାଟରେ ୫୧ଟି ମେଢ଼ ବିସର୍ଜନ ପାଇଁ ସ୍ଥିର ହୋଇଥିବା ବେଳେ ନୁଣିଆଯୋଡ଼ିରେ ୩୫ଟି ମେଢ଼ ବିସର୍ଜନର ଯୋଜନା ରହିଥିଲା ।ଭସାଣି ଶୋଭାଯାତ୍ରାରେ ଅତ୍ୟଧିକ ଶବ୍ଦ ସୃଷ୍ଟି କରୁଥିବା ମାଇକ୍‌ ଓ ଡିଜେ ବାଜୁଥିବାରୁ ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣକୁ ନେଇ ପ୍ରଶ୍ନ ଉଠିଛି । ଶବ୍ଦ ପ୍ରଦୂଷଣ ପ୍ରତି ଜିଲ୍ଲା ପ୍ରଶାସନ ଆଖି ବୁଜି ଦେଇଥିବା ଅଭିଯୋଗ କରିଛନ୍ତି ସହରର କେତେକ ବରିଷ୍ଠ ନାଗରିକ । ଡିଜେ ବାଜା ଉପରେ କଟକଣା ଥିବା ସତ୍ତ୍ୱେ ଶୋଭାଯାତ୍ରାରେ ଅତ୍ୟଧିକ ଶବ୍ଦରେ ମାଇକ୍‌ ଓ ଡିଜେ ବାଜିବା ଘଟଣା ପ୍ରଶାସନର ନିୟନ୍ତ୍ରଣ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।ଅନ୍ୟପକ୍ଷରେ, ଭସାଣି ପରଦିନ ସକାଳେ ସହରର ପ୍ରାୟ ପ୍ରତ୍ୟେକ ରାସ୍ତା ଅଳିଆ ଆବର୍ଜନାରେ ଭରି ରହିଥିବା ଦେଖାଯାଇଥିଲା । ଆତସବାଜି ଓ ବାଣ ଫୁଟାଇବା ପରେ ଏଣେତେଣେ ପଡ଼ିଥିବା ଟୁକୁରା କାଗଜ ଓ ଅନ୍ୟାନ୍ୟ ଆବର୍ଜନା ସହରର ରାସ୍ତାଘାଟକୁ ଅପରିଷ୍କାର କରିଦେଇଥିଲା । ଉତ୍ସବ ପରେ ତୁରନ୍ତ ସଫେଇ ବ୍ୟବସ୍ଥା କରାଯାଇ ନଥିବାରୁ ସହରର ପରିମଳ ବ୍ୟବସ୍ଥା ନେଇ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଛି । ବାୟୁ ପ୍ରଦୂଷଣ, ପରିବେଶ ପ୍ରଦୂଷଣ ଓ ଶବ୍ଦ ପ୍ରଦୂଷଣ ଯୋଗୁଁ ସହରବାସୀ



ଅତିଷ୍ଠ ହୋଇପଡ଼ିଥିବା ବହୁ ବରିଷ୍ଠ ନାଗରିକ ମତବ୍ୟକ୍ତ କରିଛନ୍ତି । ପର୍ବପର୍ବାଣି ପାଳନ ସହିତ ପରିବେଶର ସୁରକ୍ଷା, ଶବ୍ଦ ନିୟନ୍ତ୍ରଣ ଓ ସହରର ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସେମାନେ ମତ ଦେଇଛନ୍ତି । ଭସାଣି ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ୮ ପ୍ଲାଟୁନ୍‌ ଫୋର୍ସ ମୁତୟନ ସହ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ହୋଇଥିଲା । ବରିଷ୍ଠ ପୁଲିସ ଅଧିକାରୀମାନେ ସମଗ୍ର ଭସାଣି ପ୍ରକ୍ରିୟା ଉପରେ ନଜର ରଖିଥିଲେ । ତେବେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଓ ମେଢ଼ଗୁଡ଼ିକର ଲମ୍ବା ଧାଡ଼ି ଯୋଗୁଁ ସହରର ବିଭିନ୍ନ ସ୍ଥାନରେ ଟ୍ରାଫିକ୍‌ ସମସ୍ୟା ଦେଖାଦେଇଥିଲା । କେତେକ ଅମାନିଆ ଚାଳକ ଜୋରଜବରଦସ୍ତ ଗାଡ଼ି ଭିଡ଼ ମଧ୍ୟକୁ ପୂରାଇବାରୁ ଯାତାୟାତରେ ଅଧିକ ବାଧା ସୃଷ୍ଟି ହୋଇଥିଲା । ଉତ୍ସବର ଆନନ୍ଦ ସହିତ ପରିବେଶର ସୁରକ୍ଷା ଓ ନାଗରିକଙ୍କ ସ୍ୱାସ୍ଥ୍ୟ ପ୍ରତି ଦାୟିତ୍ୱବୋଧ ରଖିବା ଉପରେ ଗୁରୁତ୍ୱ ଦେବାକୁ ସହରର ବରିଷ୍ଠ ନାଗରିକମାନେ ଆହ୍ୱାନ ଦେଇଛନ୍ତି ।

# ବିଜେପି ନେତାଙ୍କ କନ୍ୟାପୂଜନ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ




ଖଇରା(ନିପ୍ର): ପ୍ରତିବର୍ଷ ଭଳି ବାଲେଶ୍ୱର ଜିଲା ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ପଂଚାୟତ ଅଧୀନ ପାର୍ବତୀପୁର ଗ୍ରାମରେ ବିଜେପି ନେତା ତଥା ବିଜେପିର ପୂର୍ବତନ ରାଜ୍ୟ ମୁଖପାତ୍ର ଠାକୁର ରଞ୍ଜିତ ଦାସ ଓ ସ୍ତ୍ରୀ ସ୍ୱପ୍ନରାଣୀଙ୍କ ଆବାହକତ୍ୱରେ କନ୍ୟାପୂଜନ ତଥା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ପ୍ରଥମେ ହିନ୍ଦୁ ପରମ୍ପରା ଅନୁଯାୟୀ ଶକ୍ତିର ପ୍ରତିକ ଭାବେ ଶିଶୁ କନ୍ୟାମାନଙ୍କର ପୂଜାର୍ଚ୍ଚନା କରାଯିବା ସହ ସେମାନଙ୍କୁ ଉପହାର ପ୍ରଦାନ କରାଯାଇଥିଲା । ପରେ ଆୟୋଜିତ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଖଇରା ସମେତ ସିମୁଳିଆ, ଔପଦା ଓ ସୋର ଅଂଚଳରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ସାମ୍ବାଦିକ ମାନେ ଖଇରା ର ବିଭିନ୍ନ ସମସ୍ୟା ଉପରେ ଶ୍ରୀଦାସଙ୍କ ସହ ଆଲୋଚନା କରିଥିଲେ । ବିଶେଷ କରି ନିଳଗିରିରୁ ଔପଦା ଖଇରା ଦେଇ କେନ୍ଦୁଝର ପର୍ଯ୍ୟନ୍ତ ରେଳ ଲାଇନ ସଂପ୍ରସାରଣ କାର୍ଯ୍ୟ କରାଯିବା ସମ୍ପର୍କରେ ସାମ୍ବାଦିକ ମାନେ ଶ୍ରୀଦାସଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଭଦ୍ରକ ଓ ବାଲେଶ୍ୱର ୨ଟି ଜିଲା ପୃଥକ ଜୋନ ମଧ୍ୟରେ ରହୁଥିବାରୁ ଆନୁସଙ୍ଗିକ କାର୍ଯ୍ୟରେ କିଛିଟା ବାଧା ରହୁଛି । ଏ ପ୍ରସଙ୍ଗରେ ସେ କେନ୍ଦ୍ର ରେଳ ମନ୍ତ୍ରୀକୁ ଦେଖାକରି ଆଲୋଚନା କରିଛନ୍ତି । ଏହି କାର୍ଯ୍ୟକୁ ନେଇ ସେ ସବୁଜ ସଙ୍କେତ ମଧ୍ୟ ମିଳିଥିବା କହିଥିଲେ । ଏହା ପୂର୍ବରୁ ଶ୍ରୀ ଦାସଙ୍କ ପ୍ରଚେଷ୍ଟାରେ ଖଇରା, ଗଣ୍ଡିବେଢ ଠାରେ ଜାତୀକରଣ ବ୍ୟାଙ୍କର ଶାଖା ଖୋଲାଯିବା, ଗଣ୍ଡିବେଢକୁ ଉପଡାକଘର ମାନ୍ୟତା ପ୍ରଦାନ, ଖଇରା ଠାରେ ଜିବନ ବିମା ନିଗମର ଶାଖା ଖୋଲାଯିବା ଭଳି କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିବାରୁ ତାଙ୍କ ନିକଟରୁ ଖଇରା ଓ ସିମୁଳିଆବାସୀ ଅନେକ କିଛି ଆଶା ରଖିଥିବା ନେଇ ସାମ୍ବାଦିକ ମାନେ ପ୍ରକାଶ କରିଥିଲେ ।

# ଶୋଭା ପାଉଛି 'ପରୁଆଭାଡି' ଜଳପ୍ରପାତ: ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟରେ ମନ ମୋହୁଛି ମନୋରମ ପରିବେଶ

ନୂଆପଡ଼ା/ବୋଡ଼େନ(ନିପ୍ର): ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ୍ ଅନ୍ତର୍ଗତ ଘଂଚ ବଣ-ପାହାଡ଼ ଏବଂ ଦୁର୍ଗମ ପାଟଦରା ଜଙ୍ଗଲ ମଧ୍ୟରେ ଲୁଚି ରହିଥିବା ପ୍ରକୃତିର ଏକ ଅପରୂପ ସୌନ୍ଦର୍ଯ୍ୟ 'ପରୁଆଭାଡି' ଜଳପ୍ରପାତ ବର୍ତ୍ତମାନ ସମୟରେ ବେଶ୍ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ପ୍ରକୃତିର ସବୁଜ ବନାନୀ ଗର୍ଭରୁ ନିର୍ଗତ ହୋଇ ଆସୁଥିବା ଏହି ଜଳପ୍ରପାତର କଳକଳ ନାଦ ଏବଂ ଚତୁର୍ପାର୍ଶ୍ୱର ମନୋମୁଗ୍ଧକର ପରିବେଶ ଦର୍ଶକଙ୍କ ପ୍ରାଣରେ ଏକ ଅପୂର୍ବ ଶାନ୍ତି ଓ ଆନନ୍ଦ ଭରି ଦେଉଛି । ସ୍ଥାନୀୟ ଅଂଚଳବାସୀ ଏହି ମନୋରମ ଜଳପ୍ରପାତକୁ ଶ୍ରଦ୍ଧାରେ 'ପରୁଆଭାଡି ଜଳପ୍ରପାତ' ଭାବେ ନାମକରଣ କରିଛନ୍ତି । ବିଶେଷକରି ପଥର ଚଟାଣ ଉପରେ କୁଳୁକୁଳୁ ନାଦ କରି ଏକାସାଙ୍ଗେ ଛଅ ଗୋଟି



ଥାକ ଦେଇ ନିର୍ଗତ ହେଉଥିବା ଜଳପ୍ରପାତର ଜଳରାଶି ଯେପରି ପ୍ରକୃତି ସହ ମିଶି କଥା ହେଉଥିବା ପରି ପ୍ରତୀୟମାନ ହୁଏ । ଆକାଶରୁ ପଡୁଥିବା ସୂର୍ଯ୍ୟଙ୍କ ଝିକ୍‌ମିକ୍ କିରଣର ଆଲୋକ ରଶ୍ମି ଯେତେବେଳେ ଜଳଧାରା ଉପରେ ପଡ଼େ, ସେତେବେଳେ ସମଗ୍ର ପରିବେଶଟି ଏକ ଅଲୌକିକ ଓ ଆକର୍ଷକ ରୂପ ଧାରଣ କରିଥାଏ । ପ୍ରକୃତି ପ୍ରେମୀ ଏବଂ ପର୍ଯ୍ୟଟକଙ୍କ ପାଇଁ ଏହା ଏକ ପୂର୍ଣ୍ଣାଙ୍ଗ ଅନୁଭୂତି ପ୍ରଦାନ କରୁଥିଲେ ମଧ ଏଠାକାର ଯାତାୟାତ ବ୍ୟବସ୍ଥା ଅତ୍ୟନ୍ତ ଦୁର୍ବଳ ରହିଛି । ଏହି ଜଳପ୍ରପାତକୁ ଯିବା ପାଇଁ ପକ୍କା କିମ୍ବା ସୁବିଧାଜନକ ରାସ୍ତା ନଥିବାରୁ ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କୁ ବହୁ କଷ୍ଟ ସ୍ୱୀକାର କରି ପାଟଦରା ଗ୍ରାମରୁ କାଦୁଅ, ପଥର ଓ ଜଙ୍ଗଲରାସ୍ତାରେ ଚାଲି ଚାଲି ଯିବାକୁ ପଡୁଛି । ଯାତାୟାତର ଅସୁବିଧା ଯୋଗୁଁ ଆଶାଜନକ ଭାବେ ପର୍ଯ୍ୟଟକମାନେ ଏଠାରେ ପହଂଚି ପାରୁନାହାନ୍ତି । ତେଣୁ, ଏହି ପ୍ରାକୃତିକ ପର୍ଯ୍ୟଟନ କ୍ଷେତ୍ରର ବିକାଶ ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ଜିଲ୍ଲା ପ୍ରଶାସନ ଏବଂ ସଂପୃକ୍ତ ବିଭାଗ ପକ୍ଷରୁ ଦୃଷ୍ଟି ଦେବା ଜରୁରୀ ହୋଇପଡ଼ିଛି । ଜଳପ୍ରପାତକୁ ସଂଯୋଗ କରୁଥିବା ରାସ୍ତାଘାଟ ନିର୍ମାଣ ସହିତ ଏହାକୁ ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଭାବରେ ମାନ୍ୟତା ଦେଇ ଆବଶ୍ୟକୀୟ ଭିତିଭୂମି ବିକଶିତ କଲେ ଏହା ଜିଲ୍ଲାର ପର୍ଯ୍ୟଟନ ଶିଳ୍ପକୁ ଏକ ନୂତନ ଦିଗ୍ ?ଦର୍ଶନ ଦେବ ବୋଲି ବୁଦ୍ଧିଜୀବୀ ଓ ସ୍ଥାନୀୟ ଜନସାଧାରଣରେ ମତ ପ୍ରକାଶ ପାଇଛି ।

# ଗଞ୍ଜାମ ଜିଲ୍ଲାର କଳାକାରଙ୍କ ଅଡିସନ୍ ଆରମ୍ଭ

ବ୍ରହ୍ମପୁର/ଛତ୍ରପୁର(ନିପ୍ର): ଗଞ୍ଜାମ ଜିଲ୍ଲାର ବିଭିନ୍ନ ବର୍ଗରେ କଳାକାରମାନେ ସିଟିଏମ୍‌ଏସ୍ ପୋର୍ଟାଲରେ ପଞ୍ଜୀକରଣ କରିଛନ୍ତି । ଏହି ପଞ୍ଜୀକୃତ କଳାକାରମାନଙ୍କ ଅଡିସନ୍ ? ୨୩ ଅକ୍ଟୋବର ୨୦୨୬ ତାରିଖରୁ ଛତ୍ରପୁରସ୍ଥିତ ଜିଲ୍ଲା ସଂସ୍କୃତି ଭବନଠାରେ ଆରମ୍ଭ ହେବ । ସକାଳ ୧୦ଟା ୩୦ ମିନିଟ୍ ?ରେ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ଏହାର ଶୁଭାରମ୍ଭ କରାଯିବ । ଏହି ଅଡିସନ୍‌ରେ ସଂକୀର୍ତ୍ତନ, ଘଂଟ ମୃଦଙ୍ଗ ସମେତ ବିଭିନ୍ନ ଲୋକନୃତ୍ୟ, ଲୋକନାଟକ, ନାଟକ, ଓଡ଼ିଶୀ, ସମ୍ବଲପୁରୀ ଓ ଆଦିବାସୀ କଳା



ଏବଂ ବିଭିନ୍ନ ସଙ୍ଗୀତ ଓ ବାଦ୍ୟଯନ୍ତ୍ର କଳାର ପଞ୍ଜୀକୃତ କଳାକାରମାନେ ଅଂଶଗ୍ରହଣ କରିବେ । ଲୋକନୃତ୍ୟ ବିଭାଗରେ ପାଇକ ଆଖଡ଼ା, ଓସାକୋଠି, କଣ୍ଢେଇ ନାଚ, କାଠପାଦ ନୃତ୍ୟ, ପଶୁମୁଖା ନୃତ୍ୟ, ଦଣ୍ଡନାଟ, ଦାସକାଠିଆ, ଗୋଲାନାଚ, ଘଟ ନୃତ୍ୟ, ଦଣ୍ଡପାଟୁଆ, ଘୁଡୁକି, ଘୋଡ଼ାନାଚ, ଚକୁଳିଆପଣ୍ଡା, ଚାଙ୍ଗୁ ନୃତ୍ୟ, ଯୋଡ଼ିଶଙ୍ଖ, ରଣପା, ଲଉଡ଼ି, ସଖୀ ନାଟ, ସିଂହ ବାଦ୍ୟ, ସୁଆଙ୍ଗ, ସୁତା କଣ୍ଢେଇ ନୃତ୍ୟ, ହରିକଥା, ରଙ୍ଗଧୋଳ ଓ ଯାଦୁ ଆଦି କଳାରୂପ ସ୍ଥାନ ପାଇଛି । ସେହିପରି ଲୋକନାଟକ ଓ ନାଟକ ବିଭାଗରେ ପ୍ରହଲ୍ଲାଦ ନାଟକ, ପାଲା, ଭାରତ ଲୀଳା, କୃଷ୍ଣ ଲୀଳା, ଗୀତିନାଟ୍ୟ, ରାଧାପ୍ରେମ ଲୀଳା, ରାମ ନାଟକ, ରାମଲୀଳା ଓ ସାମାଜିକ ନାଟକ ରହିଛି । ଓଡ଼ିଶୀ, ଢେମସା, ସମ୍ବଲପୁରୀ, ସାନ୍ତାଳୀ, ଡଙ୍ଗରିଆ କନ୍ଧ ନୃତ୍ୟ ଓ କୋରାସ୍ ସମେତ ଭଜନ ଓ ଭକ୍ତି ସଙ୍ଗୀତ, ଓଡ଼ିଶୀ ସଙ୍ଗୀତ, କର୍ଣ୍ଣାଟକୀ ସଙ୍ଗୀତ, ଦେଶଭକ୍ତି ସଙ୍ଗୀତ, ସୁଗମ ସଙ୍ଗୀତ ଏବଂ ବିଭିନ୍ନ ବାଦ୍ୟଯନ୍ତ୍ର କଳାର କଳାକାରମାନେ ମଧ ଏହି ଅଡିସନ୍‌ରେ ଭାଗ ନେବେ । ଏହା ମାଧମରେ ଜିଲ୍ଲାର ବିଭିନ୍ନ ପାରମ୍ପରିକ ଓ ସାଂସ୍କୃତିକ କଳାକାରମାନଙ୍କ ପ୍ରତିଭାକୁ ଚିହ୍ନଟ କରିବା ସହ ସେମାନଙ୍କ କଳାର ପ୍ରଦର୍ଶନ ପାଇଁ ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟ ରହିଛି ।

# ବଜାରରେ ଟ୍ରାଫିକ୍ ଯନ୍ତ୍ରଣା, ଜବରଦଖଲ ଓ ବେଆଇନ ପାର୍କିଂରୁ ଯାତାୟାତ ବାଧାପ୍ରାପ୍ତ



ଧାମନଗର(ନିପ୍ର): ଧାମନଗର ବଜାରରେ ଟ୍ରାଫିକ୍ ସମସ୍ୟା ଦିନକୁ ଦିନ ଉକ୍ରଟ ହେଉଛି । ବାସନ୍ତୀ ଦୁର୍ଗା ମଣ୍ଡପଠାରୁ ବଡ଼ବଜାର, ଥାନା ଛକ, ହାଟ ଦେଇ ମେଡିକାଲ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଉଠାଦୋକାନ ଓ ରାସ୍ତା ଉପରେ ଗାଡ଼ି ପାର୍କିଂ ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ହେଉଛି । ବିଶେଷକରି ସନ୍ଧ୍ୟା ସମୟରେ ଟ୍ରାଫିକ୍ ଜାମ୍ ଯୋଗୁଁ ଲୋକେ ହଇରାଣ ହେଉଛନ୍ତି । ଫାଷ୍ଟଫୁଡ୍ ଓ ଅନ୍ୟ ଖାଦ୍ୟ ଦୋକାନ ନିକଟରେ ଗାଡ଼ି ରଖି ଖାଦ୍ୟ ଖାଉଥିବାରୁ ରାସ୍ତା ସଂକୁଚିତ ହୋଇପଡୁଛି । ଫଳରେ ଭଦ୍ରକରୁ ଷେଣ୍ଡପୁର ଯାତାୟାତ କରୁଥିବା ବସ୍, ଟ୍ରକ୍ ସମେତ ଅନ୍ୟ ଯାନବାହନ ଜାମ୍‌ରେ ଫସି ରହୁଛନ୍ତି । ରବିବାର ଓ ବୁଧବାର ହାଟବାର ହୋଇଥିବାରୁ ଦିନରୁ ସନ୍ଧ୍ୟା ପର୍ଯ୍ୟନ୍ତ ବଜାରରେ ଭିଡ଼ ଲାଗି ରହୁଛି । ଏଥିଯୋଗୁଁ ପଥଚାରୀଙ୍କ ଯାତାୟାତ ମଧ କଷ୍ଟକର ହେଉଛି । ପୂର୍ବରୁ ତତ୍କାଳୀନ ତହସିଲଦାର ରମେଶ ଜେନାଙ୍କ ଉଦ୍ୟମରେ ବଜାରରେ ମାପଚୁପ କରାଯାଇ ଜବରଦଖଲ ଉଚ୍ଛେଦ ହୋଇଥିଲା । ଏଥିସହ ଆର ଆଣ୍ଡ ବି ବିଭାଗ ପକ୍ଷରୁ ରାସ୍ତାର ସୀମା ନିର୍ଦ୍ଧାରଣ କରାଯାଇ ଖୁଂଟ ପୋତା ଯାଇଥିଲା । ମାତ୍ର କିଛି ବର୍ଷ ମଧ୍ୟରେ ଖୁଂଟଗୁଡ଼ିକ ଭାଙ୍ଗିଯିବା ପରେ ପୁନର୍ବାର ଜବରଦଖଲ ବଢ଼ିବାରେ ଲାଗିଛି । କେତେକ ସ୍ଥାନରେ ଘର ଓ ଦୋକାନ ନିର୍ମାଣ ହୋଇଥିବାବେଳେ ଅନ୍ୟ କେତେକ ସ୍ଥାନରେ ନିର୍ମାଣ କାର୍ଯ୍ୟ ଚାଲିଥିବା ଅଭିଯୋଗ ହେଉଛି । ଧାମନଗର ବିଜ୍ଞାପିତ ଅଂଚଳ ପରିଷଦ ପକ୍ଷରୁ ଜବରଦଖଲ ନିୟନ୍ତ୍ରଣ, ଉଠା ଦୋକାନ ସ୍ଥାନାନ୍ତର ଓ ବେଆଇନ ନିର୍ମାଣ ଉଚ୍ଛେଦ ଦିଗରେ ପଦକ୍ଷେପ ନିଆଯିବା ଆବଶ୍ୟକ । ମାଷ୍ଟର ପ୍ଲାନ୍ ନଥିବା ଏବଂ ରାସ୍ତା ଉପରେ ପାର୍କିଂ ନିୟନ୍ତ୍ରଣ ହେଉନଥିବାରୁ ସମସ୍ୟା ଜଟିଳ ହେଉଛି । ତେଣୁ ଧାମନଗର ବଜାରର ଟ୍ରାଫିକ୍ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି । ଏନେଇ ଏନଏସି ଅଧିକାରୀ ଦେବବ୍ରତ ମହାପାତ୍ରଙ୍କୁ ପଚାରିବାରୁ କୁହନ୍ତି ପ୍ରଥମଥର ଉଠା ଦୋକାନୀଙ୍କୁ ନୋଟିସ୍ ଦିଆଯାଇଛି । ୨ୟ ଥର ନୋଟିସ୍ ପ୍ରଦାନ କରାଯିବା ପରେ ଉଠା ଦୋକାନୀ ନାଗଲେ ତାଙ୍କ ଉପରେ ଜୋରିମାନା କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ଛାତ୍ରୀ ଦୁଷ୍କର୍ମ ଓ ବୀଭତ୍ସ ହତ୍ୟା ବିରୁଦ୍ଧରେ ଆନ୍ଦୋଳନ ତେଜୁଛି: ୩ ଯୁବକ ଅଟକ

ଜଳେଶ୍ୱର(ନିପ୍ର): ଜଣେ ଛାତ୍ରୀ କୁ ବାନ୍ଧବୀ ମାଧ୍ୟମରେ ଘରୁ ଡାକି ନେଇ ଦୁଷ୍କର୍ମ, ଜଘନ୍ୟ, ଏ ହତ୍ୟା ଘଟଣା ପ୍ରଘଟ ପରେ ଜଳେଶ୍ୱର ଅଂଚଳରେ ଜନ ଆକ୍ରୋଶ ତେଜୁଛି । ପିଡିତ ପରିବାର ଅଭିଯୁକ୍ତ କୁ ଫାଣ୍ଡି କୁ ହସ୍ତାନ୍ତର କରି ଏତାଲା ଦେଇଥିଲେ ମଧ କେଉଁ ଆଧାରରେ ପୋଲିସ ଛାଡିଲା ସେ ପ୍ରସଙ୍ଗ ରେ ଲୋକେ ପୋଡ଼ା ଜଳା ଏବଂ ରାସ୍ତା ରୋକ ଜାରି ରଖିଛନ୍ତି । ପୋଲିସ ର ପ୍ରେସ ବାର୍ତା ମାଧ୍ୟମରେ ତଦନ୍ତ ବୁଲାଇବା, ସମ୍ପୃକ୍ତ ସମସ୍ତ ଦୋଷୀଙ୍କୁ ଧରିବା ଦାବି ରେ ମୃତ ଦୀପିକା ଘର ସମ୍ମୁଖ କପାସିଆ ସଡକରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ ଚାଲିଛି । ପ୍ରଶାସନ ନଶୁଣୁ ଥିବାରୁ ଜଳେଶ୍ୱର ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହିତ ଦୀର୍ଘ ସମୟ ରାସ୍ତା ଅବରୋଧ ମଧ ହୋଇଥିଲା । ଫଳରେ ଦୁଇ ପଟରୁ ଶହଶହ ଯାନ ଏବଂ ପଥଚାରୀ ଲମ୍ବା ଲାଇନ୍ ରେ ଛିଡ଼ା ହୋଇ ନୈତିକ ସମର୍ଥନ ଦେଇଥିଲେ । ପୁଲିସ ପକ୍ଷରୁ ସୁରକ୍ଷା ଲାଗି ପୁଲିସ ବଳ ନିୟୋଜିତ ହୋଇଥିବା ବେଳେ ଉଚ୍ଚ ପଦସ୍ଥ ପୁଲିସ ଅଧିକାରୀ ଘଟଣା ସ୍ଥଳକୁ ଆସିନଥିଲେ । ସୂଚନା ଅନୁସାରେ ବର୍ତନା ପଂଚାୟତ ତାଳ ଗୋଛିଆ ଗାଁରୁ ୨ଜଣ ଏବଂ ସନ୍ନିକଟ ସୁଲକ୍ଷଣ୍ଡା ଗାଁରୁ ଜଣେ ଯୁବକଙ୍କୁ ପୋଲିସ ଉଠାଇ ତଦନ୍ତ କରୁଛି । ସମ୍ବେଦନଶୀଳ ଘଟଣାରେ ଅଧିକ ତଦନ୍ତ ଆବଶ୍ୟକ ଥିବାରୁ ମୁଖ୍ୟ ଅଭିଯୁକ୍ତ କାହ୍ନୁ କୁ କୋର୍ଟ ଚାଲାଣ ନକରି ଅଜ୍ଞାତ ସ୍ଥାନରେ ରଖାଯାଇଛି । ସକାଳେ ମୁଖ୍ୟ ଅଭିଯୁକ୍ତ ଘର ସମ୍ମୁଖରେ ଅଂଚଳର ମହିଳା ଗୋଷ୍ଠୀ ଏକାଠୀ ହୋଇ ବିକ୍ଷୋଭ କରିଥିଲେ । ଗଣ ଦୁଷ୍କର୍ମ ସନ୍ଦେହ କରାଯାଉଥିବା ବେଳେ, ପ୍ରଥମେ ପାଗଳ ପ୍ରମୀ କାହ୍ନୁ ବଳାତ୍କାର କରିବା ପରେ ପୀଡାତା ପାଣି ମାଗିଥିଲା । କାହ୍ନୁ ପାଣି ଆଣିବାକୁ ଯାଇଥିବା ବେଳେ ସାଙ୍ଗ ମାନେ ଧର୍ଷଣ କରି ମାରିଦେଇଥିବା ଚର୍ଚ୍ଚା ହେଉଛି । ପ୍ରମାଣ ନଷ୍ଟ କରିବାକୁ ପରିତ୍ୟକ୍ତ ଘେରାପଦା ବୁଦା ମୂଳରେ ରେ ବାଇକ୍ ଯୋଗେ ପକାଇବା ସହିତ ଗନ୍ଧ ନ ବ୍ୟାପିବା ପାଇଁ ପ୍ରତିଦିନ କେମିକାଲ ଛିଂଚା ଯାଉଥିବା ଆଲୋଚନା ହେଉଛି । ବୃହ ସାମାଜିକ ସଂଗଠନ, ବରିଷ୍ଠ ନାଗରିକ, ରାଜନୈତିକ ନେତୃତ୍ୱ ପିଡାତ ପରିବାର ନିକଟରେ ପହଂଚି ସମବେଦନା ଓ ୫୦ ଲକ୍ଷ ଟଙ୍କା ସହାୟତା ପ୍ରଦାନ ଦାବି କରିଛନ୍ତି । ଆସନ୍ତା ମଙ୍ଗଳବାର ଜଳେଶ୍ୱର ବିଜେଡି ୧୨ ଘଂଟିଆ ହରତାଳ ଡାକାର ଦେଇଥିବା ବେଳେ, ବାମଦଳ ସମର୍ଥନ ଘୋଷଣା କରିଛି । ଅଂଚଳରେ ଉତେଜନା ଲାଗି ରହିଥିବା ବେଳେ ସାଧାରଣ ରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଲାଗି ପ୍ରବଳ ଦାବି ହେଉଛି । ଏଥିରେ ବହୁ ସମ୍ପର୍କୀୟ, କୁଜିନେତା ପରୋଖ, ପ୍ରତ୍ୟଖ ଭାବେ ସମ୍ପୃକ୍ତିର ଚର୍ଚ୍ଚା ଯୋର ଧରିଛି । ଶିକ୍ଷା ବଂଚାଅ କମିଟି ର ଜିଲ୍ଲା ଆବାହକ ସମାଜ ସେବୀକା କ୍ରୀଷ୍ଣା ରାଣୀ ସାହୁଙ୍କ ନେତୃତ୍ୱରେ, ମମତା ରାଣୀ ଜେନା, ଛବି ରାଣୀ ଜେନା, ଜିଲ୍ଲା ଛାତ୍ର ସଂଗଠନ ସଭାପତି ହରେକୃଷ୍ଣ ଦାସ, ଜଗଦିଶ ଜେନା, ନିଳକଣ୍ଠ ଦାସ ମହାପାତ୍ର, ସରୋଜିନୀ ମହାନ୍ତି, ସସ୍ମିତା ମହାନ୍ତି, ପିଙ୍କି ମଲ୍ଲିକ, ବନମାଳୀ ଜେନା, ରୀନାରାଣୀ ଜେନା, ଆରତି ପ୍ରମାଣିକ ଏବଂ ଶତାଧିକ ଯୁବକ ନ୍ୟାୟ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

# ଯୋଗ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ



ନୀଳଗିରି(ନିପ୍ର): ଡିଭାଇନ୍ ଏଜୁକେଶନାଲ୍ ଆଣ୍ଡ୍ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଏକ ଯୋଗ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଯୋଗ, ପ୍ରାଣାୟାମ ଯୋଗ କେବଳ ଶାରୀରିକ ବ୍ୟାୟାମ ନୁହେଁ ବରଂ ଏହା ମଣିଷର ଶରୀର, ମନ ଓ ଚିନ୍ତାଧାରା ମଧ୍ୟରେ ସମନ୍ୱୟ ସ୍ଥାପନ କରିବାର ଏକ ପଦ୍ଧତି । ଏହି ମହତ୍ୱପୂର୍ଣ୍ଣ ବାର୍ତାକୁ ଜନସାଧାରଣଙ୍କ ନିକଟରେ ପହଂଚାଇବା ଦିଗରେ ଡିଭାଇନ୍ ଏଜୁକେଶନାଲ୍ ଆଣ୍ଡ୍ ଚାରିଟେବୁଲ୍ ଟ୍ରଷ୍ଟର ପ୍ରୟାସ ପ୍ରଶଂସନୀୟ । ଯୋଗ ଗୁରୁ ବିମଳା ମହାନ୍ତି ଓ ଡିଭାଇନ୍ ଏଜୁକେଶନାଲ୍ ଆଣ୍ଡ୍ ଚାରିଟେବୁଲ୍ ଟ୍ରଷ୍ଟର ପ୍ରତିଷ୍ଠାତା ସୁଶାନ୍ତ କୁମାର ମହାପାତ୍ର ସୁସ୍ଥ ଶରୀର, ଶାନ୍ତ ମନ ଓ ସୁନ୍ଦର ଜୀବନ ପାଇଁ ଯୋଗକୁ ଜୀବନର ଏକ ଅଂଶ କରିବା ଦରକାର । ଯୋଗ ସମ୍ବନ୍ଧୀୟ ମାର୍ଗଦର୍ଶନ ଓ ଅଭ୍ୟାସର ଗୁରୁତ୍ୱ ବିଶେଷ ଉଲ୍ଲେଖନୀୟ ବୋଲି ମତବ୍ୟକ୍ତ କରିଥିଲେ । ସୁଶାନ୍ତ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଯୋଗ କରନ୍ତୁ, ସୁସ୍ଥ ରୁହନ୍ତୁ, ସକାରାତ୍ମକ ଚିନ୍ତାଧାରା ସହ ଜୀବନକୁ ଆଗେଇ ନିଅନ୍ତୁ ।

# ଉତ୍କଳ ସାମ୍ବାଦିକ ସଂଘର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ

ନୟାଗଡ଼(ନିପ୍ର): ନୟାଗଡ଼ ଉତ୍କଳ ସାମ୍ବାଦିକ ସଂଘର ନୟାଗଡ଼ ଜିଲ୍ଲା ଶାଖା ପକ୍ଷରୁ ନୟାଗଡ଼ ପ୍ୟାଲେସ ପରିସରରେ ନୟାଗଡ଼ ବ୍ଲକ ଓ ସହରାଂଚଳର ସାମ୍ବାଦିକମାନଙ୍କୁ ନେଇ ଏକ ବ୍ଲକସ୍ତରୀୟ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ନବନିର୍ବାଚିତ ଜିଲ୍ଲା ସଭାପତି ଚିତରଞ୍ଜନ ମିଶ୍ରଙ୍କ ତତ୍ୱାବଧାନରେ ଆୟୋଜିତ ଏହି ସମାବେଶରେ ସାମ୍ବାଦିକଙ୍କ ଏକତା, ସଂଘର ସାଂଗଠନିକ ମଜଭୁତି ଓ ସାମ୍ବାଦିକଙ୍କ ସ୍ୱାର୍ଥ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି ଅବସରରେ ଉପସ୍ଥିତ ସାମ୍ବାଦିକମାନେ ନବନିର୍ବାଚିତ ସଭାପତି ଚିତରଞ୍ଜନ ମିଶ୍ରଙ୍କୁ ସ୍ୱାଗତ ଜଣାଇବା ସହ ଶୁଭେଚ୍ଛା ଜଣାଇଥିଲେ । ନୟାଗଡ଼ ଜିଲ୍ଲାରେ ସାମ୍ବାଦିକମାନଙ୍କ ହକ୍ ଓ ସ୍ୱାର୍ଥ ପାଇଁ ପୂର୍ବତନ ସଭାପତି ଶ୍ରୀକାନ୍ତ ଖଟେଇ ଯେପରି ଲଢ଼େଇ କରି ଆସିଥିଲେ ଏବଂ ସମସ୍ତଙ୍କୁ ଏକଜୁଟ କରି ରଖିଥିଲେ, ସେହି ଏକତା ଓ ସଂଗ୍ରାମର ଧାରାକୁ ଆଗକୁ ନେବାକୁ ନବନିର୍ବାଚିତ ସଭାପତି ଆହ୍ୱାନ ଦେଇଥିଲେ । ସଂଘର ପ୍ରତ୍ୟେକ ସଦସ୍ୟଙ୍କୁ ନିଜ ପରିବାରର ସଦସ୍ୟ ଭାବେ ଗ୍ରହଣ କରି କାମ କରିବି ।" ଏଥିସହ କାହାରି ପ୍ରରୋଚନାରେ ନପଡ଼ି ସମସ୍ତେ ଏକଜୁଟ ହୋଇ ରହିବା ସହ ରାଜ୍ୟସ୍ତରରେ ନୟାଗଡ଼ ଜିଲ୍ଲା ଶାଖାର ଏକତା ଓ ଗାରିମା ବଜାୟ ରଖିବାକୁ ସେ ଆହ୍ୱାନ ଦେଇଥିଲେ । ଆଗାମୀ ଦିନରେ ଉତ୍କଳ ସାମ୍ବାଦିକ ସଂଘର ଜିଲ୍ଲା କମିଟି ପ୍ରତ୍ୟେକ ବ୍ଲକକୁ ଗସ୍ତ କରି ସାଂଗଠନିକ କାର୍ଯ୍ୟକୁ ସୁଦୃଢ଼ କରିବା ସହ ନୂତନ ଭାବେ ସଂଗଠନକୁ ସକ୍ରିୟ କରିବ । ନୟାଗଡ଼ ବ୍ଲକରୁ ଏହି ଅଭିଯାନ ଆରମ୍ଭ ହୋଇଥିବାବେଳେ ଅବଶିଷ୍ଟ ସାତଟି ବ୍ଲକରେ ବୈଠକ ଆୟୋଜନ ପରେ ଜିଲ୍ଲାସ୍ତରୀୟ ବନ୍ଧୁ ମିଳନ କାର୍ଯ୍ୟକ୍ରମ ହେବ ବୋଲି ଜଣାପଡ଼ିଛି । ଏହି କାର୍ଯ୍ୟକ୍ରମରେ ନିମନ୍ତ୍ରିତ ପରାମର୍ଶଦାତା ତଥା ନୟାଗଡ଼ ପ୍ୟାଲେସର ନିର୍ଦ୍ଦେଶକ ଶେଖ ଇସୁବ୍, ଉତ୍କଳ ସାମ୍ବାଦିକ ସଂଘର ନୟାଗଡ଼ ଜିଲ୍ଲା ଶାଖା ସମ୍ପାଦକ ବୈଦ୍ୟଭୂଷଣ ମହାପାତ୍ର, କାର୍ଯ୍ୟକାରୀ ସଭାପତି ରବି ଦାସ, ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ, ସାମ୍ବାଦିକ ଭବନ ସମ୍ପାଦକ ଅନଓ୍ୱର ଅଲ୍ଲୀ, ଗୌରୀ ଶଙ୍କର ଦାସ ନିଜ ନିଜର ବକ୍ତବ୍ୟ ରଖିଥିଲେ । ସାମ୍ବାଦିକଙ୍କ ମଧ୍ୟରେ ଭାଇଚାରା ଓ ସହଯୋଗ ବୃଦ୍ଧି ସହ ଜିଲ୍ଲାରେ ସଂଘର ସାଂଗଠନିକ ଏକତାକୁ ଆହୁରି ସୁଦୃଢ଼ କରିବାର ସଂକଳ୍ପ ସହ କାର୍ଯ୍ୟକ୍ରମ ଶେଷ ହୋଇଥିଲା ।





ନିଜର ସୀମାରେଖା ବିଷୟରେ ଯିଏ ସଚେତନ, ସିଏ ନିଶ୍ଚୟ ନୀତିବାଦୀ ।

# ଆଜିକାଲି



*ଅଯସ୍ତ୍ୱିନ୍ଦ୍ରିୟାଣି ମନସା ନିୟମ୍ୟାରଭତେଽର୍ଜୁନ*
*କର୍ମେନ୍ଦ୍ରିୟୈଃ କର୍ମଯୋଗମସକ୍ତଃ ସ ବିଶିଷ୍ୟତେ*
*(ଶ୍ରୀମଦ୍ ଭଗବତ୍ ଗୀତା)*
*ଭାବାର୍ଥ : ଯେଉଁ ପୁରୁଷ ମନ ଦ୍ୱାରା ଇନ୍ଦ୍ରିୟମାନଙ୍କୁ ବଶ କରି ଅନାସକ୍ତ ହୋଇ କର୍ମଯୋଗ ଆଚରଣ କରନ୍ତି ସେ ଶ୍ରେଷ୍ଠ ଅଟନ୍ତି*

## ସ୍ୱପ୍ନରେ ରହିଗଲା ପଲିଥିନ୍‌ମୁକ୍ତ

ସମଗ୍ର ରାଜ୍ୟକୁ ପଲିଥିନ୍‌ମୁକ୍ତ କରିବା ପାଇଁ ବିଭିନ୍ନ ସରକାରଙ୍କ ସମୟରେ ବିଧାନସଭାଠୁ ଆରମ୍ଭ କରି ସହର ବଜାରରେ ପଲିଥିନ୍‌ମୁକ୍ତ ଉପରେ ଗୁରୁତ୍ୱ ଦିଆଯାଉଥିଲା । ଏ ସଂପର୍କରେ ମଧ୍ୟ ଆଇନ ବ୍ୟବସ୍ଥା କରାଯାଇଥିଲା । ଏପରିକି ବହୁ ସହରରେ ପଲିଥିନ୍‌ମୁକ୍ତ କରିବା ପାଇଁ ଅଭିଯାନ ଓ ଚଢ଼ାଉ ହୋଇଥିବା ନଜୀର ରହିଛି । ବିଶେଷ କରି ପୁରୀ, କୋଣାର୍କ ସମେତ ବହୁ ପ୍ରଦୂଷଣ ସହରରେ ଚଢ଼ାଉକୁ ଜୋରଦାର କରାଯାଇଥିଲା । ଯାହା ପଲିଥିନ୍ ପ୍ରସ୍ତୁତ କରୁଥିବା କାରଖାନାରେ କୋକୁଆ ଭୟ ସୃଷ୍ଟି ହୋଇଥିଲା । ହୋଟେଲ, ମିଠା ଦୋକାନୀ, ପନିପରିବା, ତୀର୍ଥସ୍ଥଳ, ମନ୍ଦିର, ମସଜିଦ୍ ନିକଟରେ ଏହି ଅଭିଯାନକୁ ଜୋରଦାର କରାଯାଇଥିଲା । ଓଡ଼ିଶା ଭଳି ବହୁ ରାଜ୍ୟରେ ପଲିଥିନ୍ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା । ପଲିଥିନ ବଦଳରେ କାଗଜଠୁଙ୍ଗା ମାଟିପାତ୍ର, କପଡ଼ା ବ୍ୟାଗ, ପତ୍ରଠୋଲା ମଧ୍ୟ ବ୍ୟବହାର କରାଯାଉଥିଲା । ଏହା ସତ୍ତ୍ୱେ ବେଶ କିଛି ବର୍ଷ ଧରି ସହର ବଜାର ଓ ଗ୍ରାମାଂଚଳରେ ପ୍ରତ୍ୟେକ ବ୍ୟବସାୟ କେନ୍ଦ୍ରରେ ପଲିଥିନ୍ ବ୍ୟବହାର କରାଯାଉଛି । ଫଳରେ ସବୁ ଠାରେ ପ୍ରଦୂଷଣ ପୂର୍ବଭଳି ଅଧିକରୁ ଅଧିକ ବଢ଼ି ଗଲାଣି । ରାସ୍ତାଘାଟ ଯେଉଁଠି ଯାଅ ସେଠାରେ ଆବର୍ଜନା ଫଳରେ ପରିବେଶ ଆହୁରି କଦର୍ଯ୍ୟ ହୋଇପଡୁଛି । ବିଶେଷ କରି ରାଜ୍ୟର ସର୍ବପୁରାତନ କଟକ ସହର ଚାରିଆଡ଼େ କୁଢ଼କୁଢ଼ ପଲିଥିନ ପଡ଼ିଥିବା ପୁଣି ଅଭିଯୋଗ ଜୋର ଧରିଛି । ସାଧାରଣତଃ ମ୍ୟୁନିସିପାଲଟି, ଏନଏସି ଓ ଗ୍ରାମାଂଚଳରେ ସଂପୃକ୍ତ ସଂସ୍ଥା ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏ ନେଇ ଅଭିଯାନକୁ ଆହୁରି ଜୋରଦାର କରାଯାଇଥିଲା । ବିଶେଷ କରି ହୋଟେଲ ଓ ଜଳଖିଆ ଦୋକାନ ଓ କେତେକ ସହରରେ ଚଢ଼ାଉ କରାଯାଇ ସଂପୃକ୍ତ ବ୍ୟବସ୍ଥା କରାଯାଇ ତାଗିଦ୍ କରାଯାଇଥିଲା । କିନ୍ତୁ ସେହି ସ୍ୱପ୍ନ ଏବେ ସ୍ୱପ୍ନରେ ରହି ଯାଇଛି । କେବଳ ରାସ୍ତାଘାଟ, ଗଳିକନ୍ଦି ନୁହେଁ ନଦୀ ଧାରରେ ମଧ୍ୟ କୁଢ଼କୁଢ଼ ପଲିଥିନ ପଡ଼ିଥିବା ଓ ଭାସୁଥିବା ଅଭିଯୋଗ ହୋଇ ଆସୁଛି । ଯଦି ପଲିଥିନକୁ ତୁରନ୍ତ ବିକ୍ରି ଉପରେ ବନ୍ଦ କରାନଯିବ ତା'ହେଲେ ପୂର୍ବ ଭଳି ରାଜ୍ୟ ସାରା ପ୍ରଦୂଷଣ ଆହୁରି ବଢ଼ିବ ଏଥିରେ ଦ୍ୱିମତ ହେବାର ନାହିଁ । ଏହି ଦୃଷ୍ଟିରୁ ସଂପୃକ୍ତ ବିଭାଗ ଏବେଠୁ ସତର୍କ ରହି ପଲିଥିନମୁକ୍ତ ଅଭିଯାନକୁ ଆହୁରି ଜୋରଦାର କରିବା ପାଇଁ ଉଦ୍ୟମ ଜାରୀ ରଖିବେ ବୋଲି ରାଜ୍ୟବାସୀଙ୍କ ପକ୍ଷରୁ ଉଦ୍ୟମ ଜାରୀ ରଖିବେ

# ଗଣକବି ବୈଷ୍ଣବ ପାଣି

## ଜନ୍ମ ଜୟନ୍ତୀ ଉପଲକ୍ଷେ

◆ ନାଟ୍ୟସାରଥି ଅଭୟ କୁମାର ଦାସ



ପାଠ ପଢ଼ିବି ମୁଁ ପାଠ ପଢ଼ିବି, କାଳିଆ ଘୋଡ଼ାରେ ଚଢ଼ିବି, ମଧୁବାବୁ ସଙ୍ଗେ ଲଢ଼ିବି' । ଉତ୍କଳ ଗୌରବ ମଧୁସୂଦନ ଦାସ ଯିଏକି ଓଡ଼ିଶାର ପ୍ରଥମ ଗ୍ରାଜୁଏଟ ଓ ପ୍ରଥମ ବାରିଷ୍ଟର । ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଏଇ ପଦଟିଏ ଲେଖିଥିବା ଓଡ଼ିଶାର ମହାନ ପୁରୁଷ ହେଉଛନ୍ତି ଗଣକବି ବୈଷ୍ଣବ ପାଣି । ଏଇ ପଦଟି ସେ କେବଳ ଏତିକିରେ ଶେଷ କରିନଥିଲେ । ମଧୁବାବୁଙ୍କ ଉଦାହରଣ ଦେଇ ପାଠ ପଢ଼ିବାକୁ ଉତ୍ସାହିତ କରିବା ସହିତ ସେ ସମୟରେ ପାଠପଢ଼ି ଚାକିରି କରି କେମିତି ନିଜ ଭାର୍ଯ୍ୟା କଥାରେ ପଡ଼ି ବାପା ମାଙ୍କୁ ଅବହେଳା କରୁଥିଲେ ସେ ବିଷୟରେ ମଧ୍ୟ ସେହି ମାନଙ୍କୁ ସମାଲୋଚନା ସୂଚକ ପଦଟି ଯୋଡ଼ି ଲେଖିଥିଲେ ‍ତପାଠ ପଢ଼ିବି ମୁଁ ପାଠ ପଢ଼ିବି, କାଳିଆ ଘୋଡ଼ାରେ ଚଢ଼ିବି, ମଧୁବାବୁ ସଙ୍ଗେ ଲଢ଼ିବି । ଭାରିଯାକୁ ହେବି କୋଟି ଦଣ୍ଡବତ, ମା ମୁଣ୍ଡେ ବିଧା କୋଢ଼ିବି' । ଶ୍ରୋତାବନ୍ଧୁ ଗଣକବି ବୈଷ୍ଣବ ପାଣି ଜନ୍ମ ନେଇଥିଲେ କଟକ ଜିଲ୍ଲା ମାହାଙ୍ଗା ବ୍ଲକର କୋଠପଦା ଗ୍ରାମରେ । ୧୮୮୨ ମସିହା କୁମାର ପୂର୍ଣ୍ଣିମା ଗୁରୁବାର ରାତିରେ । ତାଙ୍କ ପିତାଙ୍କ ନାମ ଥିଲା ସୁଦର୍ଶନ ପାଣି, ମାତା ଥିଲେ ଚାନ୍ଦ ଦେବୀ । ସେ ଥିଲେ ବାପା ମା'ଙ୍କର ତୃତୀୟ ଗର୍ଭସ୍ଥ ସନ୍ତାନ । ତାଙ୍କର ପିଲା ଦିନର ନାମ ଥିଲା ଶତ୍ରୁଘ୍ନ । ସେ ଜନ୍ମ ବେଳୁ ଖୁବ୍ ରୋଗୀଣା ଥିଲେ । ତାଙ୍କ ବାପା ଅତି ଗରିବ ଥିବାରୁ ରୋଗୀଣା ପୁଅଟି ପାଇଁ ଠିକ୍ ସମୟରେ ଠିକ୍ ଜଡ଼ିବୁଟି ଯୋଗେଇ ପାରୁ ନଥିଲେ । ଦିନେ ଶତ୍ରୁଘ୍ନ ଏକ ସାଂଘାତିକ ରୋଗରେ ପଡ଼ିଗଲେ । ଆଗରୁ ଦୁଇଟି ସନ୍ତାନଙ୍କୁ ହରେଇ ସାରିଥିବା ବାପା ମା ପୁଅକୁ ଜଡ଼ିବୁଟି ଦେବାକୁ ଅସମର୍ଥ ପ୍ରକାଶ କରି ଗଭୀର ବିଶ୍ୱାସର ସହିତ ନିଜ ରୋଗୀଣା ପୁଅକୁ ପ୍ରଭୁ ଜଗନ୍ନାଥଙ୍କ ନାମରେ ପାଣି ଛଡ଼େଇ ଦେଲେ । ଅର୍ଥାତ୍ ଜଗନ୍ନାଥଙ୍କ ନାମରେ ବୈଷ୍ଣବ କରି ଦେଲେ । ଆଶ୍ଚର୍ଯ୍ୟର କଥା ବାପା ମାଙ୍କର ଆଶା ହରେଇଥିବା ପୁଅ କ୍ରମେ ସୁସ୍ଥ ହୋଇ ଉଠିଲା । ଆଉ ପ୍ରଭୁ ଜଗନ୍ନାଥଙ୍କ କୃପାରୁ ପୁଅଟିକୁ ଫେରି ପାଇଥିବାରୁ ସେବେଠାରୁ ପୁତ୍ର ଶତ୍ରୁଘ୍ନକୁ ସେମାନେ ବୈଷ୍ଣବ ନାମରେ ନାମିତ କଲେ । ଶ୍ରୋତାବନ୍ଧୁ ପ୍ରଥମରୁ ଆପଣମାନେ ଜାଣନ୍ତି ବୈଷ୍ଣବଙ୍କ ବାପା ମା'ଖୁବ୍ ଗରିବ ଥିଲେ । ଏଣୁ ତାଙ୍କ ପିଉସୀ ଘରେ ରହି ଚାଟଶାଳୀରେ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଲେ । ସେତେବେଳକୁ ବୈଷ୍ଣବଙ୍କୁ ହୋଇଥାଏ ମାତ୍ର ଏଗାର ବର୍ଷ । ସେ ସମୟରେ ଗ୍ରାମାଂଚଳରେ ପିଲାମାନଙ୍କ ପାଇଁ ପାଠ ପଢ଼ିବାର ସୁବିଧା ଏତେଟା ନଥିଲା । ଏଣୁ ପୁଅ ପିଲାମାନେ ୧୦/୧୨ ବର୍ଷ ବୟସରୁ ନିଜ ନିଜ ବାପା ମା' ମାନଙ୍କୁ ଘର କାର୍ଯ୍ୟରେ, ଚାଷ କାର୍ଯ୍ୟରେ ଏପରିକି ବେପାର ବଣିଜରେ ମଧ୍ୟ ସାହାଯ୍ୟ କରୁଥିଲେ । ବୈଷ୍ଣବ ପାଣିଙ୍କ ବାପା ସୁଦର୍ଶନ ପ୍ରଥମେ ମାଗିଯାଚି ଆଣିଥିବା ଅର୍ଥରୁ ଆଠଗଣ୍ଡା ତମ୍ବା ପଇସା ଦେଇ ଜଗନ୍ନାଥଙ୍କ ବଡ଼ଛତାରୁ ଋଣ ପରିଶୋଧ କରି ପୁଅକୁ ମୁକୁଳେଇ ଆଣିଲେ ଓ ପୁଅର ବ୍ରତଘର ମଧ୍ୟ କରାଇ ଦେଲେ । ସେତେବେଳେ ବୈଷ୍ଣବ ଅଧିକ କିଛି ପଢ଼ିବାକୁ ଚାହୁଁଥିଲେ ମଧ୍ୟ ବାପା ସୁଦର୍ଶନ ନିକଟସ୍ଥ କୋଠପଦା ମଠରେ ମହନ୍ତ ତପୋନିଧି ରଘୁନାଥପୁରୀ ଗୋସ୍ୱାମୀଙ୍କୁ କହି ଠାକୁରଙ୍କ ପାଇଁ ଫୁଲତୋଳା, ଫୁଲଗୁନ୍ଥା ଓ ଠାକୁରଙ୍କ ସେବାରେ ନିଯୁକ୍ତି କରାଇ ଦେଲେ । କ୍ରମେ ବୈଷ୍ଣବ ମଠରେ ଶିକ୍ଷା ଦିଆଯାଉଥିବା ଗୋଟିପୁଅ ନାଚ, ହାରମୋନିୟମ, ଗୀତ, ବାଦ୍ୟ ଆଦି ଶିକ୍ଷା ଲାଭ କଲେ । ଏଥିସହିତ ନିଜ ଗରିବ ବାପା ମା'ଙ୍କୁ ପୋଷିବା ପାଇଁ ମଠରେ ଥିବା ଗାଈଗୋରୁ ମାନଙ୍କୁ ମଧ୍ୟ ଚରାଉଥିଲେ, ଗୁହାଳ ପୋଛା, ଗୋରୁଗାଈଙ୍କ ସେବା ଇତ୍ୟାଦି କାର୍ଯ୍ୟକରି ଅଧିକ ବେତନ ପାଇ ବାପା ମା'ଙ୍କୁ ପୋଷୁଥିଲେ । ବାଳକ ବୈଷ୍ଣବ ନିଜ ବାପାଙ୍କ ଦାରିଦ୍ର୍ୟକୁ ଉପଲବ୍ଧି କରିବା ସହିତ ଗୁରୁଜନ ମାନଙ୍କୁ ଉପଯୁକ୍ତ ସମ୍ମାନ ଓ ସେବା କରିବାକୁ ମଧ୍ୟ ଭୁଲି ନଥିଲେ । ମାଇନର ସ୍କୁଲରେ ଥିବା ଛାତ୍ରାବାସର ରୋଷେୟା ମଲା ପରେ ଅନ୍ୟ କେହି ରୋଷେୟା ନ ମିଳିବାରୁ ଆଗ୍ରହର ସେ ରୋଷେୟା କାମ ବି ଆରମ୍ଭ କଲେ । ଆପଣମାନେ ଜାଣନ୍ତି ବାଳକ ବୈଷ୍ଣବଙ୍କ ପାଠ ପଢ଼ିବାର ଆଗ୍ରହ ଥିଲା ଏଣୁ, ରୋଷେଇ କାମ ପରେ ସେ ଶ୍ରେଣୀଗୃହ ବାହାରେ ଛିଡ଼ା ହୋଇ ଶିକ୍ଷକଙ୍କ ପାଠପଢ଼ା ଶୁଣୁଥିଲେ । ବୈଷ୍ଣବର ପାଠ ପଢ଼ିବାର ଆଗ୍ରହ ଦେଖି ପ୍ରଧାନ ଶିକ୍ଷକ ଭୋଳାନାଥ ମିଶ୍ର ଓ ପଣ୍ଡିତ ହୃଷୀକେଶ ପଣ୍ଡା ବୈଷ୍ଣବକୁ ବହି କାଗଜ, କଲମ, ପେନ୍‌ସିଲ ଦେଇ ଚତୁର୍ଥରେ ନାମ ଲେଖେଇ ଦେଲେ । ଚତୁର ବାଳକ ବୈଷ୍ଣବ ରାତି ଓ ସକାଳେ ଦୁଇଓଳା ରୋଷେଇ କାର୍ଯ୍ୟ ସାରି ଦିନରେ ସ୍କୁଲ ଯାଇ ପାଠ ପଢ଼ନ୍ତି ଏପରିକି ରାତିରେ ରୋଷେଇ କରିବା ସମୟରେ ଚୁଲି ଆଲୁଅରେ ଓ ସନ୍ଧ୍ୟା ସମୟରେ ଜୁଳୁଜୁଳିଆ ପୋକ ଗୁଡ଼ିକୁ ଏକ ଧଳା କାଚ ବୋତଲ ଭିତରେ ରଖି ସେମାନଙ୍କ ଆଲୁଅରେ ପାଠ ପଢୁଥିଲେ । ବୈଷ୍ଣବ ଉଚ୍ଚଜାତିରେ ଜନ୍ମ ହୋଇଥିଲେ ମଧ୍ୟ ଶିକ୍ଷକ ମାନଙ୍କର ସେବା କରୁଥିଲେ ଓ ସେମାନଙ୍କ ଅଇଁଠା ବାସନ ମଧ୍ୟ ଧୋଇବାକୁ ଘୃଣା କରୁନଥିଲେ । ଗଣିତ ପାଠରେ ଦୁର୍ବଳ ଥିବାରୁ ବୈଷ୍ଣବଙ୍କ ପାଠ ପଢ଼ା ପଂଚମ ଶ୍ରେଣୀରେ ହିଁ ସମାପ୍ତ ଘଟିଥିଲା । ହଷ୍ଟେଲରେ କାମ କରୁଥିବା ସମୟରେ ଲୋକନାଥ ଦାସ ନାମକ ଜଣେ ଛାତ୍ର ପ୍ରତିଦିନ ହଷ୍ଟେଲରୁ ଦକ୍ଷିଣୀ ଲଙ୍କାମରିଚ ଓ ଦିଆସିଲି ଚୋରି କରି ଲଙ୍କାମରିଚ ପୋଡ଼ି ସଜ ପଖାଳ ଖାଉଥିବାରୁ ତା ବିରୁଦ୍ଧରେ ଅଭିଯୋଗ କରିଥିଲେ ମାତ୍ର ହଷ୍ଟେଲ ଦାୟିତ୍ୱରେ ଥିବା ହେଡ଼ପଣ୍ଡିତ ଅଭିଯୋଗ ନଶୁଣିବାରୁ ବୈଷ୍ଣବ ତାଙ୍କ ବିରୁଦ୍ଧରେ ଏକ କବିତା ଲେଖିଥିଲେ । କବିତାଟି ହେଲା - ଲଙ୍କା ମରିଚପୋଡ଼ିକି, ଦିଆସିଲି ଚୋରି, ଆମ ବାଙ୍କିଆ ପଣ୍ଡିତ କହିଲେ ଟାଙ୍ଗିଆ ବଜାରି' । ଏହା କବି ବୈଷ୍ଣବ ପାଣିଙ୍କର ପିଲା ଦିନର ପ୍ରଥମ କବିତା ଥିଲା ଯେଉଁ କବିତାରେ ତାଙ୍କୁ ତାଙ୍କ ଚାକିରିରୁ ତଡ଼ା ଖାଇ ବିଦାୟ ନେବାକୁ ପଡ଼ିଥିଲା । ମାତ୍ର ସତର ବର୍ଷ ବୟସରେ ବିନା ଗୁରୁରେ ସେ ପାଲା ଗାୟକ ହୋଇଥିଲେ । ପରେ ନାଚ ଦଳରେ ରହି ଓସ୍ତାଦୀ କାମ ଓ ଏକୋଇଶ ବର୍ଷ ବୟସରେ ପ୍ରଭୁ ବିନୋଦ ବିହାରୀଙ୍କ ଆଶୀର୍ବାଦ ପାଇ ଲେଖିଥିଲେ ପ୍ରଥମ ଗୀତିନାଟ୍ୟ 'ମେଘନାଦ ବଧ' । ସେ ହେଉଛନ୍ତି ପ୍ରଥମ ଗୀତି ନାଟ୍ୟକାର ଯିଏକି ଗୀତାଭିନୟରେ ସଂଳାପ ସଂଯୋଜନା କରିଥିଲେ । ୧୧୯ଟି ଗୀତିନାଟ୍ୟ, ୧୯ଟି ଫାର୍ଶ, ସଂଗୀତ, ଭଜନ, ଜଣାଣ, ଚଉତିଶା ମାଳିକା ଓ କାବ୍ୟ ୬୫ଟି ଏବଂ ଗଦ୍ୟ ରଚନାବଳୀ ଓ ଆତ୍ମକାହାଣୀ ୭ଖଣ୍ଡ ବହି ସେ ରଚନା କରିଛନ୍ତି । ଗାନ୍ଧି ଭାଗବତ ପୁସ୍ତକ ବୈଷ୍ଣବ ପାଣିଙ୍କର ଯୁଗାନ୍ତକାରୀ ରଚନା । ସେ କେବଳ କବି ନଥିଲେ, ସେଥିଲେ ଏକାଧାରରେ ନାଟ୍ୟକାର, କଥାକାର, ସଂଗୀତକାର ଗାୟକ, ସଂଯୋଜିକ, ବାଦ୍ୟକାର ଓ ଜଣେ ପ୍ରସିଦ୍ଧ କଳାକାର ।

*ଗୋତରା, ମାହାଙ୍ଗା, କଟକ : ୯୪୩୭୧୪୨୭୧୭*



## ଲେଖିକା-ଡାକ୍ତର ନିରୁପମା ରଥ

ସ୍ୱାଧୀନତା ପରବର୍ତୀ ସମୟରେ ଚିକିତ୍ସା ବିଜ୍ଞାନ, ଗବେଷଣା ଓ ସାହିତ୍ୟ କ୍ଷେତ୍ରରେ ଉତ୍କର୍ଷତା ଲାଭ କରିଥିବା ମହିଳା ମାନଙ୍କ ମଧ୍ୟରେ ଡାକ୍ତର ନିରୁପମା ରଥ ଅଗ୍ରଗଣ୍ୟା । ରେଭେନ୍ସାରୁ ଆଇଏସ୍‌ସି ଉ□ୀର୍ଣ୍ଣ ପରେ ଏମ୍‌ବିବିଏସ୍ ଡିଗ୍ରୀ ଲାଭ କରି ୧୯୫୩ ଠାରୁ କଟକ ସହରରେ ସ୍ୱାଧୀନ ଭାବେ ନିଜର ବୃତିଗତ ଜୀବନ ଆରମ୍ଭ କରିଥିଲେ । ଜଣେ ଦକ୍ଷ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ଭାବେ ସାରା ଓଡ଼ିଶାରେ ଖ୍ୟାତି ଅର୍ଜନ କରିଥିଲେ । ବିଭିନ୍ନ ଚିକିତ୍ସା ବିଜ୍ଞାନ ସଂଗଠନ, ଉତ୍କଳ ମହିଳା ସମିତି, ଓଡ଼ିଶା ଜାତୀୟ ମହିଳା ଫେଡେରେସନର ସଭାପତି ଭାବେ କାର୍ଯ୍ୟ କରିଥିଲେ । ଡା.ରଥ ଜଣେ ସୁଲେଖିକା ଭାବେ ସୁନାମ ଅର୍ଜନ କରିଥିଲେ । ତାଙ୍କ ରଚନାଗୁଡ଼ିକ ମଧ୍ୟରେ ଶିଶୁ ସ୍ୱାସ୍ଥ୍ୟ, ପ୍ରସୂତି ବିଜ୍ଞାନ, ଶିଶୁ ସଂପଦ, ନାରୀ ଓ ଆଇନ, ନାରୀ ଓ ବିଚାରାଳୟ, ଦିଗନ୍ତ, ସାମାଜିକ ନିର୍ଯାତନା, ସୋଭିଏତ ନାରୀ ଓ ସୋଭିଏତ ସମାଜ, ମଶାଲ, ଅଲିଭା ସ୍ମୃତି ଅନ୍ୟତମ । ଅଲିଭା ଅନୁଭୂତି ତାଙ୍କର ଆତ୍ମଚରିତ । ଡା.ରଥଙ୍କ ବାଲ୍ୟ ଜୀବନ କଟିଥିଲା କଟକର ଡଗରପଡ଼ାରେ । କୈଶୋରରେ ସେ ଅନନ୍ତ ପଟ୍ଟନାୟକ, ଭଗବତୀ ଚରଣ ପାଣିଗ୍ରାହୀ, ରମା ଦେବୀ, ମାଳତୀ ଦେବୀଙ୍କ ସଂସ୍ପର୍ଶରେ ଆସି ସ୍ୱାଧୀନତା ସଂଗ୍ରାମ ପ୍ରତି ଆକୃଷ୍ଟ ହୋଇଥିଲେ । ଉଭୟ ସ୍ୱାସ୍ଥ୍ୟ ଓ ସାହିତ୍ୟ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଯୋଗୁଁ ୧୯୯୪ରେ ଅଲ୍ ଇଣ୍ଡିଆ ମେଡିକାଲ ସମ୍ମାନ ଓ ୨୦୦୦ରେ ଓଡ଼ିଶା ସାହିତ୍ୟ ଏକାଡ଼େମି ପୁରସ୍କାର ଦ୍ୱାରା ତାଙ୍କୁ ସମ୍ମାନିତ କରାଯାଇଥିଲା । ୧୯୨୭ ଅକ୍ଟୋବର୨୫ ତାରିଖ ଦିନ ଗଞ୍ଜାମ ଜିଲ୍ଲା ଛତ୍ରପୁରରେ ସେ ଜନ୍ମଗ୍ରହଣ କରିଥିଲେ ।

# ରବିଗ୍ରହ ଜନିତ ରୋଗର ବନସ୍ପତିକ ଉପଚାର

⌘ ଜଣ୍ଡିସ୍ ବା ପାଣ୍ଡୁରୋଗ ପାଇଁ ଯେକୌଣସି ରବିବାର କୃତିକା ନକ୍ଷତ୍ର ଯୋଗରେ ବେଲ ଗଛର ଚେରଆଣି ତାହାକୁ ପୂଜା କରି ଗୋଲାପି ରଙ୍ଗର ସୂତା ଦ୍ୱାରା ଡାହାଣ ବାହୁରେ ରୋଗୀକୁ ପିନ୍ଧାଇବେ । ଏହା ସହ ପ୍ରତିଦିନ ଓଁ ଘୃଣି ସୂର୍ଯ୍ୟାୟଃ ନମଃ ୧୦୮ଥର ୫୪ ଦିନ ଯାଏଁ ଜପ କରିବା ଦରକାର ।

⌘ ଅଶ୍ୱିନୀ ନକ୍ଷତ୍ର ଯୋଗରେ ବେଗୁନିଆ ଗଛରେ ଛେଲି ଓ ଫୁଲ ଆଣି ତାହାକୁ ବାଟି ବଟିକା ଆକାର କରି ଶୁଖାଇବ । ପରେ ୩/୪ଟି ବଟିକା ଲାଲ କପଡ଼ାରେ ଜ୍ୱର ହୋଇଥିବା ବ୍ୟକ୍ତିର ଡାହାଣ ବାହୁରେ ବାନ୍ଧନ୍ତୁ ।

⌘ ସୂର୍ଯ୍ୟୋଦୟ ପୂର୍ବରୁ ସୂର୍ଯ୍ୟମୁଖୀ ଫୁଲ ଆଣି ସୂର୍ଯ୍ୟମନ୍ତ୍ର ଜପ କରି ମୁଣ୍ଡରେ ଘଷନ୍ତୁ । ସୂର୍ଯ୍ୟମନ୍ତ୍ର ୧୦ମିନିଟ୍ ଜପ କରିବା ପରେ ସ୍ନାନ କରନ୍ତୁ । ତା'ପରେ ଲହୁଣୀ ଖାଆନ୍ତୁ ।





ଏମିତି ୭ଦିନ ଯାଏଁ କରନ୍ତୁ, ଦେଖିବେ ମସ୍ତିଷ୍କ ଦୁର୍ବଳତା ଚାଲିଯିବ ।

⌘ ସୂର୍ଯ୍ୟପରାଗରେ ରବିବାର ଦିନ ପଳାଶ ଗଛର ଚେର ସଂଗ୍ରହ କରନ୍ତୁ । ଏହାକୁ ପୂଜା କରି ଗୋଲାପି ସୂତାରେ ଡାହାଣ ବାହୁରେ ବାନ୍ଧନ୍ତୁ । ଏଥିରେ ଚର୍ମରୋଗ ଆଉ ହେବନାହିଁ ।

⌘ କୃତିକା ନକ୍ଷତ୍ର ଯୁକ୍ତ ରବିବାରରେ ଗୋଟିଏ ପଂଚମୁଖୀ ରୁଦ୍ରାକ୍ଷ ଆଣି ତାହାକୁ ଶିବମନ୍ଦିରରେ ପୂଜା କରି ବେକରେ ପିନ୍ଧନ୍ତୁ । ଏହା ନେତ୍ରରୋଗ ଦୂର କରିବ ।

⌘ ଗୋରଖଗୁଣ୍ଡି ଗଛ ଆଣି ଶୁଖାଇ ଗୁଣ୍ଡ କରନ୍ତୁ । ରାତିରେ ଏଥିରୁ କିଛି ପାଣିରେପ କାଇ ଦିଅନ୍ତୁ । ସକାଳେ ଏହି ଜଳରେ ଆଖି ଧୁଅନ୍ତୁ । ଏହା ଆଖିରୋଗ ଦୂର କରିବାରେ ସହାୟକ ହୋଇପାରିବ ।

⌘ ରବିପୁଷ୍ୟା ଯୋଗରେ ଏକ ପଂଚମୁଖୀ ରୁଦ୍ରାକ୍ଷ ଆଣି ଶିବମନ୍ଦିରରେ ପୂଜା କରି ଗୋଲାପୀ ସୂତାରେ ବାନ୍ଧି ଧାରଣ କରନ୍ତୁ । ଏହା ହୃଦ୍‌ରୋଗରୁ ମୁକ୍ତି ଦେବ ।

⌘ କ୍ଷୟରୋଗରୁ ମୁକ୍ତି ପାଇବା ପାଇଁ ଉ□ରାଫାଲ୍‌ଗୁନି ନକ୍ଷତ୍ର ଯୋଗରେ ନିମ୍ବ ଗଛରେ ମାଡ଼ିଥିବା ଗୁଳୁଚି ଲତା ଆଣି ସେଥିରୁ ରସ ବାହାର କରି ମହୁ ସହ ମିଶାଇ ସକାଳେ ଖାଲି ପେଟରେ ଖାଆନ୍ତୁ । ୧ମାସ ପର୍ଯ୍ୟନ୍ତ ଖାଇଲେ କ୍ଷୟ ରୋଗରୁ ମୁକ୍ତି ମିଳିଯିବ ।

⌘ କୃତିକା ନକ୍ଷତ୍ର ଯୁକ୍ତ ରବିବାରରେ ଏକ ତମ୍ବା ପାତ୍ରରେ ପାଣି ଭର୍ତି କରି ସେଥିରେ ଏକ ପଂଚମୁଖୀ ରୁଦ୍ରାକ୍ଷ ପକାନ୍ତୁ । ତା' ପରଦିନ ସକାଳେ ଏହି ଜଳକୁ ଖାଲି ପେଟରେ ପାନ କରନ୍ତୁ । ପିଇବା ପରେ ସେଥିରେ ପୁଣି ପାଣି ଭର୍ତି କରିଦିଅନ୍ତୁ ଓ ତାହାକୁ ପରଦିନ ସକାଳେ ପିଅନ୍ତୁ । ଏମିତି ୧୧ ସପ୍ତାହ ପାଳନ କରନ୍ତୁ । ଏଥିରେ ପୁରୁଣା ହୃଦ୍‌ରୋଗ ପୁରା ଶେଷ ହୋଇଯିବ ।

*ମୁଖ୍ୟଦ୍ୱାର ଲଗାଇବାର ତିଥି*

ଘରର ମୁଖ୍ୟଦ୍ୱାର ପ୍ରତିପଦାରେ ଲଗାଇବା ଦୁଃଖପ୍ରଦ । ଦ୍ୱିତୀୟାରେ ଧନ, ପଶୁ, ପୁତ୍ରନାଶକାରକ, ତୃତୀୟାରେ ରୋଗକାରକ, ଚତୁର୍ଥିରେ ମୁଖ୍ୟଦ୍ୱାର ଲଗାଇବା ବିଘ୍ନ ଓ ବିନାଶକାରକ । ପ□ମୀରେ ଧନଲାଭ ଓ ଦଶମୀରେ ଦ୍ୱାର ଲଗାଇଲେ ଧନ କ୍ଷୟ କରାଏ । ଷଷ୍ଠୀରେ ମୁଖ୍ୟଦ୍ୱାର ଲଗାଇବା ସାଙ୍ଘାତିକ । ଏହା କୁଳନାଶ କରାଏ । ସପ୍ତମୀ, ଅଷ୍ଟମୀ ଓ ନବମୀ ତିଥି ଶୁଭକାରକ । ଏକାଦଶୀ, ଦ୍ୱାଦଶୀ, ତ୍ରୟୋଦଶୀ ଓ ଚତୁର୍ଦ୍ଦଶୀ ଅତ୍ୟନ୍ତ ଅଶୁଭ । ପୂର୍ଣ୍ଣମୀ ଓ ଅମାବାସ୍ୟାରେ ମୁଖ୍ୟଦ୍ୱାର ଲଗାଇବା ଦ୍ୱାରା ଶତ୍ରୁତା ସୃଷ୍ଟି ହୁଏ । ପୂର୍ଣ୍ଣମୀଠାରୁ କୃଷ୍ଣଅଷ୍ଟମୀ ପର୍ଯ୍ୟନ୍ତ ପୂର୍ବଦ୍ୱାର ଲଗାଇବା କ୍ଷତିକାରକ । କୃଷ୍ଣ ନବମୀଠାରୁ କୃଷ୍ଣ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ଉ□ର ଦ୍ୱାର, ଅମାବାସ୍ୟା ଠାରୁ ଶୁକ୍ଳ ଅଷ୍ଟମୀ ପର୍ଯ୍ୟନ୍ତ ପଶ୍ଚିମଦ୍ୱାର, ଶୁକ୍ଳ ନବମୀ ଠାରୁ ଶୁକ୍ଳ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ଦକ୍ଷିଣଦ୍ୱାର ଲଗାଇବା ହାନିକାରକ ।

# ଚାଣକ୍ୟ ଉବାଚ



✦ କାଷ୍ଠଂ କଳ୍ପତରୁ ସୁମେରୁରଚଳ ଶ୍ଚିନ୍ତାମଣିଃ ପ୍ରସ୍ତରଃ ।
ସୂର୍ଯ୍ୟ ସ୍ତୀବ୍ରକରଃ ଶଶୀ କ୍ଷୟକରଃ କ୍ଷାରୋ ହି ବାରାଂ ନିଧିଃ ।।
କାମୋ ନଷ୍ଟତନୁ ର୍ବଳି ର୍ଦିତିସୁତୋ ନିତ୍ୟଂ ପଶୁଃ କାମଗୌ
ନୈତାଂସ୍ତେ ତୁଲୟାମି ଭୋ ରଘୁପତେ ! କସ୍ୟୋପମା ଦୀୟତେ ।।

ବୋଧାମୃତ : (ସ୍ୱର୍ଗର) କଳ୍ପବୃକ୍ଷ (ଇଚ୍ଛା ପୂରକ ହେଲେ ମଧ୍ୟ) ହହେଉଛି କାଠ ମାତ୍ର । (ହେ ରଘୁପତି, ଏଥିପାଇଁ ତାକୁ ତୁମ ସହ ତୁଳନା କରୁନାହିଁ) ସୁମେରୁ (ଜଗତର ଶ୍ରେଷ୍ଠ ମଣି ହେଲେ ମଧ୍ୟ) ପଥରଟାଏ । ସୂର୍ଯ୍ୟ (ଜଗତ୍ କଲ୍ୟାଣକାରୀ ହେଲେ ମଧ୍ୟ) କିରଣରେ ଭାରି ତୀବ୍ର । ଚନ୍ଦ୍ର (ସୁନ୍ଦର ହେଲେ ବି) ତା'ର କିରଣ କ୍ଷୟିତ ହୋଇ ଯାଉଥାଏ । ସମୁଦ୍ର (ବିଶାଳ ହେଲେ ବି) ଲବଣମୟ, କନ୍ଦର୍ପ (ସୁନ୍ଦରତମ ହେଲେ ବି) ବିଦେହ, ବଳି (ମହାଦାନୀ ହେଲେ ମଧ୍ୟ) ରାକ୍ଷସ (ରାକ୍ଷସ ମାତା ଦିତିଙ୍କର ପୁତ୍ର), କାମଧେନୁ (ସର୍ବାଭିଳାଷ ପୂରୟିତ୍ରୀ ହେଲେ ମଧ୍ୟ) ସର୍ବଦା ଏକ ପଶୁମାତ୍ର ହେ ରାଘବ ! ତୁମର ବର୍ଣ୍ଣନା ପାଇଁ (କିଛି ନା କିଛି ଦୋଷ ଥିବା) ଏମାନଙ୍କ ସହ ତୁମର ତୁଳନା ମୁଁ କରିବି ନାହିଁ (ତୁମର ଶ୍ରେଷ୍ଠତା ଓ ନିର୍ଦ୍ଦୋଷତାକୁ ଦେଖି ବୁଝି ହେଉ ନାହିଁ) ତୁମ ପାଇଁ କାହାର ଉପମା ଦିଆଯାଇ ପାରେ ।

✦ ମୁହୂର୍ତମପି ଜୀବେ ନରଃ ଶୁକ୍ଳେନ କର୍ମଣା ।
ନ କଳ୍ପମପି କଷ୍ଟେନ ଲୋକଦ୍ୱୟ-ବିରୋଧିନା ।।

ବୋଧାମୃତ : ଯଦି କ୍ଷଣେ ମାତ୍ର ଜୀଇଁବାର ଅଛି, ତେବେ ଶୁଦ୍ଧ (ପୁଣ୍ୟ) କର୍ମ ଦ୍ୱାରା ଜଜୀଇଁବା ଉଚିତ୍ । କିନ୍ତୁ (ସ୍ୱର୍ଗ ଓ ମର୍ତ୍ୟ) ଉଭୟ ଲୋକ ବିରୋଧି ପାପକର୍ମରେ ଏକ କଳ୍ପ ପର୍ଯ୍ୟନ୍ତ ମଧ୍ୟ ବତି ରହିବା ଶ୍ରେୟସ୍କର ନୁହେଁ ।

ସଂଯୁକ୍ତା : ଗୋଟିଏ କଳ୍ପ ହେଉଛି ଜଗତର ଆୟୁଷ । ଜଗତ ସୃଷ୍ଟି ହୋଇ ଧ୍ୱଂସ ହେବା ଯାଏ ସମୟାବଧିକୁ କଳ୍ପ କହନ୍ତି । ଏହା ବ୍ରହ୍ମାଙ୍କର ଗୋଟିଏ ଦିନ ସହ ଓ ଜଗତର ଏକ ହଜାର ଯୁଗ ସହ ଅଥବା ୪୩୨ ନିୟୁତ ମାନବ ବର୍ଷ ସହ ସମାନ । ଆମେ ଏବେ ଯେଉଁ କଳ୍ପରେ ଜନ୍ମ ନେଇଛେ, ତା'ର ନାମ ଶ୍ୱେତ ବରାହ କଳ୍ପ ।

+++



# ଆଧ୍ୟାତ୍ମ ଏବଂ ଯୋଗ ଜ୍ଞାନ

◆ ତପସ୍ୱିନୀ ପଟ୍ଟନାୟକ

ଆଧ୍ୟାତ୍ମିକତା ପ୍ରତି ବିମୁଖ ନହୋଇ ସମ୍ପୃକ୍ତ ହେଲେ ଯାଇ ଏହାର ପ୍ରକୃତ ସୁଖ ମିଳିପାରିବ । ଆଧ୍ୟାତ୍ମିକତା ସର୍ବଦା ଚେତନା ଜାଗ୍ରତ କରିବା ପାଇଁ ଆହ୍ୱାନ ଜଣାଇଥାଏ । ନିଜ ଚେତନାକୁ ଜାଗ୍ରତ ରଖିବା ଲାଗି ଆମକୁ ଏହି ମାନବ ଜନ୍ମ ପ୍ରାପ୍ତ ହୋଇଛି । ସର୍ବଦା ଜାଗ୍ରତ ରହିଲେ ଆମେ ଜୀବନରେ ସମସ୍ତ ଉପଲବ୍ଧି ହାସଲ କରିପାରିବା । ଚେତନା ଜାଗ୍ରତ ନହେଲେ ଆମେ ନିଜକୁ ଠିକ୍ ଭାବେ ଅନୁଶୀଳନ କରିପାରିବା ନାହିଁ କିମ୍ବା ଈଶ୍ୱରଙ୍କୁ ମଧ୍ୟ ବୁଝି ପାରିବା ନାହିଁ । କଠୋପନିଷଦରେ କୁହାଯାଇଛି ଯେ ଉତ୍ତିଷ୍ଠ ଜାଗ୍ରତ ପ୍ରାପ୍ୟ ବରାନ୍ନିବୋଧତ । ଅର୍ଥାତ୍ ଉଠ, ଜାଗ ଏବଂ ଶ୍ରେଷ୍ଠତା ପ୍ରାପ୍ତ କର । ଏହି ଶ୍ଳୋକରୁ ସ୍ୱାମୀ ବିବେକାନନ୍ଦ ନିଜସ୍ୱ ଢ଼ଙ୍ଗରେ ବ୍ୟାଖ୍ୟା କରିଛନ୍ତି । ଏଣୁ ଜାଗ୍ରତ ରହିବା ଜରୁରୀ । କିନ୍ତୁ ଆମେ ଏକ ପ୍ରକାର ନିଦରେ ହଜିଯାଇଛୁ । ଏହା ମୋହ, ମାୟା ଏବଂ ଲୋଭର ନିଦ । କାମ, କ୍ରୋଧ, ଭୟ, ଲୋଭ, ମୋହ ଆଦି ଅବଗୁଣକୁ ପରିତ୍ୟାଗ କଲେ ଯାଇ ଆମ ଚେତନା ଜାଗ୍ରତ ହୋଇପାରିବ । ଏହାପରେ ଆତ୍ମାର ସେହି ଦିବ୍ୟ ପ୍ରକାଶକୁ ଦେଖିହେବ । ନିଜ ଭିତରେ ହିଁ ପରମାତ୍ମାଙ୍କ ଅସ୍ତିତ୍ୱକୁ ଅନୁଭବ କରିହେବ । ଆତ୍ମବିଶ୍ୱାସ ଘନିଭୂତ ହେବଂ ବ୍ୟକ୍ତି ସଂସାରର କଲ୍ୟାଣ ସାଧିତ କରିପାରିବ । ଇର୍ଷା-ଦ୍ୱେଷ, ଆସକ୍ତି ଆଦିକୁ ପରିତ୍ୟାଗ କଲେ ମନୁଷ୍ୟ ଆତ୍ମଉନ୍ମୁଖରୁ ପରମଉନ୍ମୁଖ ହୋଇପାରିବ । ଯେ ସର୍ବଦା ଜାଗି ରହିଥାଏ ତାକୁ ଆମେ ଜାଗ୍ରତଶୀଳ କହିଥାଉ । ଈଶ୍ୱରଙ୍କ ପ୍ରକାଶ ଖୋଜିବାକୁ ହେଲେ ପ୍ରଥମେ ନିଜ ଭିତରେ ଖୋଜିବାକୁ ହେବ । ଆଧ୍ୟାତ୍ମ ଏବଂ ଯୋଗ ଜ୍ଞାନ ଆମକୁ ଏହି ବାର୍ତା ଦେଇଥାଏ । ଜାଗ୍ରତ ହୋଇପାରିଲେ ମନୁଷ୍ୟ ପାଇଁ କିଛି ବି ଅସମ୍ଭବ ହୋଇ ରହିନଥାଏ ।

*ଅଧ୍ୟକ୍ଷା, ଡ୍ରିମ ଇଣ୍ଡିଆ ସ୍କୁଲ, ସେକ୍ଟର-୧୦, ସିଡ଼ିଏ, କଟକ*

# କହିଲେ କହିବ କହୁଛି

ତ୍ରୟମ୍ବକ

'ସୌନ୍ଦର୍ଯ୍ୟ'ର ପରିପ୍ରକାଶ ତଥା ଉଜ୍ଜଳ ଆଲୋକରେ ଉଦ୍‌ଭାସିତ ହୁଏ ରୂପରେ ନା ଗୁଣରେ ? ଏହି ସଂପର୍କିତ ପ୍ରଶ୍ନ ଉପରେ ଖୁବ୍ ଯୁକ୍ତିତର୍କ ହୋଇଥିଲା । ଦୁଇଜଣ ବନ୍ଧୁଙ୍କ ମଧ୍ୟରେ ଜଣେ କହିଲା ଆରେ ଅନାଡ଼ି ରୂପ ନ ଥିଲେ କିଏ କାହାକୁ ପଚ୍ଚରେ କହିଲୁ । ରୂପ ଥିଲେ ଭେକ ପରା । ସୁନ୍ଦର ରୂପରେ ସଭିଏଁ ଆକୃଷ୍ଟ ହୋଇଥାନ୍ତି । କେତେ ପ୍ରଶଂସା ଓ ଭଲ ପାଇବା ମିଳେ । ଆଉ ଜଣେ କହିଲା ଯା, ପଳା ରୂପରେ କିସ ସୁନ୍ଦର ଯେ । ଯୌବନ ଅଛି ତ ରୂପ ଅଛି । ବଅସ ଗଡ଼ିଗଲା ପରେ ରୂପ ପରା ମଉଳି ଯାଏ । ଗୁଣ ସବୁଠୁ ବଡ଼ । କାରଣ ଗୁଣି ଲୋକ ମଲା ପରେ ବି ପ୍ରଶଂସା ଭାଜନ ହୋଇଥାଏ । କାଳି କୁତୁରି ଅପରିଷ୍କୃତ ହୋଇଥିଲେ ମଧ୍ୟ ଯଦି ଜଣେ ଗୁଣି ଜ୍ଞାନୀ, ମାନୀ ହୋଇଥାଏ ନା ତାହେଲେ ସଭିଏଁ ତାକୁ ଭଲ ପାଆନ୍ତି । ଏମିତି କେତେ କଥା ଯୁକ୍ତିତର୍କ ବିତର୍କ ଖୁବ୍ ଜୋରରେ ଚ୍ଚଲିଥାଏ । ଏହି ସମୟରେ ମୋର ନଜର ସେ ଦୁହିଁଙ୍କ ଉପରେ ପଡ଼ିବାରୁ ସେ ଦୁହିଁଙ୍କ ପାଖକୁ ଗଲି ଏବଂ ପଚ୍ଚରିଲି କିରେ ଏପରି ଅଯଥାରେ ଯୁକ୍ତିତର୍କ କିସ ପାଇଁ ହେଉଛି ? ଜଣେ ବନ୍ଧୁ ହଠାତ୍ ମୋତେ ଦେଖି ଟିକେ ଅପ୍ରସ୍ତୁତ ହୋଇପଡ଼ିଲା । କହିଲା ସାନିଆ (ଆରବନ୍ଧୁ ଜଣଙ୍କ)ର ଭାଉଜ ଗତକାଲି ଭୁବନେଶ୍ୱରରୁ ସପରିବାର ଆସିଛନ୍ତି । ଭାଇ-ଭାଉଜଙ୍କୁ ଦେଖି ସାନିଆ ଖୁସି ହେବା ପରିବର୍□ ବରଂ ଦୁଃଖରେ ଭାଙ୍ଗିପଡ଼ିଛି । କାହିଁକି ନା ଗତ ଦୁଇ ବର୍ଷ ପୂର୍ବେ ଯେଉଁ ଭାଇ ବାପା- ମାଆ, ସାନ ଭଉଣୀକୁ ଅତ୍ୟନ୍ତ ଭଲ ପାଉଥିଲା ସେମାନଙ୍କ ହସ ଖୁସିରେ ସାମିଲ ହେବା ସହ ଦରମା ଗଣ୍ଡାକ ମାଆ ହାତକୁ ବଢ଼ାଇ ଦେଉଥିଲା ବାପାଙ୍କ ଗୃହ ଖର୍ଚ୍ଚକୁ ବ□ାଇବା ପାଇଁ । ସେଇ ଭାଇ ବାହାହୋଇ ସାରିଲା ପରେ ଆଜି ଯେପରି ପରିବର୍ତନ ହୋଇ ଯାଇଛି । ଅତି ସୁନ୍ଦର ଝିଅଟିକୁ ଭଲ ପାଇ ପ୍ରେମ ବିବାହ କରିସାରିଲା ପରେ ସେ ଯେପରି ଆଜି ବାପା-ମାଆ, ଭଉଣୀ ଠାରୁ ବିଚ୍ଛିନ୍ନ ହୋଇ ଯାଇଛି । ସ୍ତ୍ରୀର ସୌନ୍ଦର୍ଯ୍ୟରେ ଏପରି ମୋହିତ ହୋଇ ଯାଇଛି ଯେ, ତାକୁ ସବୁ ଯେପରି ଅନ୍ଧକାରାଚ୍ଛନ୍ନ ପରି ଦେଖଯାଉଛି । ସାନିଆ ଦେଖିବାକୁ ସେତେଟା ସୁନ୍ଦର ହୋଇନଥିଲେ ମଧ୍ୟ ଅତି ହୃଦୟବାନ, ସ୍ନେହୀ, ଗୁଣୀ ଝିଅଟିଏ । କିନ୍ତୁ ତା' ଭାଉଜ ସୁନ୍ଦର ରୂପ ଯୋଗୁଁ ଏପରି ଗର୍ବ ଅହଂକାରପୂର୍ଣ୍ଣ ହୋଇଛି ଯେ, ଗୁରୁଜନ, ଲଘୁଜନ ପ୍ରତି ତା'ର କୌଣସି ଖାତିର ନାହିଁ । ଏଥିରେ ତାକୁ ସହଯୋଗ କରୁଛି ତା' ଭାଇ । ବୁଢ଼ା ବୟସରେ ବାପା ଆଜି ପର୍ଯ୍ୟନ୍ତ ଘରକୁ ଚଳାଇ ଆସୁଛନ୍ତି । ଏଥିପ୍ରତି ମଧ୍ୟ ଆଉ ନଜର ନାହିଁ ତା' ଭାଇର । କେହି ଯଦି କିଛି ତା'ସ୍ତ୍ରୀକୁ କହିଲା ତାହାଲେ ତା' ଭାଇଟି ରାଗରେ ଜର୍ଜରିତ ହୋଇଯାଏ ଏବଂ ବାପା-ମାଆ ଆଉ ଭଉଣୀକୁ ଭର୍ତ୍ସନା କରେ । ସେ କୁହେ- ମୋ ସ୍ତ୍ରୀ ବଡ଼ ଘରର ଝିଅ ଏବଂ ସୁନ୍ଦରୀ । ତେଣୁ ତାକୁ ଘର ଷଣ୍ଢଣାର ଆଦବ କାଇଦା କିଛି ଶିଖେଇବା ଦରକାର ନାହିଁ କି ଘରଖର୍ଚ୍ଚ ପାଇଁ ମୁଁ ଆଉ ପଇସାପତ୍ର ଦେଇ ପାରିବି ନାହିଁ । ବାପା ! ନିଜ ସଂସାରକୁ ନିଜେ ଚଳାନ୍ତୁ । ପିଲାଟିଏ ଜନ୍ମହେଲେ ତାକୁ ଲାଳନ ପାଳନ କରି ବନ ମଣିଷ କରିବାର କର୍ତବ୍ୟ ବାପା- ମାଆଙ୍କ ହାତରେ ନ୍ୟସ୍ତ ଥାଏ । ସେ ତାଙ୍କର କର୍ତବ୍ୟ କରି ସାରିଛନ୍ତି । ମୁଁ ଏଥର ମୋ ସଂସାରକୁ ଦେଖିବି । "ନିଜେ ବଂଚ ଓ ଅନ୍ୟକୁ ବଂଚିବାର ସ୍ୱାଧୀନତା ଦିଅ ।" ବାପା-ମାଆଙ୍କ ପ୍ରତି ଥିବା କର୍ତବ୍ୟ ବର୍ତମାନ ସମୟରେ ଆଉ ଚଳୁ ନାହିଁ । ଧନ୍ୟ ଏ ସଂସାର, ଧନ୍ୟ ଏ ପିତା-ମାତା, ଧନ୍ୟ ତାଙ୍କ ସନ୍ତାନ ।





# କୁମାର ପୂର୍ଣ୍ଣିମା

◆ କାଳି ଦାସ

କୁମାର ପୂର୍ଣ୍ଣିମା କୁ ଶରଦ ପୂର୍ଣ୍ଣିମା, କୋଜାଗିରି ପୂର୍ଣ୍ଣିମା, ନବନ୍ନ ପୂର୍ଣ୍ଣିମା ଏବଂ କଉମୁଦି ପୂର୍ଣ୍ଣିମା ମଧ୍ୟ କୁହାଯାଏ । କୁମାର ପୂର୍ଣ୍ଣିମା ଅଶ୍ଵିନ ମାସ ରେ ପାଳନ କରାଯାଏ । ବର୍ଷା ରତୁ ସରିବା ପରେ ଶରତ ରତୁ ଆସେ ଏହି ସମୟ ରେ ଆକାଶ ପ୍ରାୟ ମେଘ ମୁକ୍ତ ହୋଇଥାଏ । ପୂର୍ଣ୍ଣ ଚନ୍ଦ୍ର ର ସୁନ୍ଦରତା ବେସ ମନ ମୋହକ । ଅଶ୍ଵିନ ପୂର୍ଣ୍ଣିମା କୁ କୁମାର ପୂର୍ଣ୍ଣିମା କୁହାଯାଏ । କୁମାର ହେଲେ କାର୍ତିକେୟ, କାର୍ତିକେୟଙ୍କୁ ସୌନ୍ଦର୍ଯ ର ଦେବତା କୁହାଯାଏ । ଶରତ ପୂର୍ଣ୍ଣିମା ପର ଠାରୁ କାର୍ତିକ ମାସ ଆରମ୍ଭ ହୋଇଥାଏ । କାର୍ତିକ ମାସ ହେଲା ଧର୍ମ ର ମାସ । ଏହି ସମୟ ରେ ଲୋକ ମାନେ ଉପବାସ କରି , ହବିଷ କରି ଏବଂ ଦାନ ଧର୍ମ କରି ପୂଣ୍ୟ ଅର୍ଜନ କରିଥାନ୍ତି । କୁମାର ପୂର୍ଣ୍ଣିମା ରେ ପୂର୍ଣ୍ଣିମା ଚନ୍ଦ୍ର କୁ ପୂଜା କରାଯାଏ ତା ସହିତ ଯୁଗଲ ମୂର୍ତି ରାଧା, କୃଷ୍ଣ, ଶିବ ପାର୍ବତୀ ଏବଂ ଲାକ୍ଷ୍ମୀନାରାୟଣଙ୍କୁ ହଳଦିଆ ଫୁଲ , କ୍ଷୀରି ଏବଂ ବିଭିର୍ନ୍ନ ପ୍ରକାର ର ମିଷ୍ଟାର୍ଣ୍ଣ ସାମଗ୍ରୀ ଦେଇ ନିଷ୍ଠା ରେ ପୂଜା କରନ୍ତି । ହଳଦିଆ ଚାଉଳ , ଦୁଶଚାଉଳ ରେ ଚନ୍ଦ୍ରଙ୍କ ଉପାସନା କରାଯାଇଥାଏ । କୁମାର ପୂର୍ଣ୍ଣିମା ସେପଟ୍ଟେମ୍ବର ଏବଂ ଅକ୍ଟୋବର ମାସ ରେ ପାଳନ କରାଯାଇଥାଏ । ଠାକୁର ମାନଙ୍କୁ ମନ୍ଦିର ରେ ଧଳା ରଙ୍ଗ ଲୁଗା ବା ନୂଆ ଲୁଗା ପିନ୍ଧାଯାଇଥାଏ । ଠାକୁର ମାନେ ଚମକୁଥିବା ଚନ୍ଦ୍ର ପରି ଦେଖାଯାନ୍ତି । ଅନେକ ଲୋକମାନେ କୁମାରପୂର୍ଣ୍ଣିମା ଦିନ ଉପବାସ କରନ୍ତି । କୁମାର ପୂର୍ଣ୍ଣିମା ଭାରତ ରେ ବିଭିର୍ନ୍ନ ସ୍ଥାନ ରେ ପାଳନ କରାଯାଇଥାଏ । ଓଡିଶା ରେ ଅବିବିବାହିତ ଝିଅ ମାନେ କୁମାର ପରି ସୁନ୍ଦର ସ୍ଵାମୀ ପାଇବା ପାଇଁ ଉପବାସ





କରନ୍ତି । ସୂର୍ଯ୍ୟ ଉଦୟ ହେବା ପରେ ସୂର୍ଯ୍ୟଙ୍କୁ କୁଲା ରେ ଭର୍ତି ହୋଇଥିବା ସାତ ପ୍ରକାର ର ଫଳ ନଡିଆ, କଦଳୀ , କାକୁଡି , ଗୁଆ , ଆଖୁ ଏବଂ ପିଜୁଳି ଦେଇ ଆଳତି କରନ୍ତି ସକାଳେ ଉଦୟ ହୋଇଥିବା ସୂର୍ଯ୍ୟଙ୍କୁ ଅଞ୍ଜଳି ଦେଇଥାନ୍ତି । ସନ୍ଧ୍ୟା ରେ ଝିଅ ମାନେ ଉଦୟ ହୋଇଥିବା ଚନ୍ଦ୍ରଙ୍କୁ ଖଇ , ଫଳ, ଦହି ଗୁଡ ଛେନା ଓ ମହୁ ସଜାଇ ତୁଳସୀ ଗଛ ପାଖରେ ପୂଜା କରିଥାନ୍ତି । ତୁଳସୀ ପାଖରେ ଉଦୟମାନ ଚନ୍ଦ୍ରଙ୍କୁ ଚାନ୍ଦ ଚକଟା କରି ପୂଜା କରିଥାନ୍ତି । ଚାନ୍ଦଙ୍କୁ ଅଞ୍ଜଳି ଦିଆଯାଇଥାଏ । ଏହା ପରେ ଅଭିଆଡୀ ଝିଅ ମାନେ ନିଜ ଉପବାସ ଭାଙ୍ଗି ଥାନ୍ତି । ଓଡିଶା ରେ ଅନ୍ୟ ପ୍ରାନ୍ତ ରେ ଜହ୍ନି ଓଷା ର ଉଜ୍ଜାପନ ମଧ୍ୟ ଅହି ଦିନ ହୋଇଥାଏ । ମାସ ସାରା କୁମାରୀ ଝିଅ ମାନେ ଜନ୍‌ହି ଉଷା କରିଥାନ୍ତି ଏବଂ କୁମାରପୂର୍ଣ୍ଣିମା ଦିନ ତୁଳସୀ ଏବଂ ଚନ୍ଦ୍ରଙ୍କୁ ଶେଷ କରିଥାନ୍ତି । ଚନ୍ଦ୍ରକେର ଆମ ଜୀବନ ରେ ମହତ୍ଵପୂର୍ଣ୍ଣ ଭୂମିକା ରହିଛି । ସୂର୍ଯ୍ୟ ସକଳ ଶକ୍ତି ର ଆଧାର ହେଲେ ଚନ୍ଦ୍ର ଜୀବନୀ ଶକ୍ତି ର ଆଧାର । ଚନ୍ଦ୍ରଙ୍କୁ କେନ୍ଦ୍ର କରି ଅନେକ କବିତା ଗୀତ ରହିଛି । କୁମାର ପୂର୍ଣ୍ଣମୀ ସମୟ ରେ ଚନ୍ଦ୍ର ପୃଥିବୀ ର ନିକଟତମ ହୋଇଥାନ୍ତି । ଏହି ଦିନ ଗଜ ଲକ୍ଷ୍ମୀ ପୂଜା ମଧ୍ୟ ହୋଇଥାଏ । ସୌଭାଗ୍ୟ ଓ ସମ୍ପତି ର ଅଧିଷ୍ଠାତ୍ରୀ ଦେବୀ ହେଲେ ଲକ୍ଷ୍ମୀ । ଏହି ଦିନ ଭାଗବାନ ଶ୍ରୀ କୃଷ୍ଣ ରାସ ଆରମ୍ଭ କରିଥିଲେ । ବ୍ରହ୍ମ ପୁରାଣ ରେ ଲେଖା ଅଚଚି ଯେ ସ୍ଵୟଂ ଶିବ ରାଧା କୃଷ୍ଣଙ୍କର ଏହି ଅଲୌକିକ ରାସ ରେ ଯୋଗ ଦେବା ପାଇଁ ଗୋପି ହୋଇଥିଲେ ସେଥିପାଇଁ ମାହାଦେବଙ୍କୁ ଗୋପେଶ୍ଵର ମାହାଦେବ ମଧ୍ୟ କୁହାଯାଏ । ରାସ ନୃତ୍ୟ ପରଠାରୁ ଗ୍ରୁପ ଡାନ୍ସ ର ଆରମ୍ଭ ବିଶ୍ଵ ରେ ହୋଇଥିଲା । କୁମାର ପୂର୍ଣ୍ଣିମା ହର୍ଷ ଉଲ୍ଲାସ ର ପର୍ବ । ପରିବାର ର ସମସ୍ତେ ଏହି ଦିନ ନୂଆ ଲୁଗା ପିନ୍ଧି ବଡ ମାନଙ୍କ ପାଖରୁ ଆଶୀର୍ବାଦ ଭିକ୍ଷା କରିଥାନ୍ତି । ଘରେ ପାରମ୍ପରିକ ପିଠା ହୋଇଥାଏ । ନବବିବାହିତ ଝିଅ ମାନଙ୍କ ପାଇଁ ବାପ ଘରୁ ପୁନୀୟ ଭାର ଆସିଥାଏ । ଲୋକ ମାନେ ପରଶ୍ଵର କୁ ଅଭିନନ୍ଦନ ଜଣାଇଥାନ୍ତି ସଙ୍ଗୀତ, ନୃତ୍ୟ, ଖେଳ ରେ କୁମାର ପୂର୍ଣ୍ଣିମା ଉତ୍ସବ ପାଳନ କରାଯାଏ । ପୁରୀ ଜଗନ୍ନାଥ ମନ୍ଦିର ରେ ଦ୍ୟୂତ କ୍ରିଡା ଦେଖିବା କୁ ମିଳିଛି । ସପ୍ତାହ ବ୍ୟାପୀ ଗଜଲକ୍ଷ୍ମୀ ପୂଜା ଓଡିଶା ର ଅନେକ ଜାଗା ରେ ଦେଖିବା କୁ ମିଳିଥାଏ ।

*ବ୍ରହ୍ମପୁର, ଖୋଡ଼ାସିଙ୍ଗ କଳିଙ୍ଗନଗର,*
*ଫୋନ ନମ୍ବର – ୭୨୦୫୧୦୦୮୩୯*

# କୁଆଁର ପୁନେଇଁ

◆ ରାମଚନ୍ଦ୍ର ବେହେରା

କୁଆଁର ପୁନେଇଁ ଆସିଛି ରାଇଜେ
ଖୁସୀର ପସରା ନେଇ
କୁଆଁରୀ ରଖିବେ ବ୍ରତ ଉପାସନା
ଭକ୍ତିପୂତ ଅର୍ଘ୍ୟ ଦେଇ
ସ୍ନାନବିଧି କର୍ମ ସାରି
ସାତ ଫଳ ସହ ଆଂଜୁଳି ଟେକିବେ
ସୂର୍ଯ୍ୟଂକୁ ଭକତି ଭରି ।
ସଂଜ ନଇଁଗଲେ ଚଉରା ସମୀପେ
କୁଆଁରୀ ହୋଇବେ ମେଳି
ଚାନ୍ଦ ଚଉରାକୁ ଶ୍ରଦ୍ଧାରେ ପୂଜିବେ
ଦେଇ ପୂଣ୍ୟ ହୁଳହୁଳି
ହେବ ବନ୍ଦାପନା ନୀତି
କାର୍ତିକେୟ ପରି ସାଥୀଟିଏ ପାଇଁ
କରିବେ ହୃଦେ ବିନତୀ ।
ନୀଳ ଗଗନରେ ଚନ୍ଦ୍ରମା ହସିବ
ରୂପେଲି ଜୋଛନା ଦେଇ
କୁଆଁରୀ ଗାଇବେ ସୁମଧୁର ଗୀତ
ଗାଆଁ ଦାଣ୍ଡେ ମେଳ ହୋଇ
ଖେଳି ପୁଚି ବୋହୂଚୋରୀ
ହର୍ଷ ଉଲ୍ଲାସରେ ରାତିକୁ କାଟିବେ
ସ୍ନେହ ଶ୍ରଦ୍ଧା ମନେ ଭରି ।
ପୁନେଇଁ ତିଥିରେ ଗଜଲକ୍ଷ୍ମୀ ପୂଜା
ହେବ ପୂଣ୍ୟ ଉତ୍କଳରେ
ସ୍ଵର୍ଗରୁ ଓହ୍ଲାଇ ମାତା ସୁପ୍ରସନ୍ନା
ବିରାଜିବେ ମଣ୍ଡପରେ
ହସିବ ଏ ମର୍ତ୍ତ୍ୟଧାମ
ମାତାଂକ ଆଶିଷେ ମିଳିବ ଐଶ୍ଵର୍ଯ୍ୟ
ମୋକ୍ଷ କାମନା ଓ ଧର୍ମ ।
ଆମ ପରମ୍ପରା ସଂସ୍କାର ସଂସ୍କୃତି
ସାରା ଦେଶରେ ନିଆରା
ମାତା ପଦ୍ମାସନା ଭକ୍ତଂକୁ ବାଂଟିବେ
ବୈଭବ ଅମୃତ ଧାରା
ସୁଖ ସମୃଦ୍ଧି କାରଣେ
କୁଆଁରୀ ପାଳିବେ ଏ ମହାନ ପର୍ବ
ଆମରି ପୂଣ୍ୟ ଉତ୍କଳେ ।

*ତେନ୍ତୁଳିପଦା, ଜଗତସିଂହପୁର, ମୋ-୭୩୫୫୫୩୪୩୪୬*

# କୁମାରୋତ୍ସବ

◆ ନିରୂପମା ଭୂୟାଁ




ଆଶ୍ଵିନ ମାସ ପୂର୍ଣ୍ଣମୀ ତିଥିରେ କୁମାରୋତ୍ସବ ବା କୁମାର ପୂର୍ଣ୍ଣିମା ପାଳନ କରାଯାଏ । ଏହି ଦିନ ଚନ୍ଦ୍ର ଓ କାର୍ତିକଙ୍କର ପୂଜା କରାଯାଏ । ପ୍ରତ୍ୟେକ ଘରର କୁମାର କୁମାରୀମାନେ ନୂତନ ବସ୍ତ୍ର ପରିଧାନ କରନ୍ତି ଓ ସନ୍ଧ୍ୟା ସମୟରେ ନବୋଦିତ ଚନ୍ଦ୍ରଙ୍କର ଆରାଧନା କରନ୍ତି । କୁମାରୀମାନଙ୍କର ଏହା ଏକ ବଡ଼ ଉତ୍ସବ । ଏଥିପାଇଁ ମାସକ ପୂର୍ବରୁ ଏମାନଙ୍କର ପ୍ରସ୍ତୁତି ଚାଲିଥାଏ । ଭାଦ୍ରବ ପୂର୍ଣ୍ଣମୀ ବା ଇନ୍ଦୁ ପୂର୍ଣ୍ଣମୀ ଠାରୁ କୁମାର ପୂର୍ଣ୍ଣମୀ ପର୍ଯ୍ୟନ୍ତ କୁମାରୀ କନ୍ୟାମାନେ ଏକାଠି ହୋଇ ଜହ୍ନି ଓଷା କରନ୍ତି । ଜହ୍ନି ଫୁଲର କୋଠି ତିଆରି କରି କଳସ ସ୍ଥାପନ କରି ତୁଳସୀ ଚଉରା ମୂଳେ ପୂଜା କରନ୍ତି । କୁମାର ପୂର୍ଣ୍ଣମୀରେ ଏହାର ଉଦ୍‌ଯାପନ ହୁଏ । ଆଉ କେହି କେହି ପୂର୍ଣ୍ଣମୀର ସାତଦିନ ପୂର୍ବରୁ କେବଳ କୋଠି ତିଆରି କରି ଏହି ପୂଜାବିଧି ପାଳନ କରନ୍ତି । ଏହି ସମୟରେ ପୁଚି ଗୀତ ଗାଇ ପୁଚି ଖେଳନ୍ତି । ସନ୍ଧ୍ୟାରେ ଚନ୍ଦ୍ରଙ୍କ ପୂଜା ପୂର୍ବରୁ ଭୋଗରେ ଲିଆ, ନଡ଼ିଆ ଓ ବିଭିନ୍ନ ପ୍ରକାରର ଫଳମୂଳର ଅଞ୍ଜଳି ଟେକି ଚନ୍ଦ୍ର ଓ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରାଯାଇଥାଏ । ଆକାଶରେ ଅକଁଳ ସୂର୍ଯ୍ୟଙ୍କର ଅରୁଣ ଦୀପ୍ତି ଓ ମଳାଜହ୍ନର ନିଷ୍ପ୍ରଭ ଜ୍ୟୋତି ଉଭୟର ସମାବେଶ ଘଟିଥାଏ । ସନ୍ଧ୍ୟାର ପୂଜା ଉତ୍ସବବେଳେ ମଧ୍ୟ ଆକାଶରୁ ଗୋଧୂଳିର ରକ୍ତିମା ଲିଭିନଥାଏ କିମ୍ବା ପୂର୍ଣ୍ଣମୀ ଜହ୍ନ ତା'ର ସମୁଦାୟ କାନ୍ତି ପ୍ରକାଶ କରିନଥାଏ । ଏକକାଳୀନ ଚନ୍ଦ୍ର ଓ ସୂର୍ଯ୍ୟ ଉଭୟଙ୍କ ପୂଜା କରି କୁମାରୀ ମାନେ ନିଜର ସୌଭାଗ୍ୟ କାମନା କରିଥାନ୍ତି । କୁମାରୀମାନେ କୌତୁକ କ୍ରୀଡ଼ାକରି କୁମାର ପୂର୍ଣ୍ଣମୀ ରାତ୍ରିଟି ଉଜାଗର କାଟିଥାନ୍ତି । ଏହି ପର୍ବ ଓଡ଼ିଶାର ଘରେ ଘରେ ପାଳିତ ହୁଏ । କୁମାରୀ ପୂର୍ଣ୍ଣମୀ ଦିନ ଓଡ଼ିଶାବାସୀ ଗଜଲକ୍ଷ୍ମୀ, ଚନ୍ଦ୍ର, ସୂର୍ଯ୍ୟ ଓ କାର୍ତିକଙ୍କର ପୂଜା ଆରାଧନା କରି ନିଜର ସୁଖ, ସୌଭାଗ୍ୟ, ଯଶ, ଧନ ଓ ପୌରୁଷ କାମନା କରନ୍ତି ।

*ଜିଲ୍ଲା ସଂଯୋଜିକା (ଶିକ୍ଷା) ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, କେନ୍ଦ୍ରାପଡ଼ା ଜିଲ୍ଲା, ପଳାଇ ବାଲିଚନ୍ଦ୍ରପୁର, ଯାଜପୁର : ୯୯୩୭୪୭୦୯୮୦*

# କୁମାର ଉତ୍ସବ

◆ ଡ଼ଃ.ଅରୁନ୍ଧତୀ ଦେବୀ

ଓଡ଼ିଆ ଚିନ୍ତା ଚେତନାରେ କୁମାର ଉତ୍ସବ ବା କୁମାର ପୂର୍ଣ୍ଣିମା ଅନ୍ୟତମ । ଆଶ୍ଵିନ ମାସ ପୂର୍ଣ୍ଣମୀ ତିଥିରେ ଏହି ପର୍ବଟି ପାଳିତ ହୁଏ । ଏହି ଦିନ ଜଗତ୍‌ମାତା ବା ଲକ୍ଷ୍ମୀ ଦେବୀଙ୍କ ପୂଜା କରାଯାଉ ଥିବାରୁ ଏହାକୁ ଗଜଲକ୍ଷ୍ମୀ ପୂଜା କୁହାଯାଏ । ସୌଭାଗ୍ୟ, ସୌନ୍ଦର୍ଯ୍ୟ ଓ ସମ୍ପଦର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ଶ୍ରୀ ଲକ୍ଷ୍ମୀ । ଶାରଦୀୟ ପୂର୍ଣ୍ଣିମାରେ ଲକ୍ଷ୍ମୀ ଦେବୀଙ୍କର ଆରାଧାନା କରିବା ତ ସ୍ଵାଭାବିକ କଥା । ଶରତର ଶେଷ ସହିତ ହେମନ୍ତର ଆଗମନ । ଶସ୍ୟ ସବୁଜିମାରେ ପରିପୂର୍ଣ୍ଣ ଧରିତ୍ରୀ କେଉଁଠି କେମିତି ପାଚିଲା ଧାନକିଆରୀର ସୁନେଲୀ ଆଡ଼ମ୍ବର । ବର୍ଷାରତୁତ ଧରାପୃଷ୍ଠରୁ ବିଦାୟ ନେଇ ସାରିଥାଏ ତେଣୁ ନିର୍ମଳ ଆକାଶ, ନଦୀ, ପୁଷ୍କରିଣୀର ଜଳରାଶି ଅନାବିଳ । ସତେ ଯେପରି ମାଆ ଧରିତ୍ରୀ ହସୁଛନ୍ତି । ଏହି ସମୟରେ ଗଜପୃଷ୍ଠରେ ଲକ୍ଷ୍ମୀ ଦେବୀଙ୍କର ହୁଏ ପଦାର୍ପଣ । ଭକ୍ତିପୂତ ହୃଦୟର ନିବେଦନ ଶୁଣି ମହାଲକ୍ଷ୍ମୀ ରାତ୍ରୀ ସମୟରେ ଭକ୍ତ ଗୃହରେ ଉପସ୍ଥିତ ହୋଇ କୁହନ୍ତି ନିଶୀଥେ ବରଦା ଲକ୍ଷ୍ମୀଃ କୋ ଜାଗର୍ତୀ ଭାଷିନୀ, ତସ୍ମୈ ବିତଂ ପ୍ରୟଚ୍ଛାମିସ୍ମିଃ ଅତ୍ରୋଡ଼ାଂ




କରୋତି ଯଃ' । ଯିଏ ରାତ୍ର ଉଜାଗର ରହି ପଶାଖେଳରେ ନିଯୁକ୍ତ ରହେ ତାହାକୁ ହିଁ ଲକ୍ଷ୍ମୀ ଦେବୀ ବରପ୍ରଦାନ କରନ୍ତି । ମୃତ୍ୟୁର କରାଳ କବଳରେ ନବଜାତକ ଅକସ୍ମାତ ପତିତ ହେବା କିମ୍ବା ପୌଷର ଶୁଷ୍କପତ୍ର ତୁଲ୍ୟ ବୃଦ୍ଧଗଣ ମୃତ୍ୟୁ ପ୍ରତୀକ୍ଷାରେ ଅତିଷ୍ଟ ହୋଇ ଉଠିବା – ଏତ ସଂସାରର ନିୟମ । ଏହାର ବ୍ୟଞ୍ଜନାତ୍ମକ ଅଭିବ୍ୟକ୍ତ ହେଉଛି ପଶାଖେଳ । ତେଣୁ କୁମାର ପୂର୍ଣ୍ଣମୀରେ ପଶାଖେଳର ପ୍ରଚଳନ – ଏଇ ସଂସାରିକ ତତ୍ତ୍ଵର ଉପଲବ୍ଧି ପାଇଁ । ଆଶ୍ଵିନ ମାସ ପୂର୍ଣ୍ଣମୀ ତିଥିରେ କୁମାରୋତ୍ସବ ବା କୁମାର ପୂର୍ଣ୍ଣିମା ପାଳନ କରାଯାଏ । ଏହି ଦିନ ଚନ୍ଦ୍ର ଓ କାର୍ତିକଙ୍କର ପୂଜା କରାଯାଏ । ପ୍ରତ୍ୟେକ ଘରର କୁମାର କୁମାରୀମାନେ ନୂତନ ବସ୍ତ୍ର ପରିଧାନ କରନ୍ତି ଓ ସନ୍ଧ୍ୟା ସମୟରେ ନବୋଦିତ ଚନ୍ଦ୍ରଙ୍କର ଆରାଧନା କରନ୍ତି । କୁମାରୀମାନଙ୍କର ଏହା ଏକ ବଡ଼ ଉତ୍ସବ । ଏଥିପାଇଁ ମାସକ ପୂର୍ବରୁ ଏମାନଙ୍କର ପ୍ରସ୍ତୁତି ଚାଲିଥାଏ । ଭାଦ୍ରବ ପୂର୍ଣ୍ଣମୀ ବା ଇନ୍ଦୁ ପୂର୍ଣ୍ଣମୀ ଠାରୁ କୁମାର ପୂର୍ଣ୍ଣମୀ ପର୍ଯ୍ୟନ୍ତ କୁମାରୀ କନ୍ୟାମାନେ ଏକାଠି ହୋଇ ଜହ୍ନି ଓଷା କରନ୍ତି । ଜହ୍ନି ଫୁଲର କୋଠି ତିଆରି କରି କଳସ ସ୍ଥାପନ କରି ତୁଳସୀ ଚଉରା ମୂଳେ ପୂଜା କରନ୍ତି । କୁମାର ପୂର୍ଣ୍ଣମୀରେ ଏହାର ଉଦ୍‌ଯାପନ ହୁଏ । ଆଉ କେହି କେହି ପୂର୍ଣ୍ଣମୀର ସାତଦିନ ପୂର୍ବରୁ କେବଳ କୋଠି ତିଆରି କରି ଏହି ପୂଜାବିଧି ପାଳନ କରନ୍ତି । ଏହି ସମୟରେ ପୁଚି ଗୀତ ଗାଇ ପୁଚି ଖେଳନ୍ତି । ସନ୍ଧ୍ୟାରେ ଚନ୍ଦ୍ରଙ୍କ ପୂଜା ପୂର୍ବରୁ ଭୋଗରେ ଲିଆ, ନଡ଼ିଆ ଓ ବିଭିନ୍ନ ପ୍ରକାରର ଫଳମୂଳର ଅଞ୍ଜଳି ଟେକି ଚନ୍ଦ୍ର ଓ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରାଯାଇଥାଏ । ଆକାଶରେ ଅକଁଳ ସୂର୍ଯ୍ୟଙ୍କର ଅରୁଣ ଦୀପ୍ତି ଓ ମଳାଜହ୍ନର ନିଷ୍ପ୍ରଭ ଜ୍ୟୋତି ଉଭୟର ସମାବେଶ ଘଟିଥାଏ । ସନ୍ଧ୍ୟାର ପୂଜା ଉତ୍ସବବେଳେ ମଧ୍ୟ ଆକାଶରୁ ଗୋଧୂଳିର ରକ୍ତିମା ଲିଭିନଥାଏ କିମ୍ବା ପୂର୍ଣ୍ଣମୀ ଜହ୍ନ ତା'ର ସମୁଦାୟ କାନ୍ତି ପ୍ରକାଶ କରିନଥାଏ । ଏକକାଳୀନ ଚନ୍ଦ୍ର ଓ ସୂର୍ଯ୍ୟ ଉଭୟଙ୍କ ପୂଜା କରି କୁମାରୀମାନେ ନିଜର ସୌଭାଗ୍ୟ କାମନା କରିଥାନ୍ତି । କୁମାରୀମାନେ କୌତୁକ କ୍ରୀଡ଼ାକରି କୁମାର ପୂର୍ଣ୍ଣମୀ ରାତ୍ରିଟି ଉଜାଗର କାଟିଥାନ୍ତି । ଏହି ପର୍ବ ଓଡ଼ିଶାର ଘରେ ଘରେ ପାଳିତ ହୁଏ । କୁମାରୀ ପୂର୍ଣ୍ଣମୀ ଦିନ ଓଡ଼ିଶାବାସୀ ଗଜଲକ୍ଷ୍ମୀ, ଚନ୍ଦ୍ର, ସୂର୍ଯ୍ୟ ଓ କାର୍ତିକଙ୍କର ପୂଜା ଆରାଧନା କରି ନିଜର ସୁଖ, ସୌଭାଗ୍ୟ, ଯଶ, ଧନ ଓ ପୌରୁଷ କାମନା କରନ୍ତି । ମା'ଲକ୍ଷ୍ମୀଙ୍କର ନିର୍ଦ୍ଦେଶ, ଯେଉଁ ବ୍ୟକ୍ତି ଏ ଉଠାପଡ଼ା ଦୁନିଆରେ ନିଜ ପୁରୁଷାକାର ଦ୍ଵାରା ସ୍ଥିର ରହେ ସେହି କେବଳ ଜିତାପଟ ନିଏ । କାରଣ ଲକ୍ଷ୍ମୀଙ୍କର ଅନ୍ୟ ନାମ ଚଚଳା । ସେ କାହାକୁ ହସାନ୍ତି ତ କାହାକୁ କନ୍ଦାନ୍ତି । କାହା ମୁଣ୍ଡରେ ରାଜମୁକୁଟ ପିନ୍ଧାନ୍ତି ତ କାହାକୁ ଦାଣ୍ଡର ଭିକାରୀ କରନ୍ତି । ତେଣୁ ରୋଗ, ଶୋକ, ଅଭାବ, ଅନାଟନର ଅନ୍ଧକାର ରାତ୍ରିରେ ଯିଏ ଉଜାଗର ରହେ ଏବଂ ଅସ୍ଥିର ଓ କ୍ଳାନ୍ତ ହୁଏ ନାହିଁ ସେହି କେବଳ ଲକ୍ଷ୍ମୀଙ୍କର ବରପୁତ୍ର ହୁଏ । ତେଣୁ କୁମାର ପୂର୍ଣ୍ଣମୀରେ ଉଜାଗର ରହିବା ପ୍ରଥା ଓଡ଼ିଶାର ବହୁ ସ୍ଥଳରେ ପ୍ରଚଳନ ରହିଛି । କୁମାର ପୂର୍ଣ୍ଣମୀ ରାତ୍ରିରେ ଚୁଡ଼ା ଓ ନଡ଼ିଆରେ ଶ୍ରୀଲକ୍ଷ୍ମୀଙ୍କର ଅର୍ଚ୍ଚନା କରାଯାଏ । ଏହା ମଧ୍ୟ ପୁରାଣରେ ବର୍ଣ୍ଣିତ ଅଛି – 'ନାରିକେଳେଷ୍ଟି ପିଟକୈଃ ପିତମ୍ ଦେବାନ୍ ସମର୍ଚ୍ଚୟେତ୍, ବନ୍ଧୁଂଶ୍ଚ ପ୍ରୀନୟେତେନ ସ୍ଵୟଂ ତଦଶନୋ ଭବେତ୍' । ଚୁଡ଼ା ନଡ଼ିଆରେ ଲକ୍ଷ୍ମୀ ଦେବୀଙ୍କ ନୈବେଦ୍ୟ ପ୍ରସ୍ତୁତ କରିବାର ତାତ୍ପର୍ଯ୍ୟ ହେଉଛି – ଅନ୍ନହିଁ ଲକ୍ଷ୍ମୀଙ୍କର ରୂପମନ୍ତ ପ୍ରକାଶ । ସେହି ହେତୁରୁ ଧାନ ମଧ୍ୟ ଲକ୍ଷ୍ମୀ ନ୍ୟାୟରେ ପୂଜ୍ୟ । ଏହି ଦିନରେ ପୁଣି ଚନ୍ଦ୍ର ଓ କାର୍ତିକଙ୍କର ପୂଜା କରାଯାଏ । ପ୍ରତ୍ୟେକ ଘରର କୁମାର କୁମାରୀ ମାନେ ନୂତନ ବସ୍ତ୍ର ପରିଧାନ କରନ୍ତି ଓ ସଂଧ୍ୟା ସମୟରେ ନବୋଦିତ୍ ଚନ୍ଦ୍ରଙ୍କର ଆରାଧନା କରନ୍ତି । କୁମାରୀମାନଙ୍କର ଏହା ଏକ ବଡ଼ ଉତ୍ସବ ଦିନ । ଏଥିପାଇଁ ମାସକ ପୂର୍ବରୁ ଏମାନଙ୍କର ପ୍ରସ୍ତୁତି ଚାଲିଥାଏ । ଭାଦ୍ରବ ପୂର୍ଣ୍ଣମୀ ବା ଇନ୍ଦୁ ପୂର୍ଣ୍ଣମୀ ଠାରୁ କୁମାର ପୂର୍ଣ୍ଣମୀ ପର୍ଯ୍ୟନ୍ତ କୁମାରୀ କନ୍ୟାମାନେ ଏକାଠି ହୋଇ ଜହ୍ନି ଓଷା କରନ୍ତି । ଜହ୍ନି ଫୁଲରେ କୋଠି ତିଆରି କରି, କଳସ ସ୍ଥାପନ କରି, ତୁଳସୀ ଚଉରା ମୂଳେ ପୂଜା କରିଥାନ୍ତି । ସେହି ପୂଜାର ଉଦ୍‌ଯାପନ ହୁଏ କୁମାର ପୂର୍ଣ୍ଣମୀରେ । ସନ୍ଧ୍ୟାର ପୂଜା ଉତ୍ସବ ବେଳେ ମଧ୍ୟ ଆକାଶରୁ ଗୋଧୂଳିର ରକ୍ତିମା ଲିଭି ନଥାଏ କିମ୍ବା ପୂର୍ଣ୍ଣମୀ ଜହ୍ନ ତାର ସମୁଦାୟ କାନ୍ତି ପ୍ରକାଶ କରିନଥାଏ । ଏହିପରି ମଧୁର ସନ୍ଧିବେଳାରେ ଚନ୍ଦ୍ର ପୂଜାର ଆୟୋଜନ ହୁଏ । ତେଣୁ ଏମାନେ ଏକକାଳୀନ ଚନ୍ଦ୍ର ଓ ସୂର୍ଯ୍ୟ ଉଭୟର ପୂଜା କରି ନିଜର ସୌଭାଗ୍ୟ କାମନା କରିଥାନ୍ତି । କୁମାରୀମାନେ କୌତୁକ କ୍ରୀଡ଼ାକରି କୁମାର ପୂର୍ଣ୍ଣମୀ ରାତ୍ରିଟି ଉଜାଗରରେ କଟାଇ ଦିଅନ୍ତି । ଏହି ପର୍ବ ଓଡ଼ିଶାର ଘରେ ଘରେ ପାଳିତ ହୁଏ ଏବଂ ଏ ଦିନ ଓଡ଼ିଶାବାସୀ ଗଜଲକ୍ଷ୍ମୀ, ଚନ୍ଦ୍ର, ସୂର୍ଯ୍ୟ ଓ କାର୍ତିକଙ୍କର ପୂଜା ଆରାଧନା କରି ନିଜର ସୁଖ, ସୌଭାଗ୍ୟ, ଯଶ, ଧନ ଓ ପୌରୁଷ କାମନା କରିଥାନ୍ତି ।

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ : ୯୯୩୭୧୭୨୮୧୦*

# କୁଆଁର ପୁନ୍ହେଁଇ

◆ କୃଷ୍ଣପ୍ରିୟା ତ୍ରିପାଠୀ

ଶରତର ଶେଷ ସହିତ ହେମନ୍ତର ମୃର୍ଦୁ ଉଲ୍ଲାସ । ନଈ ପଠାରେ କାସଦଣ୍ଡୀର ହସ । ଶସ୍ୟ ସବୁଜିମାରେ ପରିପୂର୍ଣ୍ଣ ଧରିତ୍ରୀ । ଧରାପୃଷ୍ଠରୁ ରତୁରାଜ ବର୍ଷା ରତୁ ବିଦାୟ ନେଇସାରିଥାଏ । ଦୁର୍ଗତି ନାସୀନି ଜଗତ୍‌ଜନନୀ ଦେବୀ ଦୁର୍ଗାଙ୍କର ମେଲାଣୀ ସରିଥାଏ । କେଉଁଠି କେମିତି ପାଚିଲା ଧାନ କିଆରିରେ ସୁନେଲିର ଆଡ଼ମ୍ବର । ନିର୍ମଳ ଆକାଶ, ନଦୀ ଓ ପୁଷ୍କରିଣୀରେ ଜଳରାଶି ଅନାବିଳ । ସତେ ଯେପରି ସର୍ବସଂହା ଧରିତ୍ରୀ ନିଜ ସୁନେଲି ସବୁଜରେ ଚିରହରିତ୍ ହସରେ ସ୍ଵାଗତ କରୁଛି କୁମାରୀ ମାନଙ୍କ ପ୍ରତିକ୍ଷିତ ପାର୍ବଣ କୁମାର ପୂର୍ଣ୍ଣିମା । ଏହିପରି ସମୟରେ ଗଜପୃଷ୍ଠରେ ଆର୍ବିଭାବ ହୁଅନ୍ତି ମା' ଲକ୍ଷ୍ମୀ । କୁମାର ପୂର୍ଣ୍ଣିମା ଆଶ୍ଵୀନ ମାସ ପୂର୍ଣ୍ଣମୀ ତିଥିରେ ପାଳିତ ହୋଇଥାଏ । ସୌଭାଗ୍ୟ, ସୌନ୍ଦର୍ଯ୍ୟ ଓ ସଂପଦର ମୂର୍ତିମନ୍ତ ଅଭିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା' ଲକ୍ଷ୍ମୀ । ଦେବୀ ଲକ୍ଷ୍ମୀଙ୍କୁ ଅଗଣିତା ଭକ୍ତ ପ୍ରାର୍ଥନା କରିବୋଲନ୍ତି ‟ନିଶୀଥେ ବରଦା ଲକ୍ଷ୍ମୀଃ କୋ ଜାଗର୍ତୀତି ଭାଷିନୀ, ତସ୍ମୈ ବିତଂ ପ୍ରୟଚ୍ଛାମିସ୍ମିଃ ଅନ୍ତ୍ରୋଡ଼ାଂ କରୋତି ଯଃ ।'' ଓଡ଼ିଆ ଚିନ୍ତା ଓ ଚେତନାରେ କୁମାର ପୂର୍ଣ୍ଣିମା କେବଳ କୁମାରୀ ନୁହେଁ ସମଗ୍ର ମାତୃ ସମାଜ ପାଇଁ ଏକ ସ୍ମରଣୀୟ ଦିବସ । ଏହିଦିନରେ ଚନ୍ଦ୍ର ଓ କାର୍ତିକଙ୍କର ପୂଜା ଆରଧନା କରାଯାଇଥାଏ । ଓଡ଼ିଶାର କିଛି ଜିଲ୍ଲା ମାନଙ୍କରେ ଭାଦ୍ରବ ପୂର୍ଣ୍ଣିମା ବା ଇନ୍ଦ୍ର ପୂର୍ଣ୍ଣିମା ଠାରୁ କୁମାର ପୂର୍ଣ୍ଣିମା ପର୍ଯ୍ୟନ୍ତ କୁମାରୀ କନ୍ୟାମାନେ ଏକାଠି ହୋଇ ଜହ୍ନି ଓଷା



ପାଳନ କରନ୍ତି । ତୁଳସୀ ଚଉରା ମୂଳରେ ଭକ୍ତିପୂତ ହୃଦୟରେ କଳସ ସ୍ଥାପନା କରି ଶ୍ରଦ୍ଧା ସୁମନ ଅର୍ପଣ କରନ୍ତି । ଯାହାର ଉଦ୍‌ଯାପନ ହୁଏ କୁମାର ପୂର୍ଣ୍ଣିମାରେ । କୁମାର ପୂର୍ଣ୍ଣମୀ ରାତ୍ରିରେ ଚୁଡ଼ା ଓ ନଡ଼ିଆରେ ଶ୍ରୀ ଲକ୍ଷ୍ମୀଙ୍କର ଅର୍ଚ୍ଚନା କରାଯାଇ ଥାଏ । କୁମାର ବ୍ରତରେ ବର୍ଣ୍ଣିତ ହୋଇଛି – ନାରିକେଳେଷ୍ଟି ପିଟକୈଃ ପିତମ୍ ଦେବାନ୍ ସମର୍ଚ୍ଚୟେତ୍, ବନ୍ଧୁଂଶ୍ଚ ପ୍ରୀନଂଚେନ ସ୍ଵୟଂ ତଦଶନୋ ଭବେତ୍ ।'' ଏହି କୁମାର ପୂର୍ଣ୍ଣିମାରେ ଓଡ଼ିଶାର ପ୍ରାଚୀନ କ୍ରୀଡ଼ା ପୁଚିଖେଳର ଆୟୋଜନ ହୋଇଥାଏ । କେବଳ କୁମାରୀ କନ୍ୟାମାନେ ନୁହେଁ ବିବାହିତା ମାନେ ମଧ୍ୟ ଏଥିରେ ସାମିଲ ହୋଇଥାନ୍ତି । ପୁଚି ଖେଳର ପରିବେଷକୁ ମଧୁରମୟ କରିଥାଏ ବୟସ୍କା ସ୍ତ୍ରୀ ଲୋକମାନଙ୍କର ପୁଚି ଖେଳର ପ୍ରାଚୀନତମ ଗୀତ ‟କୁଆଁର ପୁନେଇଁ ଜହ୍ନ ଗୋ ଫୁଲ ବଉଳ ବେଣୀ, କୁଆଁରୀ ଝିଅଙ୍କ ଅପୂର୍ବ ଆନନ୍ଦ ପୁଚି ଖେଳିବାକୁ ମନଗୋ, ଫୁଲ ବଉଳ ବେଣୀ ।'' ସଞ୍ଜ ଗଡ଼ିଲେ ଆକାଶରୁ ମାଟିଯାଏ ବିଛୁଡ଼ି ହୋଇଯାଏ ସଫେତ ଜହ୍ନର ଜ୍ୟୋତ୍ସ୍ନା । ଅନୁଢ଼ା କୁଆଁରୀର ମନ ଉଚ୍ଚାଟ ହୋଇଉଠେ ବିତାଇ ଦେବାକୁ ସ୍ମୃତିର ସେ ରାତି । ଶିଶିରର ଝିନ ଆସ୍ତରଣରେ ଚନ୍ଦ୍ରଜ୍ୟୋସ୍ନା ପ୍ରତିଫଳିତ ହୋଇ, ସୃଷ୍ଟି କରେ ବେଶ୍ ମନୋରମ ଦୃଶ୍ୟ । ପୁରାଣର କାହାଣୀ ଅନୁଯାୟୀ ଏହି ଦିନରେ ସୁନ୍ଦର, ଚରିତ୍ରବାନ ଓ ଆଦର୍ଶପୂର୍ଣ୍ଣ ପତିଟିଏ ପାଇବାର ଅୟୁତ ଆଶା ନେଇ କୁମାରୀମାନେ ଏହି ଦିନଟିକୁ ଅତ୍ୟନ୍ତ ନିଷ୍ଠାର ସହ ପାଳନ କରିଥାନ୍ତି । ଶଙ୍ଖ ହୁଳୁହୁଳି, ଘଂଟଘଂଟାନାଦରେ ଉଚ୍ଛୁଳି ଉଠେ ସାରା ଗାଁ ଦାଣ୍ଡ । ମାନସପଟରେ ଆଙ୍କୁଥାଏ ଝିଅଟି ସୌମ୍ୟ, ଶାନ୍ତ, ସୁକୁମାର ଚନ୍ଦ୍ରପରି ପତିଟିଏ ।କୁଆଁର ପୁନେଇଁ ପୂର୍ବରୁ ଓଡ଼ିଶାର ବିଭିନ୍ନ ଅଚଳରେ କୁଆଁରୀ ଝିଅମାନେ ପାଳନ କରନ୍ତି ଜହ୍ନି ଓଷା । ମାଟିଘର ସ୍ଥାପନା କରି ଜହ୍ନିଫୁଲରେ ତୁଳସୀ ଚଉରା ମୂଳରେ ସଜ୍ଜିତ କରି ପଂଚବର୍ଣ୍ଣ ମୁରୁଜରେ ପରିବେଶକୁ କରନ୍ତି ରୁଦ୍ଧିମନ୍ତି । ଜହ୍ନକୁ ନେଇ ଓଡ଼ିଶାର ସାହିତ୍ୟ, ସଂସ୍କୃତି ଓ ପରମ୍ପରା ବେଶ୍ ରୁଦ୍ଧିମନ୍ତି । ଗାଁ ପରମ୍ପରାରେ ଆଇମା ଓ ଜେଜି ମା' ମାନେ ନାତୁଣୀଙ୍କୁ ଶ୍ରଦ୍ଧାରେ ‟ମୋ ପୁନେଇଁ ଚାନ୍ଦ' ‟ଚାନ୍ଦ ମୁହିଁ ' ସମ୍ବୋଦ୍ଧନ କରିଥାନ୍ତି । ଧୋବଫରଫର ଜହ୍ନର ଜ୍ୟୋସ୍ନା ଚତୁର୍ଦ୍ଦିଗ ବିଛାଡ଼ି ହୋଇପଡ଼ିଲେ କୁମାରୀ ମାନଙ୍କ ମନ ଭିତରେ ଅଜଣା ଆବେଗ ମର୍ମରିତ ହୁଏ । ଜହ୍ନ ରାତି ହିଁ ସ୍ମୃତିର ଅରୁନ୍ଧତୀ । ଜ୍ୟୋସ୍ନା ବିଧୌତ ରଜନୀରେ ଗାଁ ଖଳାବାଡ଼ି ଦାଣ୍ଡର ଦୃଶ୍ୟ, ଆଉ ଆଇ ମା' କୋଳରୁ ଜହ୍ନ ମାମୁଁ ଗୀତ– ପିଲାଦିନର ସେଇ ଅବିସ୍ମରଣୀୟ ମୂହୂର୍ତସବୁ ଏବେ ହଜିଯାଇଛି ସତ, ହେଲେ ଜହ୍ନପ୍ରତି ଥିବା ବ୍ୟାକୁଳତା ଜୀବନାନୁଭୂତିରେ ରୁଦ୍ଧିମନ୍ତ ହୋଇ ରହିଛି ଓଡ଼ିଆର ଆଧାତ୍ମିକ ଚିନ୍ତା ଚେତନାରେ ଏହି ଦିନ ଠାରୁ ଘରେ ଘରେ ପାଳିତ ହୁଏ ଗଜଲକ୍ଷ୍ମୀ ପୂଜା । ପରିବାରର ସୁଖ, ସୌଭାଗ୍ୟ, ଯଶ, ଧନ ଓ ପୌରୁଷ କାମନା କରି ଭକ୍ତପୂତ ପରିବେଶରେ ମା'ଲକ୍ଷ୍ମୀ ଦେବୀଙ୍କ ଲକ୍ଷ୍ମୀବ୍ରତ ମଧ୍ୟ ଅନୁଷ୍ଠିତ ହୋଇଥାଏ ।

*କିରଣ ପାରିଜାତ ଏନକ୍ଲେଭ, କ୍ୟାଂଟେନମେଂଟ ରୋଡ଼, କଟକ*





# ରାଜସ୍ୱ ନିରୀକ୍ଷକଙ୍କୁ ଗାଳିଗୁଲଜ ଓ ଆକ୍ରମଣ ଉଦ୍ୟମ ଅଭିଯୋଗ

ଧାମନଗର(ନିପ୍ର): ଧାମନଗର ବ୍ଲକରେ ସରକାରୀ କର୍ମଚାରୀଙ୍କ ସୁରକ୍ଷାକୁ ନେଇ ଉଠିଛି ପ୍ରଶ୍ନ । ସରକାରୀ କାର୍ଯ୍ୟାଳୟରେ କର୍ତବ୍ୟରତ ଅଧିକାରୀଙ୍କୁ ଦୁର୍ବ୍ୟବହାର, ସରକାରୀ କାଗଜପତ୍ର ନଷ୍ଟ ଓ ଆକ୍ରମଣ ଉଦ୍ୟମ ଭଳି ଅଭିଯୋଗ ସାମ୍ନାକୁ ଆସିବା ପରେ କର୍ମଚାରୀଙ୍କ ସୁରକ୍ଷା ନେଇ ଚିନ୍ତା ବଢ଼ିଛି । ଧୁଷୁରି ଥାନା ଅନ୍ତର୍ଗତ ରଇପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଘଟିଥିବା ଏହି ଘଟଣାକୁ ନେଇ ପୁଲିସ ମାମଲା ରୁଜୁ କରିଛି । ଅଭିଯୋଗ ଅନୁଯାୟୀ, ଗତ ୨୩ ତାରିଖ ଅପରାହ୍ନ ପ୍ରାୟ ୨ଟା ୪୫ ମିନିଟ୍‌ରେ ରଇପୁର ଆର.ଆଇ. କାର୍ଯ୍ୟାଳୟରେ ରାଜସ୍ୱ ନିରୀକ୍ଷକ ଶକ୍ତି ରଞ୍ଜନ ମଲ୍ଲିକ ସରକାରୀ କାର୍ଯ୍ୟ ସମ୍ପାଦନ କରୁଥିଲେ । ଏହି ସମୟରେ ରଇପୁର ଅଂଚଳର ବସନ୍ତ କୁମାର ରାଉତ ସେଠାରେ ପହଂଚି ଉତ୍ୟକ୍ତ ହୋଇ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ଏଥିସହ କାର୍ଯ୍ୟାଳୟରେ ଥିବା ସରକାରୀ କାଗଜପତ୍ର ଚିରି ନଷ୍ଟ କରିବା ସହ ଆର.ଆଇ.ଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିବା ନେଇ ଅଭିଯୋଗ ହୋଇଛି । ଘଟଣାକୁ ନେଇ ରାଜସ୍ୱ ନିରୀକ୍ଷକ ଶକ୍ତି ରଞ୍ଜନ ମଲ୍ଲିକ ଧୁଷୁରି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏହାକୁ ଆଧାର କରି ପୁଲିସ କେସ୍‌ନଂ ୪୬୯/୨୬ରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ଧାରା ୨୯୬, ୨୨୧, ୩୨୪(୪) ଓ ୩୫୧(୨) ଅନୁଯାୟୀ ମାମଲା ରୁଜୁ କରିଛି । ଏ.ଏସ୍.ଆଇ. ବୈଷ୍ଣବ କୁମାର ତ୍ରିପାଠୀ ମାମଲାର ତଦନ୍ତ କରୁଛନ୍ତି । ସରକାରୀ କାର୍ଯ୍ୟାଳୟ ଜନସାଧାରଣଙ୍କ ସେବା ପାଇଁ ଉଦ୍ଦିଷ୍ଟ । ଏଠାରେ କର୍ତବ୍ୟରତ କର୍ମଚାରୀଙ୍କୁ ଧମକ, ଦୁର୍ବ୍ୟବହାର କିମ୍ବା ସରକାରୀ ଦସ୍ତାବିଜ୍ ନଷ୍ଟ କରିବା ଭଳି ଅଭିଯୋଗ ଉଠିବା ପ୍ରଶାସନିକ ବ୍ୟବସ୍ଥାର ସୁରକ୍ଷାକୁ ନେଇ ଗମ୍ଭୀର ପ୍ରଶ୍ନ ସୃଷ୍ଟି କରିଛି । ଏଭଳି ସ୍ଥିତିରେ ସରକାରୀ କର୍ମଚାରୀଙ୍କୁ ନିର୍ଭୟରେ କାର୍ଯ୍ୟ କରିବାର ପରିବେଶ ଯୋଗାଇବା ସହ କାର୍ଯ୍ୟାଳୟଗୁଡ଼ିକର ସୁରକ୍ଷା ସୁନିଶ୍ଚିତ କରିବାକୁ ଦାବି ଉଠୁଛି । ତେବେ ଘଟଣାର ପ୍ରକୃତ କାରଣ ଓ ଅଭିଯୋଗର ସତ୍ୟତା ପୁଲିସ ତଦନ୍ତ ପରେ ସ୍ପଷ୍ଟ ହେବ ।

# ବନ୍ୟାବାତ୍ୟା ମୁକାବିଲା ପାଇଁ ପ୍ରଶାସନର ଆଗୁଆ ପ୍ରସ୍ତୁତି

ବ୍ରହ୍ମପୁର /ଛତ୍ରପୁର(ନିପ୍ର): ସମ୍ଭାବ୍ୟ ବନ୍ୟାବାତ୍ୟା ଓ ପ୍ରବଳ ବର୍ଷାର ମୁକାବିଲା ପାଇଁ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗୁଆ ପ୍ରସ୍ତୁତି ସହ ବ୍ୟାପକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ମଣିଷଙ୍କ ଧନଜୀବନ ଠାରୁ ଆରମ୍ଭ କରି ଗୃହପାଳିତ ପଶୁ ଓ ଅନ୍ୟାନ୍ୟ ଜୀବଜନ୍ତୁଙ୍କ ସୁରକ୍ଷା ସୁନିଶ୍ଚିତ କରିବା ସହ ସାଧାରଣ ସମ୍ପତିର କ୍ଷୟକ୍ଷତିକୁ ସର୍ବନିମ୍ନ ସ୍ତରରେ ରଖିବାକୁ ଜିଲ୍ଲା ପ୍ରଶାସନ ସର୍ବାଧିକ ପ୍ରାଥମିକତା ଦେଇଛି । ଏନେଇ ଆଜି ଛତ୍ରପୁରସ୍ଥିତ ଜିଲ୍ଲାପାଳଙ୍କ ଓସ୍ୱାନ୍ ହଲ୍ ?ରେ ଜିଲ୍ଲାପାଳ ଭି. କୀର୍ତି ଭାସନଙ୍କ ଅଧ୍ୟକ୍ଷତାରେ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ପାଣିପାଗ ବିଭାଗର ବର୍ତମାନର ଆକଳନ ଅନୁଯାୟୀ, ଆସନ୍ତା ୨୬ ତାରିଖ ସନ୍ଧ୍ୟାଠାରୁ ବର୍ଷା ଆରମ୍ଭ ହୋଇ ୨୭, ୨୮ ଓ ୨୯ ତାରିଖରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଂଚଳରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ବାତ୍ୟାର ସମ୍ଭାବ୍ୟ ଗତିପଥ ଓ ପ୍ରଭାବ, ଝଡ଼ ପବନ, ଭୂସ୍ଖଳନ ଆଶଙ୍କା ଥିବା କଳିଙ୍ଗଘାଟି ସମେତ ବିଭିନ୍ନ ସମ୍ବେଦନଶୀଳ ଅଂଚଳର ସ୍ଥିତି, ଜଳ ନିଷ୍କାସନ, ଉଦ୍ଧାର ଓ ରିଲିଫ୍ ବ୍ୟବସ୍ଥା ଏବଂ ଜରୁରୀକାଳୀନ ସେବାର ପ୍ରସ୍ତୁତି ସମ୍ପର୍କରେ ବୈଠକରେ ବିସ୍ତୃତ ସମୀକ୍ଷା କରାଯାଇଥିଲା । ଜରୁରୀ ପରିସ୍ଥିତିରେ ତୁରନ୍ତ ପଦକ୍ଷେପ ଗ୍ରହଣ ଓ ବିଭାଗୀୟ ସମନ୍ୱୟ ରକ୍ଷା ପାଇଁ ଜିଲ୍ଲାର ସମ୍ପୃକ୍ତ ଅଧିକାରୀଙ୍କ ଛୁଟି ବାତିଲ କରାଯିବା ସହ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ମୁଖ୍ୟାଳୟ ନଛାଡ଼ିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ପ୍ରତ୍ୟେକ ବ୍ଲକ୍‌ରେ ସ୍ୱତନ୍ତ୍ର ପ୍ରସ୍ତୁତି ବୈଠକ ଆୟୋଜନ କରି ସ୍ଥାନୀୟ ପରିସ୍ଥିତି ଓ ଆବଶ୍ୟକତା ଅନୁଯାୟୀ ମୁକାବିଲା ଯୋଜନା ପ୍ରସ୍ତୁତ କରିବା ସହ ତୃଣମୂଳସ୍ତରରୁ ଜିଲ୍ଲାସ୍ତର ପର୍ଯ୍ୟନ୍ତ ସମସ୍ତ ବିଭାଗକୁ ସଜାଗ ରହିବାକୁ କୁହାଯାଇଛି । ସମ୍ଭାବ୍ୟ ଜଳବନ୍ଦୀ ପରିସ୍ଥିତିକୁ ଏଡ଼ାଇବା ପାଇଁ ଜିଲ୍ଲାର ଡ୍ୟାମ୍‌ଗୁଡ଼ିକର ଜଳସ୍ତର ଓ ଜଳ ନିଷ୍କାସନ ବ୍ୟବସ୍ଥା ଉପରେ ନିରନ୍ତର ନଜର ରଖିବାକୁ ସମ୍ପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପୂର୍ବ ବର୍ଷା ସମୟରେ ବ୍ରହ୍ମପୁର ସହର ସମେତ ଜିଲ୍ଲାର ଅନ୍ୟାନ୍ୟ ଅଂଚଳରେ ଜଳବନ୍ଦୀ ସୃଷ୍ଟି ହୋଇଥିବା ସ୍ଥାନଗୁଡ଼ିକୁ ଚିହ୍ନଟ



କରି ଡ୍ରେନ୍ ଓ ଜଳ ନିଷ୍କାସନ ପଥ ସଫା କରିବା ସହ ଆବଶ୍ୟକ ପ୍ରତିକାରମୂଳକ ପଦକ୍ଷେପ ନେବାକୁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି । ଜିଲ୍ଲାରେ ୧୧୦ଟି ସ୍ଥାୟୀ ବନ୍ୟାବାତ୍ୟା ଆଶ୍ରୟସ୍ଥଳୀ ସହ ୧,୦୦୦ରୁ ଉର୍ଦ୍ଧ୍ୱ ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ପ୍ରସ୍ତୁତ ରଖାଯାଇଛି । ଏହି ଆଶ୍ରୟସ୍ଥଳୀ ଗୁଡ଼ିକରେ ଏକକାଳୀନ ପ୍ରାୟ ୧ ଲକ୍ଷ ୫୦ ହଜାର ଲୋକଙ୍କୁ ସୁରକ୍ଷିତ ଭାବେ ରଖାଯାଇ ପାରିବ । ଆବଶ୍ୟକସ୍ଥଳେ ଉପକୂଳବର୍ତୀ ଓ ତଳିଆ ଅଂଚଳର ଲୋକଙ୍କୁ ତୁରନ୍ତ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା, ଆଶ୍ରୟ ସ୍ଥଳୀରେ ଖାଦ୍ୟ ଓ ପାନୀୟ ଜଳ ମହଜୁଦ ରଖିବା, ଚିକିତ୍ସା ସେବା, ବିଦ୍ୟୁତ୍ ଯୋଗାଣ ଓ ଯୋଗାଯୋଗ ବ୍ୟବସ୍ଥା ସଚଳ ରଖିବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଛନ୍ତି । ଜରୁରୀ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ପାଇଁ ୯ଟି ଓଡ୍ରାଫ୍ ଟିମ୍ ଓ ୨ଟି ଏନ୍‌ଡିଆରଏଫ୍ ଟିମ୍‌କୁ ପ୍ରସ୍ତୁତ ରଖାଯାଇଛି । ସମ୍ଭାବ୍ୟ ବନ୍ୟାବାତ୍ୟାକୁ ଦୃଷ୍ଟିରେ ରଖି ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ନଯିବାକୁ ପ୍ରଶାସନ ପକ୍ଷରୁ ବାରଣ କରାଯାଇଛି । ସମୁଦ୍ରରେ ଥିବା ମତ୍ସ୍ୟଜୀବୀମାନେ ତୁରନ୍ତ ତଟକୁ ଫେରିଆସିବା ସହ ପାଣିପାଗ ବିଭାଗର ସତର୍କ ସୂଚନା ଅନୁସରଣ କରିବାକୁ ପରାମର୍ଶ ଦିଆଯାଇଛି । ଚାଷୀ ଭାଇଭଉଣୀମାନଙ୍କୁ ମଧ୍ୟ ପାଣିପାଗ ବିଭାଗର ପରାମର୍ଶ ଅନୁଯାୟୀ ଫସଲର ସୁରକ୍ଷା, ଅମଳ ଓ ସଂରକ୍ଷଣ ପାଇଁ ଆଗୁଆ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି । ବାତ୍ୟା ସମୟରେ ଅତ୍ୟାବଶ୍ୟକ ସାମଗ୍ରୀର କୃତ୍ରିମ ଅଭାବ ଓ କଳାବଜାରୀ ରୋକିବାକୁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଛି । ଦୋକାନୀମାନେ ନିଜ ନିଜ ଦୋକାନ ସମ୍ମୁଖରେ ସାମଗ୍ରୀର ଦର ତାଲିକା ଲଗାଇବା ସହ ନିର୍ଦ୍ଧାରିତ ଦରରେ ସାମଗ୍ରୀ ବିକ୍ରି କରିବାକୁ କୁହାଯାଇଛି । ଅତ୍ୟାବଶ୍ୟକ ସାମଗ୍ରୀର ଉପଲବ୍ଧତା, ଯୋଗାଣ ଓ ଦର ଉପରେ ନଜର ରଖିବା ସହ ଅନିୟମିତତା ଦେଖାଦେଲେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ଆଜିଠାରୁ ୨୪ଘଂଟିଆ କଂଟ୍ରୋଲ ରୁମ କାର୍ଯ୍ୟକାରୀ କରାଯାଇଛି । ବୈଠକରେ ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ହରିଶ ବିସି, ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକର, ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ, ଦେବଦତ ପଣ୍ଡା ଓ ସୁନୀଲ କୁମାର କେର୍କେଟା, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରାଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ସମସ୍ତ ବିଡିଓ, ତହସିଲଦାର ଓ ଅନ୍ୟାନ୍ୟ ଅଧିକାରୀ ଭିଡିଓ କନ୍‌ଫରେନ୍ସି ମାଧ୍ୟମରେ ଯୋଗ ଦେଇଥିଲେ । ସମ୍ଭାବ୍ୟ ବନ୍ୟାବାତ୍ୟାର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ସମସ୍ତ ସ୍ତରରେ ସଜାଗ ରହିଥିବାବେଳେ ଜନସାଧାରଣଙ୍କୁ ଭୟଭୀତ ନହୋଇ ସତର୍କ ରହିବା, ପ୍ରଶାସନର ନିର୍ଦ୍ଦେଶ ଓ ପାଣିପାଗ ବିଭାଗର ସତର୍କ ସୂଚନା ପାଳନ କରିବାକୁ ଅନୁରୋଧ କରାଯାଇଛି ।

# ବିଜୟା ଦଶମୀ ବନ୍ଧୁ ମିଳନ ପାଇଁ ପ୍ରସ୍ତୁତି ବୈଠକ



ନୀଳଗିରି(ନିପ୍ର): ନୀଳଗିରି ଡାକବଙ୍ଗଳା ପରିସରରେ ବିଜୟା ଦଶମୀ ବନ୍ଧୁ ମିଳନ ଉତ୍ସବ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରସ୍ତୁତି ବୈଠକରେ ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ମାର୍ଗ ଦର୍ଶନରେ ଆଗାମୀ ନଭେମ୍ବର ମାସ ୧୦ ତାରିଖ ରୁ ୧୫ ତାରିଖ ମଧ୍ୟରେ ଏହି କାର୍ଯ୍ୟକ୍ରମ କରିବା ପାଇଁ ସର୍ବସମ୍ମତି କ୍ରମେ ସଦସ୍ୟ ମାନଙ୍କ ଦ୍ୱାରା ନିଷ୍ପତି ନିଆ ଯାଇଥିଲା । ବୈଠକରେ ବିଜେପି ଜିଲ୍ଲା ଉପସଭାପତି କରୁଣାକର ପଣ୍ଡା, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ନୀଳଗିରି ଏନଏସି ଚେୟାରମ୍ୟାନ ମହେନ୍ଦ୍ର ବେହେରା, ଦେବାଶିଷ ଆଚାର୍ଯ୍ୟ, ତାପସ ମହାନ୍ତି, ସମର ଶଙ୍କର କାନୁନଗୋ, ଅକ୍ଷୟ ପାଣିଗ୍ରାହୀ, ପ୍ରବୀଣ ନାୟକ, କାର୍ତିକ ଜେନା, ମାର୍ତଣ୍ଡ ମହାପାତ୍ର, ମନୀନ୍ଦ୍ର ରାଉତ, ବଳରାମ ବିଶ୍ୱାଳ, ସୂର୍ଯ୍ୟକାନ୍ତ ବିଶ୍ୱାଳ, ପ୍ରକାଶ ମହାପାତ୍ର, କୁମାର ମିଶ୍ର, ଲକ୍ଷ୍ମୀକାନ୍ତ ବେହେରା, ବିଜେପିର ସମସ୍ତ ମଣ୍ଡଳ ସଭାପତି ଏବଂ ପ୍ରମୁଖ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ । ପୂର୍ବ ବର୍ଷ ଭଳି ଚଳିତ ବର୍ଷ ଧୁମଧାମରେ ଭବ୍ୟ କାର୍ଯ୍ୟକ୍ରମ କରିବା ପାଇଁ ସ୍ଥିର ହୋଇଥିବାରୁ ନୀଳଗିରି ବିଜେପିର କର୍ମୀ ମାନଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି ।

# ବେଦାନ୍ତ ଡାଏଗ୍ନୋଷ୍ଟିକ୍ ସେଂଟରକୁ ହସ୍ପିଟାଲରେ ରୂପାନ୍ତରିତ ପ୍ରକ୍ରିୟା ଆରମ୍ଭ

ଝାରସୁଗୁଡ଼ା(ନିପ୍ର): ଝାରସୁଗୁଡ଼ା ଜିଲ୍ଲାର ଜନସାଧାରଣଙ୍କୁ ସୁଲଭ ତଥା ଉଚ୍ଚମାନର ଚିକିତ୍ସା ସେବା ଯୋଗାଇଦେବା ଲକ୍ଷ୍ୟରେ ଆଜି ସ୍ଥାନୀୟ ବେଦାନ୍ତ ଡାଏଗ୍ନୋଷ୍ଟିକ୍ ସେଂଟରକୁ ଏକ ସୁବିଧାସମ୍ପନ୍ନ ହସ୍ପିଟାଲରେ ରୂପାନ୍ତରିତ କରିବା ନିମନ୍ତେ କ୍ଷେତ୍ର ପରିଦର୍ଶନ ଓ ସ୍ଥିତି ଅନୁଧ୍ୟାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମାନ୍ୟବର ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଏବଂ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ମିଳିତ ଭାବେ ଉକ୍ତ କେନ୍ଦ୍ର ପରିଦର୍ଶନ କରି ବିଭିନ୍ନ ବ୍ୟବସ୍ଥାର ତଦାରଖ କରିଛନ୍ତି । ପରିଦର୍ଶନ କାଳରେ ଡାଏଗ୍ନୋଷ୍ଟିକ୍ ସେଂଟରକୁ ପୂର୍ଣ୍ଣାଙ୍ଗ ହସ୍ପିଟାଲରେ ପରିଣତ କରିବା ପାଇଁ ଆବଶ୍ୟକ ଭିତିଭୂମି, ରୋଗୀ ଶଯ୍ୟା, ଆଧୁନିକ ଚିକିତ୍ସା ଉପକରଣ, ଡାକ୍ତର ତଥା ସ୍ୱାସ୍ଥ୍ୟକର୍ମୀଙ୍କ ରହିବା ବ୍ୟବସ୍ଥା



ଏବଂ ଜରୁରୀକାଳୀନ ସେବା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହା ସହିତ ଏହି ରୂପାନ୍ତରଣ ପ୍ରକ୍ରିୟାକୁ କିପରି ଶୀଘ୍ର କାର୍ଯ୍ୟକାରୀ କରାଯାଇ ପାରିବ, ସେନେଇ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଅଧିକାରୀ ମାନଙ୍କ ସହ ସମୀକ୍ଷା କରାଯାଇ ଥିଲା । ଏହି ଅବସରରେ ମାନ୍ୟବର ବିଧାୟକ କହିଥିଲେ ଯେ, ଅଂଚଳବାସୀଙ୍କୁ ନିଜ ଜିଲ୍ଲାରେ ଉନ୍ନତ, ସୁଲଭ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଇବା ଆମର ପ୍ରମୁଖ ଲକ୍ଷ୍ୟ । ଜିଲ୍ଲାପାଳ ଚହ୍ୱାଣ ଏହି ପ୍ରକଳ୍ପର ସମସ୍ତ ପ୍ରଶାସନିକ ସହଯୋଗ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ।

# ତପ୍ତପାଣି ନିକଟରେ ପ୍ରେମୀ ଯୁଗଳଙ୍କ ମୃତଦେହ ଉଦ୍ଧାର

ବ୍ରହ୍ମପୁର(ନିପ୍ର): ଗଞ୍ଜାମ ଜିଲ୍ଲା ପାଟପୁର ଥାନା ଅନ୍ତର୍ଗତ ତପ୍ତପାଣି ନିକଟରେ ଜଣେ ଯୁବକ ଓ ଯୁବତୀଙ୍କ ମୃତଦେହ ମିଳିବା ଘଟଣା ଅଂଚଳରେ ଚାଂଚଲ୍ୟ ସୃଷ୍ଟି କରିଛି । ଉଭୟ ପ୍ରେମ ସମ୍ପର୍କରେ ଥିବା କୁହାଯାଉଥିବା ବେଳେ ପ୍ରାଥମିକ ଭାବେ ଏହା ଆତ୍ମହତ୍ୟା ଘଟଣା ବୋଲି ସନ୍ଦେହ କରାଯାଉଛି । ମୃତ ଯୁବକ ଜଣକ ଦିଗପହଣ୍ଡି ଅଂଚଳର ହୋଇଥିବା ବେଳେ ଯୁବତୀ ଜଣକ ସାନଖେମୁଣ୍ଡି ଅଂଚଳର ବୋଲି ଜଣାପଡ଼ିଛି । ଘଟଣା ସମ୍ପର୍କରେ ସୂଚନା ପାଇ ପାଟପୁର ପୁଲିସ ଘଟଣାସ୍ଥଳରେ ପହଂଚି ଉଭୟଙ୍କ ମୃତଦେହ ଉଦ୍ଧାର କରିଛି । ପରେ ମୃତଦେହ ଦୁଇଟିକୁ ଦିଗପହଣ୍ଡି ମେଡିକାଲକୁ ଅଣାଯାଇଛି । କେଉଁ ପରିସ୍ଥିତିରେ ଉଭୟଙ୍କ ମୃତ୍ୟୁ ଘଟିଲା ଏବଂ ଏହା ପଛରେ କୌଣସି ଅନ୍ୟ କାରଣ ରହିଛି କି ନାହିଁ, ସେନେଇ ପାଟପୁର ପୁଲିସ ତଦନ୍ତ ଆରମ୍ଭ କରିଛି । ତଦନ୍ତ ଓ ବ୍ୟବଚ୍ଛେଦ ରିପୋର୍ଟ ପରେ ମୃତ୍ୟୁର ପ୍ରକୃତ କାରଣ ଅଧିକ ସ୍ପଷ୍ଟ ହେବ ବୋଲି ଜଣାପଡ଼ିଛି ।

# ଚାଷୀଙ୍କର ସାପ କାମୁଡ଼ାରେ ମୃତ୍ୟୁ ସନ୍ଦେହ, ସରକାରୀ ସହାୟତା ଦାବି

ସୋର(ନିପ୍ର): ସୋର ବ୍ଲକ ଅନ୍ତର୍ଗତ ଦହିସଡ଼ା ପଂଚାୟତ ସୁଲତାନପୁର ଗ୍ରାମରେ ଗୌରାଙ୍ଗ ଖଟୁଆ (୪୨)ଙ୍କ ଅକାଳ ମୃତ୍ୟୁକୁ ନେଇ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ସୂଚନା ଅନୁସାରେ, ଗୌରାଙ୍ଗ ଗତକାଲି ଅପରାହ୍ନରେ ବିଲକୁ ସାର ଓ କୀଟନାଶକ ପ୍ରୟୋଗ କରିବାକୁ ଯାଇଥିଲେ । କାମ ସାରି ସନ୍ଧ୍ୟାରେ ଘରକୁ ଫେରିଥିଲେ । ରାତିରେ ତାଙ୍କ ଦେହରେ ପ୍ରବଳ ପୋଡ଼ାଜଳା ଅନୁଭୂତ ହେଉଥିବା ସେ ପରିବାର ଲୋକଙ୍କୁ ଜଣାଇଥିଲେ । ରାତିରେ ଖାଇ ସାରିବା ପରେ ବାନ୍ତି ହେବା ସହ ପାଟିରୁ ଫେଣ ବାହାରିବାରୁ ପରିବାର ଲୋକେ ତୁରନ୍ତ ତାଙ୍କୁ ସୋର ଡାକ୍ତରଖାନାକୁ ନେଇଥିଲେ । ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସାପ କାମୁଡ଼ାରେ ଗୌରାଙ୍ଗଙ୍କ ମୃତ୍ୟୁ ହୋଇଥିବା ଗ୍ରାମବାସୀ ସନ୍ଦେହ ପ୍ରକାଶ କରିବା ସହ ସରକାରଙ୍କ ନିକଟରେ କ୍ଷତିପୂରଣ ଦାବି କରିଛନ୍ତି । ସ୍ଥାନୀୟ ସରପଂଚ ମଧ୍ୟ ଅସହାୟ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସରକାରଙ୍କୁ ଅନୁରୋଧ କରିଛନ୍ତି ।

# କନ୍ଧମାଳ ଜିଲ୍ଲାର ଘୁ.ଉଦୟ ଗିରି କଳିନାଜୁ ଡେମକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦାବି

କନ୍ଧମାଳ(ନିପ୍ର): ପ୍ରାକୃତିକ ଉପତ୍ୟକା ପରିବେଷ୍ଟିନି ସୌନ୍ଦର୍ଯ୍ୟଭରା କଳିନାଯୁ ଡ୍ୟାମ ଏକ ପୂରାତନ ଡ୍ୟାମ ଯେଉଁଠାରେ ବର୍ତମାନ ଯୁବ ପର୍ଯ୍ୟଟକଙ୍କ ପ୍ରବଳ ଭିଡ଼ ଜମୁଛି । ବିଶେଷ କରି ଏହି ଡ୍ୟାମର ଚତୁଃପାଶ୍ୱର୍ରେ ପର୍ବତ ପାହାଡ଼ ଘେରା ଉପତ୍ୟକା ସହ ସୂର୍ଯ୍ୟଉଦୟ ଓ ସୂର୍ଯ୍ୟାସ୍ତର ପ୍ରାକୃତିକ ଅପରୂପ ମନ ମୁଗ୍ଧ କର ସୌନ୍ଦର୍ଯ୍ୟ ଦର୍ଶକମାନଙ୍କର ମନ ମୋହୁଛି । ଏଠାରେ ଯୁବ ପିଢ଼ିଙ୍କ ବିଭିନ୍ନ ଏୟୁଟୁବ, ରିଲ୍ସ ବନେଇବା, ଫଟୋ ଉତୋଳନ ଏବଂ ରାତ୍ରୀ କ୍ୟାମପେନିଙ୍ଗ ପାଇଁ ବେଶ୍ ଉପଯୁକ୍ତ ସ୍ଥାନ ପାଲଟିଛି । କାଚକେନ୍ଦୁ ପରି ସୁନୀଳ ବର୍ଣ୍ଣ ପାଣି ସହ ସବୁଜ ପର୍ବତର ଘେରା କାଶ୍ମୀରର ଡାଲ ହ୍ରଦର ଭଳି ଅନୁଭୂତି ଦେଇ ଏକ ନିଆରା ଅପୂର୍ବ ଦୃଶ୍ୟରାଜି ଆତ୍ମ ବିଭୋର କରିଥାଏ । ଏହାର ଅନ୍ୟ ଏକ ପାର୍ଶ୍ୱରେ ବଣ ଭୋଜି ପାଇଁ ବେଶ ଉପଯୋଗୀ ସ୍ଥାନ ଥିବା ହେତୁ ଗ୍ରୀଷ୍ମ ଋତୁ ହେଉ ବା ଶୀତ ଋତୁରେ ବିଭିନ୍ନ ଅଂଚଳରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସି ଅତି ଆନନ୍ଦରେ ଏଠାରେ ବଣ ଭୋଜି କରିଥାନ୍ତି । ବର୍ଷା ଦିନରେ ଜଳ ପୂର୍ଣ୍ଣ ହୋଇ ଏହାର ସୁଉଚ୍ଚ ସରପ୍ଲେସ ମଧ୍ୟ ଦେଇ ବହି ଯାଉଥିବା ପାଣିର ପତନ ଏକ ଅନନ୍ୟ ଦୃଶ୍ୟ ଦେଖିବାକୁ ମିଳିଥାଏ । ଏହି ଡ୍ୟାମର ଉତରକୁ କନ୍ଧମାଳର ଉଚ୍ଚତମ ପର୍ବତ ଡଡା ସରୁ (ପର୍ବତ) ଥିବାବେଳେ ପଶ୍ଚିମ ଦିଗରେ ବାପଲା ପାହାଡ଼ ଏବଂ ଦକ୍ଷିଣ ଦିଗକୁ ଡଙ୍ଗାତାପା ପର୍ବତ ରହିଅଛି । ମୂଖ୍ୟତଃ ଏହି ତିନୋଟି ପର୍ବତର ପାଦଦେଶରେ ଏହି ଡ୍ୟାମ ରହିଥିବାରୁ ଏହାର ଜଳରାଶି ସହ ପର୍ବତର ଅବିକଳ ଚିତ୍ରର ପ୍ରତିଛବି ସୌନ୍ଦର୍ଯ୍ୟକୁ ବହୁଗୁଣିତ କରୁଥିବା ଦେଖାଯାଏ । ଏହି ପର୍ବତ ଗୁଡ଼ିକର ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କ ମନକୁ ବିମୋହିତ କରିଥାଏ । ପ୍ରତିଦିନ ଏହି ସ୍ଥାନରେ ଶହଶହ ଲୋକମାନଙ୍କ ସମାଗମ ଦେଖାଯାଏ । ଏହାର ପୂର୍ବକୁ ବିସ୍ତିର୍ଣ୍ଣ ସବୁଜିମା କ୍ଷେତ, ଝିମାଙ୍ଗିଆ, ପଡ଼ିକିଆ ଓ ରଟିଙ୍ଗିଆ ଗ୍ରାମଗୁଡିକ ଦୃଶ୍ୟମାନ ହେଉଥିବାବେଳେ, ପଶ୍ଚିମକୁ ତୁମୁସିଙ୍ଗିଆ ଓ ସରୁସିନୀଙ୍ଗିଆ ଗ୍ରାମ ଓ ଏହି ଦୁଇ ଗ୍ରାମ ମଝିରେ ଥିବା ଛୋଟ ବଡ଼ ପ୍ଲିହେରି ଓ ମାଡିମାହା ୱାଟର ଫଲ ଏବଂ ସୋପାନ କ୍ଷେତ ଗୁଡିକର ଦୃଶ୍ୟ ଅତ୍ୟନ୍ତ ସୁମନୋହର । ଏହା ଘୁ. ଉଦୟଗିରି ସହର ସମେତ ଦୂର ପାହାଡ଼ର ସୁନ୍ଦରତା ମନ ମୁଗ୍ଧ କରିଥାଏ । ଏହି ସ୍ଥାନରେ ସକାଳ ଓ ସନ୍ଧ୍ୟା ସମୟରେ ଅତ୍ୟନ୍ତ ମନୋରମ ଦୃଶ୍ୟ ପ୍ରସ୍ଫୁଟିତ ହୋଇଥାଏ ଓ ଏଠାରେ ବହୁଥିବା ସୁଲୁସୁଲିଆ ପବନ ପର୍ଯ୍ୟଟକଙ୍କୁ ଏକ ଅକଳ୍ପନୀୟ ଶାନ୍ତି ଓ ଆନନ୍ଦ ଦେଇଥାଏ । ଏହି ଡ୍ୟାମ ଜଳରାଶିର ଉଭୟ ପାର୍ଶ୍ୱରେ ରାସ୍ତା ଓ ଗ୍ରାମ ଗୁଡ଼ିକ ଥିବାରୁ ଏଠାରେ ବିଷଧର ଜଳଚର ବା ସରୀସୃପ ପ୍ରାଣୀଙ୍କର ଭୟ ନ ଥାଏ । ଯୁବ ପିଢ଼ି ଏଠାରେ ନିର୍ଭୟ ଓ ସୁରକ୍ଷିତ ଭାବରେ ପଂହଁରାର ମଜା ନେଇଥାନ୍ତି । ଏହି ସ୍ଥାନକୁ ଆସିବାକୁ ହେଲେ ଘୁ. ଉଦୟଗିରି ସହର ଠାରୁ ମାତ୍ର ସାତ କିଲୋମିଟର ପଡ଼େ । ଏହା ରଟିଙ୍ଗିଆ ପଂଚାୟତର ଜୀବନରେଖା କହିଲେ ଭୂଲ ହେବନାହିଁ କାରଣ ଏହାର କେନାଲ ଜଳରେ ପଡ଼ିକିଆ, ଝିମାଙ୍ଗିଆ, ଡକେଡ଼ି, କଳିନାୟୁ, ପଙ୍ଗାନାଜୁ, କଲେଣ୍ଡି ଓ ର.ପଡ଼ିକିଆର ଜମି ଗୁଡ଼ିକ ଜଳ ସେଚିତ ହେଉଅଛି କିନ୍ତୁ ଅତ୍ୟନ୍ତ ପରିତାପର ବିଷୟ ଯେ - ଏହି ସ୍ଥାନକୁ କୌଣସି ସରକାରଙ୍କ ତରଫରୁ ଏହାର ରକ୍ଷଣ ବେକ୍ଷଣ ବା ମରାମତି ପାଇଁ ପଦକ୍ଷେପ ନିଆଯାଇ ନାହିଁ । ସରକାରଙ୍କ ଅବହେଳା ଯୋଗୁଁ ଏହାର ହୁଡ଼ା ତଳ ପାର୍ଶ୍ୱ ଲଟାବୁଦାରେ ପୂର୍ଣ୍ଣ ହୋଇ ମୂଷା ଓ ସରୀସୃପ ବାସ କରି ଗାତ ଗୁଡ଼ିକ ସୃଷ୍ଟି କରୁଥିବାରୁ ଡ୍ୟାମ ହୁଡ଼ା ଦୁର୍ବଳ ହୋଇ ବିପର୍ଯ୍ୟୟ ସୃଷ୍ଟି ହେବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ । ଏହାର କେନାଲ ଦ୍ୱାର ଭାଙ୍ଗିଯାଇ ଜଳ ଧାରଣ କ୍ଷମତା କମିଯାଉଛି ଏହି କଥା ପ୍ରଶାସନକୁ ବାରମ୍ବାର ଅବଗତ କରାଯାଇ ଥିଲେ ମଧ୍ୟ ତାକୁ ସଜାଡ଼ିବା ପାଇଁ କୌଣସି ପଦକ୍ଷେପ ନିଆ ଯାଇନାହିଁ । ତେଣୁ ଡ୍ୟାମ ସୁରକ୍ଷା ଦୃଷ୍ଟିରୁ ପଛ ପାର୍ଶ୍ୱ ସଫା କରି ଓ ବର୍ଷ ତମାମ ଜଳ ଧାରଣ ଦୃଷ୍ଟିରୁ କେନାଲ ଦ୍ୱାର ମରାମତି କରି ଏହି ସ୍ଥାନକୁ ସରକାରଙ୍କ ତରଫରୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେଇ ଭିତିଭୂମିର ବିକାଶ କଲେ ଏହି ଅଂଚଳର ଯୁବ ପିଢ଼ିଙ୍କ ପାଇଁ ଏକ ରୋଜଗାର ସୃଷ୍ଟି କରିବା ସହ ଏହାର ସୌନ୍ଦର୍ଯ୍ୟ ବୃଦ୍ଧି ପାଇବ ବୋଲି ବୁଦ୍ଧିଜୀବି ମତ ପ୍ରକାଶ କରିଛନ୍ତି । ଏହାର ବିକାଶ କରିବା ପାଇଁ ଆଲୋକିକରଣ, ବୋଟିଂ ବ୍ୟବସ୍ଥା, ସରପ୍ଲେସ ପାର୍ଶ୍ୱ ସ୍ଥାନରେ ଖୋଲା ଜିମ ଏବଂ ସବୁଜିମା ଦେବା ପାଇଁ ଡ୍ୟାମର ହୁଡାରେ ବିଭିନ୍ନ ଫୁଲ ଗଛ ସହିତ ସୌନ୍ଦର୍ଯ୍ୟ ସୃଷ୍ଟି କରିବା ପାଇଁ ବିଭିନ୍ନ ଗଛ ଲଗାଇଲେ ଏହାର ସୌନ୍ଦର୍ଯ୍ୟ ଆହୁରି ବୃଦ୍ଧି ପାଇବ । ସରକାରଙ୍କ ଦ୍ୱାରା ଏହି ସ୍ଥାନକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେଇ ଆବଶ୍ୟକୀୟ ଭିତିଭୂମି ତିଆରି କରିବା ନିମନ୍ତେ ରଟିଙ୍ଗିଆ ପଂଚାୟତର ସାଧାରଣ ନାଗରିକ କମିଟି ପକ୍ଷରୁ ଦାବି କରାଯାଇଅଛି ।

# ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଗୋବିନ୍ଦପୁର ପଂଚାୟତବାସୀଙ୍କ ପାଇଁ ଆମେ ସମର୍ପିତ

ଖଇରା(ନିପ୍ର): ପ୍ରତିବର୍ଷ ଭଳି ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗୋବିନ୍ଦପୁର ପଂଚାୟତର ସମିତି ସଭ୍ୟା ପାର୍ବତୀ ବାରିକ ଓ ତାଙ୍କ ସ୍ୱାମୀ ତଥା ବିଜେଡି ଯୁବମୋର୍ଚ୍ଚା ସଭାପତି ଅନନ୍ତ ପ୍ରସାଦ ବାରିକଙ୍କ ପକ୍ଷରୁ ବିଜୟାଦଶମୀ ପାଳନ ଅବସରରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ବୁଧବାର ବୁଢାଗଡିଆ ଠାରେ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଏହି ଦମ୍ପତି ଶେଷ ନିଶ୍ୱାସ ଥିବା ଯାଏ ଗୋବିନ୍ଦପୁର ମାଟିପାଇଁ କାମ କରୁଥିଲେ ଓ ଭଲମନ୍ଦ ବୁଝି ଚାଲିଥିବେ ବୋଲି କହିଥିଲେ । ଦଳମତ ନିର୍ବିଶେଷରେ ଯିଏ ଯେତେବେଳେ ସାହାଯ୍ୟ ଲୋଡିଛନ୍ତି ସେ ରାତିଦିନ ଖରାବର୍ଷା ଖାତିର ନକରି ତାଙ୍କୁ ନିଜର କ୍ଷମତା ମୁତାବକ ସହଯୋଗର ହାତ ବଢାଇଥିବା ନେଇ ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ ଉଲ୍ଲେଖ କରିଥିଲେ । ଏହି ପରିପ୍ରେକ୍ଷୀରେ ଓଡିଶା ସାମ୍ବାଦିକ ୟୁନିଅନର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନାମ ଚରଣ ପଣ୍ଡା,ଉପସଭାପତି ଉତ୍କଳବନ୍ଧୁ ପଣ୍ଡା, ଉପଦେଷ୍ଟା କୈଳାସ ଚନ୍ଦ୍ର ବେହେରା,ସମ୍ପାଦକ ତପୋଧନ ବାରିକ, ସଂଯୋଜକ ଉମେଶ କୁମାର ଜେନା ଓ ସଞ୍ଜୟ କୁମାର ବେହେରା, ସଭ୍ୟ ବଳରାମ ଲେଙ୍କା, ନିଶିକାନ୍ତ ମହାନ୍ତି, ଗୌତମ ମୁଖି, ଅବିନାଶ ପ୍ରଧାନ, ଉମାକାନ୍ତ ସେଠୀ, ଦୁର୍ଗାମାଧବ ଓଝା ପ୍ରମୁଖଙ୍କ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଓଡ଼ିଶାରେ ଯୋଗ-ନେଚରପାଥିର ବିକାଶ ଓ ଚିକିତ୍ସକଙ୍କ ପଞ୍ଜୀକରଣ ଦାବିରେ ଗର୍ଜିଲେ ପ୍ରାକୃତିକ ଚିକିତ୍ସକ

ଭୁବନେଶ୍ୱର: ଓଡ଼ିଶାରେ ଯୋଗ ଓ ନେଚରପାଥି ଚିକିତ୍ସା ପଦ୍ଧତିର ବିକାଶ, ଯୋଗ୍ୟ ଚିକିତ୍ସକଙ୍କ ପଞ୍ଜୀକରଣ, ସ୍ୱତନ୍ତ୍ର ଆୟୁଷ ବିଭାଗ ଗଠନ ଏବଂ ଦୀର୍ଘଦିନ ଧରି ପ୍ରସ୍ତାବିତ ଚିକିତ୍ସାଳୟ ଓ ଗବେଷଣା କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଆରମ୍ଭ ଦାବିରେ ଶନିବାର ଭୁବନେଶ୍ୱରସ୍ଥିତ ବୁଦ୍ଧ ମନ୍ଦିରଠାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା ।ଏହି ଅବସରରେ ଯୋଗ ଓ ନେଚରପାଥି କ୍ଷେତ୍ରରେ ଦୀର୍ଘବର୍ଷର ଅବହେଳା ପାଇଁ ପୂର୍ବତନ ବିଜେଡି ସରକାରଙ୍କ ରାଜନୈତିକ ଆଭିମୁଖ୍ୟ ଏବଂ ବର୍ତ୍ତମାନର ବିଜେପି ସରକାରଙ୍କ ନିଷ୍କ୍ରିୟତାକୁ ଦାୟୀ କରିଥିଲେ ଆୟୋଜକମାନେ । ଏହି କ୍ଷେତ୍ରରେ ରାଜ୍ୟ ସରକାର ତୁରନ୍ତ ଠୋସ୍ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଥିଲେ ।ସାମ୍ବାଦିକ ସମ୍ମିଳନୀରେ ବକ୍ତାମାନେ କହିଥିଲେ ଯେ ଯୋଗ ଓ ନେଚରପାଥି ଆୟୁଷ ଚିକିତ୍ସା ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ଦେଶର ଅନେକ ରାଜ୍ୟରେ ଏହି ଚିକିତ୍ସା ପଦ୍ଧତିର ବିକାଶ ପାଇଁ ବିଭିନ୍ନ ପ୍ରକାରର ସରକାରୀ ବ୍ୟବସ୍ଥା ଥିବାବେଳେ ଓଡ଼ିଶାରେ ସ୍ୱତନ୍ତ୍ର ପ୍ରଶାସନିକ ଢାଂଚା, ଚିକିତ୍ସାଳୟ, ମେଡିକାଲ କଲେଜ ଓ ଗବେଷଣା କେନ୍ଦ୍ରର ଅଭାବ ରହିଛି ବୋଲି ସେମାନେ ଅଭିଯୋଗ କରିଥିଲେ । ଏହା ଫଳରେ ରାଜ୍ୟର ଛାତ୍ରଛାତ୍ରୀ ଓ ରୋଗୀମାନଙ୍କୁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି ।ବକ୍ତାମାନଙ୍କ ଅଭିଯୋଗ ଅନୁଯାୟୀ, ଭୁବନେଶ୍ୱରରେ ୨୦୦ ଶଯ୍ୟା ବିଶିଷ୍ଟ ଯୋଗ ଓ ନେଚରପାଥି ଚିକିତ୍ସାଳୟ ଏବଂ ଗବେଷଣା କେନ୍ଦ୍ର ସ୍ଥାପନ ପାଇଁ କେନ୍ଦ୍ର ସରକାରଙ୍କ ସଂସ୍ଥା ଉଉଜଣଘ ପକ୍ଷରୁ ୨୦୧୧ ମସିହାରୁ ଅନୁଦାନ ମଞ୍ଜୁର ହୋଇଥିଲେ ମଧ୍ୟ ଜମି ସମ୍ବନ୍ଧୀୟ ବିବାଦ ଓ ପ୍ରଶାସନିକ ସମସ୍ୟା ଯୋଗୁଁ ପ୍ରକଳ୍ପଟି ଆଗେଇ ପାରିନାହିଁ । ସରକାର ପରିବର୍ତ୍ତନ ପରେ ମଧ୍ୟ ଏହି ପ୍ରକଳ୍ପର ଅଗ୍ରଗତି




ନେଇ ସେମାନେ ଅସନ୍ତୋଷ ପ୍ରକାଶ କରିଥିଲେ ।ଏହା ସହିତ ଯୋଗ୍ୟ ଯୋଗ-ନେଚରପାଥି ଚିକିତ୍ସକଙ୍କ ପଞ୍ଜୀକରଣ ନ ହେବାକୁ ନେଇ ମଧ୍ୟ ଉଦ୍ ?ବେଗ ପ୍ରକାଶ କରାଯାଇଥିଲା । ବକ୍ତାମାନେ କହିଥିଲେ ଯେ ୨୦୦୨ ମସିହାରୁ ବିଭିନ୍ନ ସଂଗଠନ, ଚିକିତ୍ସକ ଓ ଛାତ୍ରଛାତ୍ରୀ ସରକାରଙ୍କ ନିକଟରେ ଦାବି ଜଣାଇ ଆସୁଥିଲେ ମଧ୍ୟ ଏହି ସମସ୍ୟାର ସ୍ଥାୟୀ ସମାଧାନ ହୋଇନାହିଁ । ଅନେକ ଚିକିତ୍ସକ ବୟସର ଷାଠିଏ ବର୍ଷ ଅତିକ୍ରମ କରିଥିଲେ ମଧ୍ୟ ସେମାନଙ୍କ ପଞ୍ଜୀକରଣ ଓ ବୃତିଗତ ସ୍ୱୀକୃତି ନେଇ ଅନିଶ୍ଚିତତା ରହିଛି ବୋଲି ସେମାନେ କହିଥିଲେ ।ବିଭିନ୍ନ ସମୟରେ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଓ ସରକାରଙ୍କ ଉଚ୍ଚପଦସ୍ଥ କର୍ମଚାରୀଙ୍କୁ ଦାବି ଜଣାଇବା ସତ୍ତ୍ୱେ ସମସ୍ୟାର ସମାଧାନ ନ ହେବାରୁ ଚିକିତ୍ସକମାନେ କ୍ଷୋଭ ପ୍ରକାଶ କରିଥିଲେ । ପଞ୍ଜୀକରଣ ପାଇଁ ସ୍ପଷ୍ଟ ନୀତି, ନିର୍ଦ୍ଦିଷ୍ଟ କର୍ତ୍ତୃପକ୍ଷ ଓ ସମୟସୀମା ନିର୍ଦ୍ଧାରଣ କରିବାକୁ ସେମାନେ ଦାବି କରିଥିଲେ ।୧. ରାଜ୍ୟରେ ଯୋଗ୍ୟ ଯୋଗ-ନେଚରପାଥି ଚିକିତ୍ସକଙ୍କ ପଞ୍ଜୀକରଣ ପାଇଁ ତୁରନ୍ତ ବ୍ୟବସ୍ଥା କରାଯାଉ ।୨. କେନ୍ଦ୍ର ସରକାରଙ୍କ ସହଯୋଗରେ ପ୍ରସ୍ତାବିତ ୨୦୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟ ଓ ଗବେଷଣା କେନ୍ଦ୍ରର ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରାଯାଉ ।୩. ଆୟୁଷ ବିଭାଗକୁ ସ୍ୱାସ୍ଥ୍ୟ ବିଭାଗରୁ ପୃଥକ୍ କରି ସ୍ୱତନ୍ତ୍ର ମନ୍ତ୍ରଣାଳୟ ଗଠନ କରାଯିବା ସହ ଯୋଗ-ନେଚରପାଥି ପାଇଁ ଆୟୁଷ ନିର୍ଦ୍ଦେଶାଳୟରେ ସ୍ୱତନ୍ତ୍ର ବିଭାଗ ଓ ଉପଯୁକ୍ତ କାଉନସିଲ୍ ଗଠନ କରାଯାଉ ।୪. ଯୋଗ-ନେଚରପାଥିର ବିକାଶ ପାଇଁ ପ୍ରଶାସନିକ ଅଧିକାରୀ ଓ ଅଭିଜ୍ଞ ଚିକିତ୍ସକଙ୍କୁ ନେଇ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଉ ।୫. ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଅତି କମରେ ଗୋଟିଏ ଯୋଗ-ନେଚରପାଥି ଚିକିତ୍ସାଳୟ ସ୍ଥାପନ କରାଯାଉ । ଏହା ସହିତ ଭୁବନେଶ୍ୱରରେ "ଶ୍ରୀ ଜଗନ୍ନାଥ ଆଦର୍ଶ ଯୋଗ-ନେଚରପାଥି ସ୍ୱାସ୍ଥ୍ୟ ଗ୍ରାମ" ପ୍ରତିଷ୍ଠା କରାଯାଉ । ଆବଶ୍ୟକ ସ୍ଥଳେ ଏହି ପ୍ରକଳ୍ପ ପାଇଁ ଯୋଗ-ନେଚରପାଥି କ୍ଷେତ୍ରରେ କାର୍ଯ୍ୟରତ ଯୋଗ୍ୟ ବେସରକାରୀ ସଂସ୍ଥାଗୁଡ଼ିକୁ ଚଚଚ ମୋଡ୍ ?ରେ ଜମି ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯାଉ ।ଏଥିସହିତ ୧୯୯୧ରୁ ୨୦୨୬ ପର୍ଯ୍ୟନ୍ତ ଓଡ଼ିଶାରେ ଯୋଗ-ନେଚରପାଥିର ବିକାଶ ପାଇଁ କ'ଣ ପଦକ୍ଷେପ ନିଆଯାଇଛି ଏବଂ ୨୦୨୬ରୁ ୨୦୩୫ ପର୍ଯ୍ୟନ୍ତ ଏହି କ୍ଷେତ୍ରର ବିକାଶ ପାଇଁ କେଉଁ କାର୍ଯ୍ୟଯୋଜନା ଗ୍ରହଣ କରାଯିବା ଆବଶ୍ୟକ, ତାହା ଉଲ୍ଲେଖ କରି ଏକ ଶ୍ୱେତପତ୍ର ପ୍ରକାଶ କରିବାକୁ ଦାବି ହୋଇଥିଲା ।ବକ୍ତାମାନେ କହିଥିଲେ ଯେ ଯୋଗ ଓ ନେଚରପାଥିର ବିକାଶ କେବଳ ଚିକିତ୍ସକଙ୍କ ବୃତିଗତ ସ୍ୱୀକୃତିର ପ୍ରଶ୍ନ ନୁହେଁ; ଏହା ରାଜ୍ୟରେ ସ୍ୱାସ୍ଥ୍ୟସେବାର ବିସ୍ତାର, ଗବେଷଣା, ଶିକ୍ଷା ଓ ନିଯୁକ୍ତି ସୁଯୋଗ ସହିତ ମଧ୍ୟ ଜଡ଼ିତ । ତେଣୁ ସରକାର ଏହି ଦାବିଗୁଡ଼ିକୁ ଗୁରୁତ୍ୱର ସହ ବିଚାର କରି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ନିଷ୍ପତି ନେବା ଉଚିତ ।ସାମ୍ବାଦିକ ସମ୍ମିଳନୀରେ ପ୍ରାକୃତିକ ଚିକିତ୍ସକ ତଥା ଇଂଟରନ୍ୟାସନାଲ ନେଚରୋପାଥି ଅର୍ଗାନାଇଜେସନ୍ ? (ଓଘଙ) ଓଡ଼ିଶା ରାଜ୍ୟ ସଂଯୋଜକ ସୁବାସ ଚନ୍ଦ୍ର ରାଉତଙ୍କ ସମେତ ସୁବ୍ରତ କୁମାର ମେହେର, ରବିନାରାୟଣ ସାହୁ, ଚିତରଞ୍ଜନ ସାହୁ, ବିନୋଦ କୁମାର ସାହୁ ଓ ସତ୍ୟରଞ୍ଜନ ଜେନା ଉପସ୍ଥିତ ରହି ଦାବିଗୁଡ଼ିକ ଉପସ୍ଥାପନ କରିଥିଲେ । ସରକାର ଯୋଗ-ନେଚରପାଥି କ୍ଷେତ୍ରର ସମସ୍ୟାଗୁଡ଼ିକର ସମାଧାନ ପାଇଁ ଶୀଘ୍ର ଠୋସ୍ ପଦକ୍ଷେପ ନିଅନ୍ତୁ, ନଚେତ୍ ଆଗାମୀ ଦିନରେ ରାଜ୍ୟବ୍ୟାପୀ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଯୁଗ୍ମ କ୍ରିୟାନୁଷ୍ଠାନ କମିଟି ଆୟୋଜକମାନେ ଚେତାବନୀ ଦେଇଥିଲେ ।

# ନାବାଳିକା ଅପହରଣ ମାମଲାରେ ଯୁବକ ଗିରଫ

ବ୍ରହ୍ମପୁର(ନି.ପ୍ର.): ନାବାଳିକା ଅପହରଣ ମାମଲାରେ ଜଣେ ଯୁବକଙ୍କୁ ବ୍ରହ୍ମପୁର ସଦର ଥାନା ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତ ହେଲେ ସଦର ଥାନା ଅନ୍ତର୍ଗତ ପୁରୁଣା ରାମଚନ୍ଦ୍ରପୁର (ବଉଁଶିଆପଲ୍ଲୀ) ଗ୍ରାମର ଶୁଭମ ବାରିକ (୨୨) । ପୁଲିସ ସୂଚନା ଅନୁଯାୟୀ, ଗତ ଜାନୁଆରୀ ୨୩ ତାରିଖରେ ପୁରୁଣା ରାମଚନ୍ଦ୍ରପୁର ଗ୍ରାମର ଜଣେ ୧୭ ବର୍ଷୀୟା ନାବାଳିକା ଘରୁ ନିଖୋଜ ହୋଇଯାଇଥିଲେ । ନାବାଳିକା ଜଣକ ଦ୍ୱିତୀୟ ବର୍ଷର ବୈଷୟିକ ତାଲିମ ଛାତ୍ରୀ ଥିଲେ । ତାଙ୍କୁ ଶୁଭମ ଅପହରଣ କରିନେଇଥିବା ସନ୍ଦେହ କରି ନାବାଳିକାଙ୍କ ବାପା ଜାନୁଆରୀ ୨୫ ତାରିଖରେ ସଦର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ବେଳେ ପୁଲିସ ଭୁବନେଶ୍ୱରର ପଟରଗାଡ଼ିଆ ସାହିରୁ ନାବାଳିକାଙ୍କୁ ଉଦ୍ଧାର କରିଥିଲା । ଏହାପରେ ଅଭିଯୁକ୍ତଙ୍କୁ କାବୁ କରିବାରେ ପୁଲିସ ସଫଳ ହୋଇଥିଲା ।

## ପ୍ୟୁପଲ୍ସ ଏଗେନେଷ୍ଟ ଏସ ଆଇ ଆର ପାଇଁ ନୀଳଗିରି ରେ ପ୍ରତିବାଦ ସଭା ଅନୁଷ୍ଠିତ

ନୀଳଗିରି(ନି.ପ୍ର.) ପ୍ୟୁପଲ୍ସ ଏଗେନେଷ୍ଟ ଏସ ଆଇ ଆର ପାଇଁ ନୀଳଗିରି ରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇ ଯାଇଛି ।ସାରା ଭାରତ ବର୍ଷ ରେ ମୁଖ୍ୟ ନିର୍ବାଚନ କମିଶନ ର ଙ୍କ ଇସ୍ତଫା ଦାବୀ ରେ ବିଭିନ୍ନ ସଂଗଠନ ତରଫରୁ ଆନ୍ଦୋଳନ ଚାଲିଛି । ଏସ ଆଇ ଆର ନାମ ରେ ତେର କୋଟି ରୁ ଉର୍ଦ୍ଧ ମତଦାତା ଙ୍କ ନାମ କୁ ଭୋଟର ତାଲିକା ରୁ ବାଦ ଦିଆଯାଇଛି । କେନ୍ଦ୍ର ରେ ବିଜେପି ସରକାର କୁ ସୁରକ୍ଷା ଦେବା ପାଇଁ ମୁଖ୍ୟ ନିର୍ବାଚନ କମିଶନ ର ଜ୍ଞାନେଶ କୁମାର ଙ୍କ ନିର୍ଦ୍ଦେଶ ରେ ଚଂଚକତା କରି ଏସ ଆଇ ଆର ନାମ ରେ ତେର କୋଟି ରୁ ଉର୍ଦ୍ଧ ମତଦାତା ଙ୍କ ନାମ କୁ ଭୋଟର ତାଲିକା ରୁ ବାଦ ଦେବାକୁ ସାରା ଦେଶ ରେ ପ୍ରତିବାଦ ର ସ୍ୱର ତୀବ୍ର ହୋଇଛି । ଏହାକୁ ପ୍ରତିବାଦ କରି ଜ୍ଞାନେଶ କୁମାର ଙ୍କ ଇସ୍ତଫା ସହିତ ଗିରଫ ଦାବୀ କରାଯାଇଛି ।ତତ୍ ସହିତ ନିର୍ବାଚନ ଅଧିକାରୀ ଙ୍କ ବିରୁଦ୍ଧରେ କୌଣସି ଆଇନ୍ ଗତ କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରିବ ନାହିଁ ବୋଲି ହୋଇଥିବା ଆଇନ୍ ର



ପରିବର୍ତ୍ତନ, ଏସ ଆଇ ଆର କୁ ରଦ୍ଦ,ଓ ଭୋଟର ତାଲିକା ରୁ ବାଦ ପଡ଼ିଥିବା ଭୋଟର ଙ୍କୁ ପୁନଃ ସଂଯୋଗ କରାଯିବା ଦାବିରେ ଆଜି ଇଣ୍ଡିଆ ମେଂଟ ତରଫରୁ ନୀଳଗିରି ରେ ପ୍ରତିବାଦ ସଭା କରାଯାଇଛି । ମେଂଟ ତରଫରୁ ସିପିଆଇ (ଏମ) କାର୍ଯ୍ୟାଳୟ ରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ନୀଳଗିରି ଉପଜିଲ୍ଲାପାଳ ଙ୍କ ଅଫିସ ଆଗରେ ପ୍ରତିବାଦ ସଭା କରାଯାଇ ଥିଲା ।ଉକ୍ତ ସଭା ରେ ସିପିଆଇ ( ଏମ) ଜିଲ୍ଲା କମିଟି ସଭ୍ଯ ସତ୍ୟଜିତ ଦାସ ସଭାପତିତ୍ୱ କରିଥିଲେ ।ସିପିଆଇ (ଏମ) ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ଯ ବିଜୟ କୁମାର ପାତ୍ର,ଜ୍ୟୋତିର୍ମୟ ରାଉତ, ହେମେନ୍ଦ୍ର ସେଠି, ମୃତ୍ୟୁଞ୍ଜୟ ନାୟକ, ଲକ୍ଷ୍ମଣ ସ, ଯୋଗନନ୍ଦ ଦାଶ,ମନୋରଞ୍ଜନ ସାହୁ,ଉମାକାନ୍ତ ଷଡଙ୍ଗୀ, କାଳିଆ ପାତ୍ର, ଗଜେନ୍ଦ୍ର ସିଂ, ପ୍ରଦୀପ ମିଶ୍ର, ଜାତୀୟ କିଷାନ କଂଗ୍ରେସ ର ରାଜ୍ଯ ଉପ ସଭାପତି ଯଶୋଦା ନନ୍ଦନ ସିଂ, ରାହାସ ମହାପାତ୍ର, ପିତାମ୍ବର ସିଂ, ସିପିଆଇ ରୁ ନିରଞ୍ଜନ ବାରିକ, ବିଜୟ ସ, ନିହାର ଜେନା ଉପସ୍ଥିତ ରହି ଡବଲ ଇଞ୍ଜିନି ସରକାର ଙ୍କ ଅପାରଗତା ସମ୍ପର୍କ ରେ ତୀବ୍ର ସମାଲୋଚନା କରିଥିଲେ ।

# ୧୦ ଜୁଆ ଆଡ୍ଡାରେ ବ୍ରହ୍ମପୁର ପୁଲିସର ଚଢ଼ାଉ; ୬୧ ଜୁଆଡ଼ି ଗିରଫ

ବ୍ରହ୍ମପୁର(ନି.ପ୍ର.): ବ୍ରହ୍ମପୁର ପୁଲିସ ଜିଲ୍ଲାର ବିଭିନ୍ନ ଥାନା ଅଂଚଳରେ ଚାଲିଥିବା ଜୁଆ ଆଡ୍ଡା ଉପରେ ପୁଲିସ ପକ୍ଷରୁ ବ୍ୟାପକ ଚଢ଼ାଉ କରାଯାଇଛି । ମୋଟ ୮ଟି ଥାନା ଅଂଚଳରେ ୧୦ଟି ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ପୁଲିସ ୬୧ ଜଣ ଜୁଆଡ଼ିଙ୍କୁ ଗିରଫ କରିଛି । ସେମାନଙ୍କ ନିକଟରୁ ନଗଦ ୩ ଲକ୍ଷ ୪୧ ହଜାର ୪୦୦ ଟଙ୍କା, ୪୧ଟି ମୋବାଇଲ୍ ଫୋନ୍, ଗୋଟିଏ ଗାଡ଼ି ଓ ୨୧ ପ୍ୟାକେଟ୍ ତାସ ଜବତ କରାଯାଇଛି । ପୁଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବୈଦ୍ୟନାଥପୁର ଥାନା ଅଂଚଳରେ ଚଢ଼ାଉ କରି ୯ ଜଣଙ୍କୁ ଗିରଫ କରାଯିବା ସହ ୨୧ ହଜାର ୨୬୦ ଟଙ୍କା, ୪ଟି ମୋବାଇଲ୍ ଓ ଗୋଟିଏ ପ୍ୟାକେଟ୍ ? ତାସ ଜବତ ହୋଇଛି । ସେହିପରି ଗୋସାଣିନୂଆଗାଁ ଥାନା ଅଂଚଳରୁ ୧୧ ଜଣଙ୍କୁ ଗିରଫ କରାଯାଇ ୧୫ ହଜାର ୭୪୦ ଟଙ୍କା, ୧୧ଟି ମୋବାଇଲ୍ ? ଓ ଗୋଟିଏ ପ୍ୟାକେଟ୍ ତାସ ଜବତ କରାଯାଇଛି ।ଗୋଳନ୍ଥରା ଥାନା ଅଂଚଳରୁ ୩ ଜଣଙ୍କୁ ଗିରଫ କରାଯିବା ସହ ୧୦ ହଜାର ୩୦ ଟଙ୍କା, ୩ଟି ମୋବାଇଲ୍, ଗୋଟିଏ ଗାଡ଼ି ଓ ଗୋଟିଏ ପ୍ୟାକେଟ୍? ତାସ ଜବତ ହୋଇଛି । ବଡ଼ବଜାର ଥାନା ଅଂଚଳରେ ସର୍ବାଧିକ ୩ଟି ଜୁଆ ଆଡ୍ଡାରେ ଚଢ଼ାଉ କରି ୧୭ ଜଣଙ୍କୁ ଗିରଫ କରାଯାଇଛି । ସେମାନଙ୍କ ନିକଟରୁ ୧ ଲକ୍ଷ ୩୭ ହଜାର ୪୦୦ ଟଙ୍କା, ୧୨ଟି ମୋବାଇଲ୍ ଓ ୬ ପ୍ୟାକେଟ୍ ତାସ ଜବତ ହୋଇଛି ।ଅନ୍ୟପକ୍ଷରେ ବ୍ରହ୍ମପୁର ଟାଉନ୍‌ଥାନା ଅଂଚଳରୁ ୫ ଜଣଙ୍କୁ ଗିରଫ କରାଯାଇ ୧୦ ହଜାର ୨୦୦ ଟଙ୍କା ଓ ୩ ପ୍ୟାକେଟ୍ ? ତାସ ଜବତ ହୋଇଛି । ବ୍ରହ୍ମପୁର ସଦର ଥାନା ଅଂଚଳରୁ ୮ ଜଣଙ୍କୁ ଗିରଫ କରାଯିବା ସହ ୬୭ ହଜାର ୭୦ ଟଙ୍କା, ୪ଟି ମୋବାଇଲ୍ ? ଓ ୪ ପ୍ୟାକେଟ୍ ତାସ ଜବତ କରାଯାଇଛି । ସେହିପରି ଜରଡ଼ା ଥାନା ଅଂଚଳରୁ ୩ ଜଣଙ୍କୁ ଗିରଫ କରାଯାଇ ୫ ହଜାର ୧୦୦ ଟଙ୍କା, ୩ଟି ମୋବାଇଲ୍ ଓ ୩ ପ୍ୟାକେଟ୍ ତାସ ଜବତ ହୋଇଛି । ନିମଖଣ୍ଡି ଥାନା ଅଂଚଳରୁ ୫ ଜଣଙ୍କୁ ଗିରଫ କରାଯିବା ସହ ୭୪ ହଜାର ୬୦୦ ଟଙ୍କା, ୪ଟି ମୋବାଇଲ୍ ଓ ୨ ପ୍ୟାକେଟ୍ ତାସ ଜବତ କରାଯାଇଛି । ଏନେଇ ବିଭିନ୍ନ ଥାନାରେ ମୋଟ ୧୦ଟି ମାମଲା ରୁଜୁ କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି ।

# ଅସ୍ତଳ ଗ୍ରାମର ବିଶିଷ୍ଟ ସମାଜସେବୀ, ଧର୍ମପରାୟଣ ରବିନ୍ଦ୍ର ନାଥ ଦାସଙ୍କ ପରଲୋକ

ଭଦ୍ରକ(ନି.ପ୍ର.):ଭଦ୍ରକ ସହର ଅସ୍ତଳ ନରିପୁର ଗ୍ରାମର ବିଶିଷ୍ଟ ସମାଜସେବୀ, ଧର୍ମପରାୟଣ, ତଥା ପରିବହନ ବିଭାଗର ମୁଖ୍ୟ କିରାଣୀ ରବିନ୍ଦ୍ର ନାଥ ଦାସଙ୍କ ପରଲୋକ ଘଟିଛି । ମୃତ୍ୟୁବେଳକୁ ୮୫ବର୍ଷ ବୟସ ହୋଇଥିଲା । ସ୍ୱର୍ଗତ ଦାସ ପରିବହନ ବିଭାଗରେ ମୁଖ୍ୟ କିରାଣୀ ଭାବେ ଅନୁଗୁଳ, ଭଦ୍ରକ, ଢେଙ୍କାନାଳ, ଭୁବନେଶ୍ୱର ପ୍ରମୁଖ ଜିଲ୍ଲାରେ ଦକ୍ଷତାର ସହ କାର୍ଯ୍ୟ କରି ଅବସର ନେଇଥିଲେ । ସେ ଜଣେ ମୁରବୀ, ପରୋପକାରୀ, ସମାଜସେବୀ, ଧର୍ମପରାୟଣ, ଅମାୟିକ ବ୍ୟକ୍ତି ଭାବେ ସବୁଠି ପରିଚିତ ଥିଲେ । ତାଙ୍କର ସହଧର୍ମିଣୀ ଛବିଲତା, କନ୍ୟା ରୂପଶ୍ରୀ, ପୁତ୍ର ରୂପକ, ତନ୍ମୟ, ସୌଭାଗ୍ୟ, ପ୍ରମୁଖ ଗ୍ରାମବାସୀ ମୃତ୍ୟୁ ସମୟରେ ଉପସ୍ଥିତ ଥିଲେ ।



ତାଙ୍କ ବିୟୋଗରେ ଭଦ୍ରକ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ସୀତାଂଶୁ ଶେଖର ମହାପାତ୍ର, ଆଡଭୋକେଟ୍ ତଥା ସାମ୍ବାଦିକ ଅଶୋକ କୁମାର ନାୟକ, କାଉନସିଲର ଗୀତାଞ୍ଜଳି ଦାସ, ପୂର୍ବତନ କାଉନ୍‌ସିଲର ଗଜେନ୍ଦ୍ର ପଣ୍ଡା, ଶରତ ପଡ଼ିଆରୀ, ଯୁବ ସମାଜସେବୀ ସୂର୍ଯ୍ୟକୁମାର ଦାସ, ସମାଜସେବୀ ନୃସିଂହ ପଣ୍ଡା, ଅନନ୍ତ ଚରଣ ପଣ୍ଡା, ନୀଳକଣ୍ଠ ଦାସ, ସୁନନ୍ଦ ପାଢ଼ୀ, ସତ୍ୟ ଦାସ, ଦୀପୁ ସାହୁ, ବାପୁ ସାହୁ, ମଧୁସୂଦନ ଷେଣ୍ଢ, ଯଦୁ ଷେଣ୍ଢ, ଲିପୁ ପଣ୍ଡା, ଶିକ୍ଷାବିତ୍ ତ୍ରିଲୋଚନ ନାୟକ, ରବିନ୍ଦ୍ର ଦାଶଙ୍କ ସମେତ ଗ୍ରାମବାସୀ ଏବଂ ଭଦ୍ରକ ପରିବହନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ସ୍ୱର୍ଗତ ରବିନ୍ଦ୍ର ଦାସଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ।

# ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ସ୍ମୃତିପୀଠରେ ଶ୍ରଦ୍ଧାଞ୍ଜଳି ଓ ସମାଜସେବୀ କୃଷ୍ଣା ମହାନ୍ତିଙ୍କୁ ଗାନ୍ଧୀଙ୍କ ଉପରେ ରଚିତ କବିତା ପ୍ରଦାନ

ଅନୁଗୁଳ(ନି.ପ୍ର.): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକର ଶିକ୍ଷାବିତ୍ ଓ ଲେଖକ ସୁବାଷ ଚନ୍ଦ୍ର ରାଉତ ଗତ ୨୪ ଅକ୍ଟୋବର, ଶନିବାର ଦିନ ଅନୁଗୁଳ ଜିଲ୍ଲା ଗସ୍ତ କରି ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସମାଜ ସଂସ୍କାରକ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ସ୍ମୃତି ସହ ଜଡ଼ିତ ବାଜି ରାଉତ ଛାତ୍ରାବାସ ପରିଦର୍ଶନ କରିଥିଲେ । ଏହି ଅବସରରେ ସେ ଶ୍ରୀଯୁକ୍ତ ଚୌଧୁରୀଙ୍କ ସମାଧିରେ ପୁଷ୍ପାଞ୍ଜଳି ଅର୍ପଣ କରି ତାଙ୍କ ପ୍ରତି ଗଭୀର ଶ୍ରଦ୍ଧା ଓ ସମ୍ମାନ ଜଣାଇଥିଲେ ।ଏହି ଗସ୍ତ ସମୟରେ ଶ୍ରୀଯୁକ୍ତ ରାଉତ ସ୍ୱର୍ଗତଃ ନବକୃଷ୍ଣ ଚୌଧୁରୀଙ୍କ କନ୍ୟା ତଥା ବିଶିଷ୍ଟ ସମାଜସେବୀ ଶ୍ରୀମତୀ କୃଷ୍ଣା ମହାନ୍ତିଙ୍କୁ ସାକ୍ଷାତ କରିଥିଲେ । ସାକ୍ଷାତ ସମୟରେ ସେ ମହାତ୍ମା ଗାନ୍ଧୀଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ଜଣାଇ ରଚନା କରିଥିବା ଏକ କବିତା ଶ୍ରୀମତୀ ମହାନ୍ତିଙ୍କୁ ଉପହାର ସ୍ୱରୂପ ପ୍ରଦାନ କରିଥିଲେ ।ଆଲୋଚନା ସମୟରେ ମହାତ୍ମା ଗାନ୍ଧୀଙ୍କ ନୀତି, ଆଦର୍ଶ,



ସତ୍ୟ ଓ ଅହିଂସାର ମହତ୍ୱ ସହିତ ସମାଜରେ ଏହାର ପ୍ରାସଙ୍ଗିକତା ଉପରେ ମତ ବିନିମୟ ହୋଇଥିଲା । ଏଥିସହ ନବକୃଷ୍ଣ ଚୌଧୁରୀଙ୍କ ଆଦର୍ଶ, ତ୍ୟାଗ, ସରଳ ଜୀବନଯାପନ ଓ ସମାଜ ପ୍ରତି ତାଙ୍କର ଅବଦାନକୁ ସ୍ମରଣ କରାଯାଇଥିଲା । ବାଜି ରାଉତ ଛାତ୍ରାବାସ ପରିଦର୍ଶନ ଶ୍ରୀଯୁକ୍ତ ରାଉତଙ୍କ ପାଇଁ ଏକ ସ୍ମରଣୀୟ ଅନୁଭୂତି ଥିଲା । ଏହି ଐତିହାସିକ ସ୍ଥାନ ସ୍ୱାଧୀନତା ସଂଗ୍ରାମର ଗୌରବମୟ ଇତିହାସ, ତ୍ୟାଗ ଓ ବଳିଦାନର ସ୍ମୃତି ବହନ କରୁଛି । ବିଶେଷକରି ସହିଦ ବାଜି ରାଉତଙ୍କ ବଳିଦାନ ଓ ନବକୃଷ୍ଣ ଚୌଧୁରୀଙ୍କ ଜନସେବାମୂଳକ ଜୀବନ ଆଜିର ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ ।ଏହି ଗସ୍ତ ମାଧ୍ୟମରେ ଶ୍ରୀଯୁକ୍ତ ରାଉତ ମହାତ୍ମା ଗାନ୍ଧୀଙ୍କ ଅହିଂସା ଓ ମାନବିକତାର ବାର୍ତ୍ତା ସହିତ ନବକୃଷ୍ଣ ଚୌଧୁରୀଙ୍କ ସମାଜସେବା ଓ ଆଦର୍ଶକୁ ସ୍ମରଣ କରିବାର ଏକ ଉଦ୍ୟମ କରିଥିଲେ । ଆଜିର ସମାଜରେ ଶାନ୍ତି, ସହିଷ୍ଣୁତା, ନୈତିକତା ଓ ମାନବୀୟ ମୂଲ୍ୟବୋଧର ପ୍ରତିଷ୍ଠା ପାଇଁ ମହାପୁରୁଷମାନଙ୍କ ଆଦର୍ଶକୁ ଜୀବନରେ ଅନୁସରଣ କରିବା ଅତ୍ୟନ୍ତ ଜରୁରୀ ବୋଲି ଏହି ସାକ୍ଷାତ ଓ ଆଲୋଚନାର ମୂଳ ବାର୍ତ୍ତା ରହିଥିଲା ।

# କାଦିଆନରେ ଜାତୀୟସ୍ତରୀୟ ବାର୍ଷିକ ଇଜତେମା ପ୍ରତିଯୋଗିତା ଆରମ୍ଭ

କଟକ: ଅହମଦୀୟା ମୁସଲିମ ଜମାତର ସଦସ୍ୟମାନଙ୍କୁ ବୟସ ଆଧାରରେ ତିନୋଟି ଉପ-ସଂଗଠନରେ ବିଭକ୍ତ କରାଯାଇଛି । ପ୍ରତ୍ୟେକ ବ୍ୟକ୍ତିଙ୍କ ମାନସିକ କ୍ଷମତା ଏବଂ ବୟସ ଅନୁସାରେ ସେମାନଙ୍କୁ ଶିକ୍ଷିତ ଏବଂ ତାଲିମ ଦିଆଯାଏ, ଏବଂ ସେମାନଙ୍କୁ ଦେଶ ଏବଂ ରାଷ୍ଟ୍ର ଉପଯୋଗୀ କରିବା ପାଇଁ ପ୍ରୟାସ କରାଯାଏ ।'ଅନସାରୁଲ୍ଲାହ ସଂଗଠନ' ଅର୍ଥାତ୍ 'ଅଲ୍ଲାହଙ୍କ ସାହାଯ୍ୟକାରୀ', ଅହମଦୀୟା ଜମାତ ମଧ୍ୟରେ ୪୦ ବର୍ଷରୁ ଅଧିକ ବୟସର ପୁରୁଷମାନଙ୍କର ଏହା ଏକ ବୃଦ୍ଧ ସଂଗଠନ । ବର୍ଷସାରା, ଏହି ସଂଗଠନ ସମାଜର ଦୁର୍ବଳ ଏବଂ ବୃଦ୍ଧ ଲୋକଙ୍କ ଅଭିଜ୍ଞତା ଏବଂ ଉଦାହରଣକୁ ନେଇ ସେମାନଙ୍କୁ ଜାତୀୟ ଏବଂ ରାଷ୍ଟ୍ରୀୟ ସ୍ୱାର୍ଥ ଉଦ୍ଦେଶ୍ୟରେ ସେମାନଙ୍କର ଭୂମିକା ଗ୍ରହଣ କରିବା ପାଇଁ ପ୍ରସ୍ତୁତ କରାଯାଇଥାଏ । ଅହମଦୀୟା ଜମାତ ମଧ୍ୟରେ ଯୁବକମାନଙ୍କର ଏକ ସଂଗଠନ 'ଖୁଦ୍ଦାମୁଲ-ଅହମଦୀୟା ସଂଗଠନ', ଯୁବକମାନଙ୍କୁ ଏପରି ଭାବରେ ଶିକ୍ଷିତ ଏବଂ ତାଲିମ ଦେବାର ଲକ୍ଷ୍ୟ ରଖିଛି ଯାହା ସେମାନଙ୍କ ମଧ୍ୟରେ ଉଚ୍ଚ ନୈତିକ ମୂଲ୍ୟବୋଧ ଏବଂ ଦୃଢ଼ ସଂକଳ୍ପ ସୃଷ୍ଟି କରେ, ସେମାନଙ୍କୁ ଦେଶ




ଏବଂ ରାଷ୍ଟ୍ରର ବିକାଶ ଏବଂ ମାନବତାର ସେବା କରିବାକୁ ସକ୍ଷମ କରାଯାଇଥାଏ । ଏହି ସଂଗଠନ ମଧ୍ୟରେ, ସାତରୁ ପନ୍ଦର ବର୍ଷ ବୟସର ପିଲାମାନଙ୍କ ପାଇଁ ଏକ ପୃଥକ ସଂଗଠନ 'ଅତଫାଲୁଲ-ଅହମଦିୟା ସଂଗଠନ' ମଧ୍ୟ ପ୍ରତିଷ୍ଠିତ ହୋଇଛି । ଏହି ସଂଗଠନ ଅହମଦିୟା ପିଲାମାନଙ୍କୁ ଶୈଶବରୁ ଧାର୍ମିକ ଏବଂ ନୈତିକ ତାଲିମ ଉପରେ ଧ୍ୟାନ ଦିଆଯାଇଥାଏ, ଯାହା ଦ୍ୱାରା ସେମାନେ ଦେଶ ଏବଂ ରାଷ୍ଟ୍ର ପାଇଁ ଉପଯୋଗୀ ହୋଇପାରିବେ ଏବଂ ଧାର୍ମିକ ଏବଂ ନୈତିକ ଦୃଷ୍ଟିରୁ ଅନ୍ୟମାନଙ୍କ ଠାରୁ ଭିନ୍ନ ହୋଇପାରିବେ ।'ଲଜନା ଇମା'ଇଲ୍ଲା' ହେଉଛି ଅହମଦିୟା ଜମାତ ମଧ୍ୟରେ ମହିଳାମାନଙ୍କ ପାଇଁ ଏକ ସଂଗଠନ, ଯାହା ସମାଜ ଗଠନରେ ମହିଳାମାନଙ୍କୁ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ପାଇଁ ପ୍ରସ୍ତୁତ କରାଯାଇଥାଏ । ଅହମଦିୟା ଜମାତ ମଧ୍ୟରେ ଝିଅମାନଙ୍କୁ ଉଚ୍ଚଶିକ୍ଷା ଏବଂ ଧର୍ମପରାୟଣତା ପାଇଁ ଉତ୍ସାହିତ କରାଯାଏ, ମା'ମାନେ ସନ୍ତାନ ପାଳନର ଦାୟିତ୍ୱ ଉପରେ ଧ୍ୟାନ ଦିଅନ୍ତି । ଏହି ସଂଗଠନ ମଧ୍ୟରେ, ସାତରୁ ପନ୍ଦର ବର୍ଷ ବୟସର ଝିଅମାନଙ୍କ ପାଇଁ ଏକ ସଂଗଠନ ରହିଛି, ଯାହାକୁ 'ନାସିରାତୁଲ-ଅହମଦିୟା' କୁହାଯାଏ, ଯାହା ଶୈଶବରୁ ଅହମଦି ଝିଅମାନଙ୍କ ଶିକ୍ଷା ଏବଂ ତାଲିମ ଉପରେ ଧ୍ୟାନ ଦିଏ ।ଏହି ସମ୍ମିଳନୀର ଉଦ୍ଦେଶ୍ୟ ହେଉଛି ଅହମଦିୟା ମୁସଲିମ ସମ୍ପ୍ରଦାୟର ସଦସ୍ୟମାନଙ୍କୁ ଇସଲାମିକ ଶିକ୍ଷା ଆଲୋକରେ ଅଲ୍ଲାହଙ୍କ ଅଧିକାର ଏବଂ ମାନବତାର ଅଧିକାର ପୂରଣ କରିବା ବିଷୟରେ ମନେ ପକାଇଦେବା, ସେମାନଙ୍କ ମଧ୍ୟରେ ମାନବତା ପ୍ରତି ସହାନୁଭୂତି ଜାଗ୍ରତ କରିବା ଏବଂ ସେମାନଙ୍କୁ ଦେଶ ଏବଂ ରାଷ୍ଟ୍ର ପାଇଁ ଉପଯୋଗୀ କରିବା ।ଏହି ସମ୍ମିଳନୀ ଅବସରରେ, ସମସ୍ତ ଅଂଶଗ୍ରହଣକାରୀଙ୍କ ପାଇଁ ସେମାନଙ୍କ ନିଜ ନିଜ ସଂଗଠନ ସହିତ ସହଯୋଗରେ ବିଭିନ୍ନ ଶିକ୍ଷାଗତ ଏବଂ କ୍ରୀଡା ପ୍ରତିଯୋଗିତା ଆୟୋଜନ କରାଯାଉଛି, ଯାହା ସେମାନଙ୍କର ଦକ୍ଷତା ବୃଦ୍ଧି କରିବ ।ଏହି ସମ୍ମିଳନୀରେ ଅଂଶଗ୍ରହଣ କରିବା ପାଇଁ ସାରା ଭାରତରୁ ପୁରୁଷ, ମହିଳା ଏବଂ ପିଲାମାନେ କାଦିଆନକୁ ଆସୁଛନ୍ତି । ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ଓଡ଼ିଶାରୁ ୨୦୦ ରୁ ଅଧିକ ଅଂଶଗ୍ରହଣକାରୀ ମଧ୍ୟ ପବିତ୍ର ଭୂମି କାଦିଆନ୍ ଯାତ୍ରା କରିଛନ୍ତି ।ଏହି ଉପ-ସଂଗଠନଗୁଡ଼ିକ ସାରା ଭାରତରେ ଶାନ୍ତି ପ୍ରୋତ୍ସାହନ ପାଇଁ ବର୍ଷସାରା କାର୍ଯ୍ୟ କରନ୍ତି । ସେମାନେ ମାଗଣା ଚିକିତ୍ସା ଶିବିର, ୱକାର-ଏ-ଅମଲ(ସ୍ୱଚ୍ଛ୍ୟ ଅଭିଯାନ) ମାଧ୍ୟମରେ ସାର୍ବଜନୀନ ସ୍ଥାନ ସଫା କରିବା, ଅଭାବୀ ଲୋକଙ୍କୁ ସହାୟତା, ରୋଗୀଙ୍କ ସେବା, ବୃକ୍ଷରୋପଣ ଏବଂ ରକ୍ତଦାନ ଶିବିର ସମେତ ବିଭିନ୍ନ ଜନ କଲ୍ୟାଣକାରୀ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରନ୍ତି ।ବିଶ୍ୱବ୍ୟାପ୍ତ ଅହମ୍ମଦୀୟା ମୁସଲିମ ଜମାତର ପଂଚମ ଖଲିଫା ହଜରତ ମିର୍ଜା ମସରୁର ଅହମ୍ମଦଙ୍କ ମହାନ ଆଧ୍ୟାତ୍ମିକ ନେତୃତ୍ୱରେ, ଅହମ୍ମଦୀୟା ମୁସଲିମ ଜମାତର ସମସ୍ତ ଉପ-ସଂଗଠନଗୁଡ଼ିକ ସମଗ୍ର ଭାରତରେ ଲୋକଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରିଆସୁଛି । ଏହି ସମ୍ମିଳନୀରେ ଯୋଗ ଦେଉଥିବା ପ୍ରତ୍ୟେକ ବ୍ୟକ୍ତି ଦେଶ ଏବଂ ରାଷ୍ଟ୍ରର ବିକାଶ ପାଇଁ ଏହାର ସେବା କରିବାକୁ ପ୍ରତିଜ୍ଞା କରନ୍ତି । ଏହି ସମ୍ମିଳନୀ ମାଧ୍ୟମରେ, ଜମାତ ସଦସ୍ୟମାନଙ୍କୁ ଅଲ୍ଲାହଙ୍କ ଅଧିକାର ଏବଂ ମାନବ ଅଧିକାରର ଭାବନା ଜାଗ୍ରତ କରିବା ଏବଂ ସେମାନଙ୍କର ନୈତିକ ମାନଦଣ୍ଡକୁ ଉନ୍ନତ କରିବା ପାଇଁ ତାଲିମ ଦିଆଯାଏ ।

# କୃଷକ ମୋର୍ଚ୍ଚା ତରଫରୁ ଏକ ପଥ ପ୍ରାନ୍ତ ସଭା ଅନୁଷ୍ଠିତ

ନୀଳଗିରି (ନି.ପ୍ର.)- ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ଶ୍ୟାମସୁନ୍ଦରପୁର ପଂଚାୟତ ଅଧିନ ପଂଚଲିଙ୍ଗେଶ୍ୱର ଛକ ଠାରେ କୃଷକ ମୋର୍ଚ୍ଚା ତରଫରୁ ଏକ ପଥ ପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରସ୍ତାବିତ କୋଲଡ଼ିହା ଅଭୟାରଣ୍ୟର ଚତୁର୍ ପାର୍ଶ୍ୱରେ ୨୦୪ ଗୋଟି ରାଜସ୍ୱ ଗ୍ରାମକୁ ନେଇ ଘୋଷଣା କରାଯାଇଥିବା ଇକୋ ସେନ୍ସିଟିଭ୍ ଜୋନ୍ ପ୍ରତ୍ୟାହାର ଓ ଇଟା ଭାଟିରେ କାର୍ଯ୍ୟରତ ଥିବା ଶ୍ରମିକ ମାନଙ୍କୁ ଥଇଥାନ ଦାବି କରି ନଭେମ୍ବର ୭ ନୀଳଗିରି ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ଗଣ ବିକ୍ଷୋଭକୁ ସଫଳ କରିବା ପାଇଁ କୃଷକ ମଂଚ ତରଫରୁ ପଥପ୍ରାନ୍ତ ସଭା କରାଯାଇଥିଲା । ଏହି ସଭାରେ ସଭାପତିତ୍ୱ କରିଥିଲେ ସିପିଆଇର ପୂର୍ବତନ ରାଜ୍ଯ କାର୍ଯ୍ୟକାରୀ କମିଟି ସଦସ୍ୟ କୈଳାଶ ଚନ୍ଦ୍ର ପଣ୍ଡା, ଶ୍ୟାମସୁନ୍ଦରପୁର ଗ୍ରାମ ପଂଚାୟତର ପୂର୍ବତନ ସରପଂଚ ଶ୍ରୀଯୁକ୍ତ କରୁଣାକର ପରିଡ଼ା, ବାଉଁଶବଣିଆ ଗ୍ରାମ ପଂଚାୟତର ସରପଂଚ ନିରଞ୍ଜନ ବାରିକ, ନୀଳଗିରି ଆଂଚଳିକ କୃଷକ ମଂଚର ସମ୍ପାଦକ ନିହାର ରଞ୍ଜନ ଜେନା, ସମାଜସେବୀ ଟୁନୁ ପଟ୍ଟନାୟକ, ଗାୟତ୍ରୀ ପଣ୍ଡା, ପ୍ରଭାକର ମହାପାତ୍ର, ପୂର୍ବତନ ସମିତି ସଭାପତି କମଳାକାନ୍ତ ବାରିକ, ସିପିଆଇ ଅଂଚଳ କମିଟି ସମ୍ପାଦକ ବିଜୟ ସ, ରବୀନ୍ଦ୍ର ନାୟକ, ବାସୁଦେବ ଜେନା, ଇତ୍ୟାଦି ଯୋଗଦାନ ଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ ।

# ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମର ପରିବର୍ତ୍ତନ

ଭୁବନେଶ୍ୱର/ନୂଆଦିଲ୍ଲୀ : ଓଡ଼ିଶାର ମୟୂରଭଞ୍ଜ ଜିଲା ଅନ୍ତର୍ଗତ ରାଇରଙ୍ଗପୁରକୁ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିର୍ଦ୍ଧାରିତ ଗସ୍ତ ବାତ୍ୟା ଆଶଙ୍କା ଯୋଗୁ ସ୍ଥଗିତ ରଖାଯାଇଛି । ଅନ୍ୟପକ୍ଷରେ ଭାରତୀୟ ରିଜର୍ଭ ବ୍ୟାଙ୍କ (RBI)ର ଅତ୍ୟାଧୁନିକ ଡାଟା ସେଂଟର ଉଦ୍‌ଘାଟନ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ସ୍ଥିର ରହିଛି । ରାଷ୍ଟ୍ରପତିଙ୍କ ଗସ୍ତ ନଭେମ୍ବରକୁ ସ୍ଥାନାନ୍ତରିତ କରାଯାଇଛି । ସୂଚନା ଅନୁଯାୟୀ, ରାଷ୍ଟ୍ରପତିଙ୍କ ଅକ୍ଟୋବର ୨୮ ଏବଂ ୨୯ ତାରିଖରେ ନିଜ ଜନ୍ମସ୍ଥାନ ରାଇରଙ୍ଗପୁର ଗସ୍ତ କରିବାର କାର୍ଯ୍ୟକ୍ରମ ଥିଲା । କିନ୍ତୁ ବର୍ତ୍ତମାନର ପାଗ ସ୍ଥିତି ଏବଂ ବାତ୍ୟା ପୂର୍ବାଭାସକୁ ଦୃଷ୍ଟିରେ ରଖି ତାଙ୍କର ଏହି ଦୁଇ ଦିନିଆ ଗସ୍ତକୁ ନଭେମ୍ବର ୪ ଏବଂ ୫ ତାରିଖକୁ ଘୁଂଚାଇ ଦିଆଯାଇଛି ।



# ଆଇଟିବିପି କର୍ମଚାରୀଙ୍କୁ ସେମାନଙ୍କ ପ୍ରତିଷ୍ଠା ଦିବସରେ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଭାରତ-ତିବ୍ବତୀୟ ସୀମା ପୋଲିସ (ITBP) ର ସମସ୍ତ କର୍ମଚାରୀଙ୍କୁ ସେମାନଙ୍କ ପ୍ରତିଷ୍ଠା ଦିବସରେ ଶୁଭେଚ୍ଛା ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ଆଇଟିବିପି ହିମବୀରଙ୍କୁ ସେମାନଙ୍କର ଅସାଧାରଣ ସାହସ ମାଧ୍ୟମରେ ନିଜକୁ ଭିନ୍ନ କରିବା ପାଇଁ ପ୍ରଶଂସା କରିଛନ୍ତି ଏବଂ ଉଲ୍ଲେଖ କରିଛନ୍ତି ଯେ ସେମାନେ ସର୍ବଦା ଉଲ୍ଲେଖନୀୟ ଦୃଢ଼ତାର ସହିତ ପ୍ରତ୍ୟେକ ଚ୍ୟାଲେଞ୍ଜକୁ ସାମ୍ନା କରିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ସେମାନଙ୍କର ନିସ୍ୱାର୍ଥପର ସେବା ଏବଂ ବଳିଦାନ ଦେଶ ପାଇଁ ଏକ ବିଶାଳ ପ୍ରେରଣାର ଉତ୍ସ । ପ୍ରଧାନମନ୍ତ୍ରୀ ଢ ରେ ସେୟାର କରିଛନ୍ତି: 'ସେମାନଙ୍କ ପ୍ରତିଷ୍ଠା ଦିବସରେ, ଆଇଟିବିପିର ସମସ୍ତ କର୍ମଚାରୀଙ୍କୁ ଶୁଭେଚ୍ଛା । ଆଇଟିବିପି ହିମବୀରମାନେ ସେମାନଙ୍କର ଅସାଧାରଣ ସାହସ ମାଧ୍ୟମରେ ନିଜକୁ ଭିନ୍ନ କରିଛନ୍ତି । ସେମାନେ ସର୍ବଦା ଉଲ୍ଲେଖନୀୟ ଦୃଢ଼ତାର ସହିତ ପ୍ରତ୍ୟେକ ଚ୍ୟାଲେଞ୍ଜକୁ ସାମ୍ନା କରିଛନ୍ତି । ସେମାନଙ୍କର ନିସ୍ୱାର୍ଥପର ସେବା ଏବଂ ବଳିଦାନ ଦେଶ ପାଇଁ ଏକ ବିଶାଳ ପ୍ରେରଣାର ଉତ୍ସ ।



# ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ ଶ୍ରୀମନ୍ଦିରରେ ହେବ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା

ପୁରୀ : ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ ଖୁସି ଖବର । ଖୁବଶୀଘ୍ର ଶ୍ରୀମନ୍ଦିରରେ ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ ହେବ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା । ଏହି ବ୍ୟବସ୍ଥା ଦ୍ୱାରା ଦିବ୍ୟାଙ୍ଗ ଭକ୍ତ ସୁରୁଖୁରୁରେ ଦେଖି ପାରିବେ ମହାପ୍ରଭୁଙ୍କୁ । ଶ୍ରୀମନ୍ଦିର କାର୍ଯ୍ୟାଳୟରେ ବୈଠକ ପରେ ପୁରୀ ଜିଲ୍ଲାପାଳ ଏହି ସୂଚନା ଦେଇଛନ୍ତି । କାର୍ତ୍ତିକ ମାସ ପରେ ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ ଶ୍ରୀମନ୍ଦିରରେ ହେବ ସ୍ୱତନ୍ତ୍ର ବ୍ୟବସ୍ଥା । ପ୍ରଥମେ ପରୀକ୍ଷାମୂଳକ ଭାବେ ଏହି ବ୍ୟବସ୍ଥା କରାଯିବ । ବୈଠକରେ ଏ ନେଇ ଚୂଡାନ୍ତ ହୋଇଛି ଏସଓପି । ଦର୍ଶନର ୭ ଦିନ ପୂର୍ବରୁ ଅନଲାଇନରେ ଆବେଦନ କରିବେ ଦିବ୍ୟାଙ୍ଗ ଭକ୍ତ । ପ୍ରତ୍ୟେକ ଦିନ ୨୦ ଜଣ ଶ୍ରଦ୍ଧାଳୁଙ୍କ ପାଇଁ ଦର୍ଶନ ବ୍ୟବସ୍ଥା କରାଯିବ ବୋଲି ସୂଚନା ଦେଇଛନ୍ତି ।



# ନ୍ୟାସନାଲ୍ ଅର୍ବାନ୍ କନ୍‌କ୍ଲେଭ୍-୨୦୨୬କୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ନ୍ୟାସନାଲ୍ ଅର୍ବାନ୍ କନକ୍ଲେଭ୍-୨୦୨୬ ଉଦ୍ଘାଟନ କଲେ ମୁଖ୍ୟମନ୍ତ୍ରୀ । ପିଏମ ଇ-ବସ୍ ସେବା ଯୋଜନାରେ ୨୬ଟି ଇ-ବସ୍ ସେବାର ଶୁଭାରମ୍ଭ । ଏହି ଯୋଜନାରେ ସମୁଦାୟ ୪୦୦ ଇ-ବସ୍ ଆସିବ । ବର୍ତ୍ତମାନ ୭ଟି ସହରରେ ଆମ ବସ୍ ଚାଲିଛି, ଯୋଡ଼ି ହେବ ଆଉ ୯ଟି ସହର । ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଇକୋନୋମିକ୍ ରିଜିଅନ୍ ରୂପାନ୍ତରଣ, ଅର୍ବାନ୍ ମୋବିଲିଟ ଓ ନଗର ବିକାଶ ଉପରେ ଗୁରୁତ୍ୱ । ସମୃଦ୍ଧ ଓଡ଼ିଶାର ଲକ୍ଷ୍ୟକୁ ଦୃଷ୍ଟିରେ ରଖି ଓଡ଼ିଶାରେ ଅତ୍ୟାଧୁନିକ ସହରୀ ଭିତିଭୂମିର ବିକାଶ କରାଯାଉଛି କହିଲେ ମୁଖ୍ୟମନ୍ତ୍ରୀ । ୨୦୩୬ ମସିହାରେ ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟ ଭାବେ ୧୦୦ ବର୍ଷ ପୂରଣ କରିବାକୁ ଯାଉଥିବା ବେଳେ, ୫୦୦ ବିଲିଅନ୍ ଡଲାର୍ ଅର୍ଥନୀତି ସହ ଏକ ସମୃଦ୍ଧ ଓଡ଼ିଶା ଗଠନ କରିବା ଆମର ମୁଖ୍ୟ ଲକ୍ଷ୍ୟ । ବର୍ତ୍ତମାନ ଓଡ଼ିଶାର ସହରୀକରଣ ୧୭ ପ୍ରତିଶତ ଥିବା ବେଳେ ୨୦୩୬ ସୁଦ୍ଧା ଏହାକୁ ୪୦ ପ୍ରତିଶତକୁ ବୃଦ୍ଧି ହେବ । ଏଥିପାଇଁ ଅତ୍ୟାଧୁନିକ ଭିତିଭୂମି ଓ ଆଧୁନିକ ସଂସ୍କାର ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇସାରିଛି ବୋଲି ଆଜି ଭୁବନେଶ୍ୱରଠାରେ ଆୟୋଜିତ National Urban Conclave-୨୦୨୬ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକଶିତ ଭାରତ ୨୦୪୭' ଭିଜନ୍ ଓ 'ପୂର୍ବୋଦୟ' ନୀତି ପ୍ରେରଣାରେ ଓଡ଼ିଶା ଆଜି ଦେଶର ଏକ ପ୍ରମୁଖ ଗ୍ରୋଥ୍ ଇଞ୍ଜିନ୍ ଭାବେ ଗଢ଼ିଉଠିଛି । ୨୦୪୭ ସୁଦ୍ଧା ଦେଶର ସହରୀ ଜନସଂଖ୍ୟା ଗ୍ରାମୀଣ ଜନସଂଖ୍ୟାକୁ ଅତିକ୍ରମ କରୁଥିବାରୁ ସହରଗୁଡ଼ିକୁ ସମାବେଶୀ, ପ୍ରଯୁକ୍ତିବିଦ୍ୟାସମ୍ପନ୍ନ ଓ ଆଧୁନିକ ସୁବିଧାସୁଯୋଗରେ ସମୃଦ୍ଧ କରିବା । ସେ ଆହୁରି କହିଛନ୍ତି ଯେ, ସହରୀ ବିକାଶ ଓ ଅର୍ଥନୈତିକ ପ୍ରଗତିକୁ ଗତିଶୀଳ କରିବା ପାଇଁ ରାଜ୍ୟରେ ଶିଳ୍ପାୟନ, ବନ୍ଦରର ବିକାଶ, ପର୍ଯ୍ୟଟନ ଓ ସେବା କ୍ଷେତ୍ରରେ ବ୍ୟାପକ ସୁଯୋଗ ସୃଷ୍ଟି ହୋଇଛି । ଓଡ଼ିଶାକୁ ଏପର୍ଯ୍ୟନ୍ତ ୨୩ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ମିଳିସାରିଥିବା ବେଳେ ୩.୫ ଲକ୍ଷ କୋଟି ଟଙ୍କାର ନିବେଶ ସହ ୨୦୦ରୁ ଉର୍ଦ୍ଧ୍ୱ ଉଦ୍ୟୋଗର ଗ୍ରାଉଣ୍ଡିଂ ସମ୍ପନ୍ନ ହୋଇଛି । କେନ୍ଦ୍ର ସରକାର ଓ ନୀତି ଆୟୋଗଙ୍କ ମାର୍ଗଦର୍ଶନରେ 'ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଇକୋନୋମିକ୍ ରିଜିଅନ୍' ପ୍ରତିଷ୍ଠା କରାଯାଉଛି । ଏହାସହ ଭୁବନେଶ୍ୱର ଓ କଟକର ସମ୍ପ୍ରସାରଣ କରି ନୂଆ ସାଟେଲାଇଟ୍ ଟାଉନସିପ୍ ଗଠନ କରାଯାଉଛି ଏବଂ ନୂତନ ଭାବେ ୨୮ଟି ଏନ୍.ଏ.ସି, ୭ଟି ମ୍ୟୁନିସିପାଲିଟି ଓ ଗୋଟିଏ ମ୍ୟୁନିସିପାଲ୍ କର୍ପୋରେସନ୍ ସୃଷ୍ଟି କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀ ରାଜ୍ୟର ଜନକଲ୍ୟାଣକାରୀ ସହରୀ ଯୋଜନାଗୁଡ଼ିକର ସଫଳତା ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ PMAY-Urban ଅଧୀନରେ ୧.୫୩ ଲକ୍ଷ ଆବାସ ନିର୍ମାଣ ହୋଇଥିବା ବେଳେ ଚଗଇଣ ୨.୦ ଅନ୍ତର୍ଗତ "PMAY URBAN BANDHU' କାର୍ଯ୍ୟକ୍ରମ ପାଇଁ ଆଗାମୀ ୫ ବର୍ଷରେ ୧୬୧୫ କୋଟି ଟଙ୍କାର ମଞ୍ଜୁରୀ ଦିଆଯାଇଛି, ଯେଉଁଥିରେ EWS ହିତାଧିକାରୀଙ୍କୁ ଷ୍ଟାମ୍ପ ଡ୍ୟୁଟି ଓ ରେଜିଷ୍ଟ୍ରେସନ୍ ଫିଁରେ ୯୦ ପ୍ରତିଶତ ଛାଡ଼ ପ୍ରଦାନ କରାଯାଉଛି । ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ଭିତିଭୂମି ପାଇଁ ୬୦୦୦ କୋଟି ଟଙ୍କା, ୧୧ଟି ସହରରେ ୨୪ ଘଂଟିଆ 'ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍' ଜଳଯୋଗାଣ ଏବଂ ୧୭୦୦ କୋଟି ଟଙ୍କାର 'ସ୍ୱଚ୍ଛ ଓଡ଼ିଶା ଯୋଜନା' କାର୍ଯ୍ୟକାରୀ ହେଉଛି ।

# ସାର୍ବଜନୀନ ପରିବହନର ପ୍ରୋତ୍ସାହନ ଲାଗି ପ୍ରଭାବୀ ଗଣଯୋଗାଯୋଗ ଗୁରୁତ୍ୱପୂର୍ଣ୍ଣ : ପିଆଇବି ଏଡିଜି ଅଖିଳ ମିଶ୍ର




ଭୁବନେଶ୍ୱର : ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଏବଂ କେନ୍ଦ୍ରୀୟ ସଂଚାର ବ୍ୟୁରୋ (ସିବିସି), ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜି) ଶ୍ରୀ ଅଖିଳ କୁମାର ମିଶ୍ର ଆଜି ଭୁବନେଶ୍ୱରରେ ଚାଲିଥିବା ଉନବିଂଶତମ ଅର୍ବାନ୍ ମୋବିଲିଟି ଇଣ୍ଡିଆ (ୟୁଏମଆଇ) ସମ୍ମିଳନୀ-୨୦୨୬ର ଏକ ଗୁରୁତ୍ୱପୂର୍ଣ୍ଣ ଅଧିବେଶନରେ ଅଧ୍ୟକ୍ଷତା କରିଛନ୍ତି । ''ଆଚରଣଗତ ପରିବର୍ତ୍ତନ ଏବଂ ଗଣଯୋଗାଯୋଗ-ଜନସଚେତନତା ମାଧ୍ୟମରେ ପରିବହନ ସାଧନରେ ପରିବର୍ତ୍ତନକୁ ପ୍ରୋତ୍ସାହନ'' ବିଷୟବସ୍ତୁ ଉପରେ ଏହି ଅଧିବେଶନ ଆୟୋଜନ କରାଯାଇଥିଲା । ଏଡିଜି ଶ୍ରୀ ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ, ସାଧାରଣ ଯାତ୍ରୀମାନଙ୍କର ଘରୋଇ ବାହନ ଉପରେ ନିର୍ଭରଶୀଳତା କମ୍ କରିବା ଏବଂ ଦୀର୍ଘସ୍ଥାୟୀ ସାର୍ବଜନୀନ ପରିବହନ ପ୍ରଣାଳୀର ଅଧିକରୁ ଅଧିକ ବ୍ୟବହାର ନିମନ୍ତେ ସେମାନଙ୍କୁ ସଚେତନ କରିବା ଲାଗି ରଣନୀତିକ ଗଣଯୋଗାଯୋଗ ଏବଂ ନିରନ୍ତର ଆଚରଣଗତ ପରିବର୍ତ୍ତନ ଆଣିବା ଅତ୍ୟନ୍ତ ଜରୁରୀ । ଏହି ପରିବର୍ତ୍ତନ ଲାଗି ଜନସାଧାରଣଙ୍କୁ ନିରନ୍ତର ଭାବେ ସଚେତନ କରିବାର ଆବଶ୍ୟକତା ରହିଛି ବୋଲି ସେ ମତବ୍ୟକ୍ତ କରିଥିଲେ । ଏହି ଆଲୋଚନାଚକ୍ରରେ ବହୁ ବିଶେଷଜ୍ଞ ସାମିଲ ହୋଇଥିଲେ । ସେମାନଙ୍କୁ ସମ୍ବୋଧିତ କରି ଶ୍ରୀ ମିଶ୍ର କହିଥିଲେ, ମହାନଗରଗୁଡ଼ିକର ସମ୍ପ୍ରସାରଣରେ ଆଧୁନିକ ଭୌତିକ ଭିତିଭୂମି ଏକ ପ୍ରମୁଖ ଆଧାର । ତେବେ ସକ୍ରିୟ ଓ ସହାନୁଭୂତିପୂର୍ଣ୍ଣ ଜନ ସଚେତନତା ମାଧ୍ୟମରେ ନାଗରିକଙ୍କ ମଧ୍ୟରେ ବିଶ୍ୱାସ ଓ ଭରସା ଭାବନା ସୃଷ୍ଟି କରାଯାଇ ପାରିଲେ ସାର୍ବଜନୀନ ପରିବହନ କ୍ଷେତ୍ରରେ ପରିବର୍ତ୍ତନକୁ ସାକାର କରାଯାଇପାରିବ । ବିଚାରବିମର୍ଶ ସମୟରେ ଗଣଯୋଗାଯୋଗକୁ କେବଳ ଏକ ସାଧାରଣ ପ୍ରଶାସନିକ ସୂଚନା ପ୍ରକ୍ରିୟା ପରିବର୍ତ୍ତେ ସହରୀ ପରିବହନ ପରିଚାଳନା ଏବଂ ବ୍ୟାପକ ପରିବହନ ନୀତିର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଭାବେ ପ୍ରତିଷ୍ଠା କରିବା ଉପରେ ଆଲୋଚକମାନେ ଗୁରୁତ୍ୱାରୋପ କରିଥିଲେ । ଜଳବାୟୁ ସହ ଜଡ଼ିତ ଆହ୍ୱାନ, ବାୟୁ ଗୁଣବତାରେ ଅବନତି ଏବଂ ସହରଗୁଡ଼ିକରେ ହେଉଥିବା କ୍ରମାଗତ ଟ୍ରାଫିକ୍ ଭିଡ଼କୁ ଦୃଷ୍ଟିରେ ରଖି ଦୀର୍ଘସ୍ଥାୟୀ ସାର୍ବଜନୀନ ପରିବହନ ବର୍ତ୍ତମାନ ସମୟର ସବୁଠୁ ବଡ଼ ଆବଶ୍ୟକତା ବୋଲି ବିଶେଷଜ୍ଞମାନେ ମତ ରଖିଥିଲେ । ଯାତ୍ରୀମାନଙ୍କୁ ସାର୍ବଜନୀନ ପରିବହନ ଆପଣାଇବା ଲାଗି ଅନୁପ୍ରାଣିତ କରିବା ଲାଗି ସେମାନଙ୍କର ଯାତ୍ରାକୁ ସହଜ ଓ ପାରଦର୍ଶୀ କରିବା ଜରୁରୀ ବୋଲି ସେମାନେ କହିଥିଲେ । ଏଥିପାଇଁ ଏପରି ଏକ ବ୍ୟବସ୍ଥା ରହିବା ଉଚିତ୍ ଯାହା ବାସ୍ତବ ସମୟ ବା ରିୟଲ୍ ଟାଇମ୍‌ରେ ଠିକ୍ ସୂଚନା ଦେଇପାରିବ । ଉଦାହରଣ ସ୍ୱରୂପ, ଭରସାଯୋଗ୍ୟ ସମୟ ସୂଚୀ, ସମନ୍ୱିତ ଟିକେଟ୍ ବ୍ୟବସ୍ଥା, ଭିନ୍ନ ଭିନ୍ନ ପରିବହନ ସାଧନ ମଧ୍ୟରେ ସହଜ ପରିବର୍ତ୍ତନ ଏବଂ ଗନ୍ତବ୍ୟ ସ୍ଥଳରେ ପହଂଚିବା ଲାଗି ଅନ୍ତିମ ପର୍ଯ୍ୟାୟ ପର୍ଯ୍ୟନ୍ତ ଗମନାଗମନ ସୁବିଧା । ସେହିପରି ସାର୍ବଜନୀନ ପରିବହନକୁ ଦୈନନ୍ଦିନ ଯାତ୍ରା ଲାଗି ଏକ ସୁବିଧାଜନକ, ଶସ୍ତା ଏବଂ ପରିବେଶ ଅନୁକୂଳ ବିକଳ୍ପ ରୂପେ ଉପସ୍ଥାପନ କରାଯାଇପାରିବ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଥିଲେ ।

# ଦିଲ୍ଲୀ ଏନସିଆର ପାଇଁ ବିଶ୍ୱର ପ୍ରଥମ ବାୟୁ ପ୍ରଦୂଷଣ ବିଶ୍ଳେଷଣ ସୁବିଧା ଉଦ୍‌ଘାଟନ କଲେ କେନ୍ଦ୍ରମନ୍ତ୍ରୀ ଡ. ଜିତେନ୍ଦ୍ର ସିଂହ




ନୂଆଦିଲ୍ଲୀ : ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଏବଂ ପୃଥିବୀ ପାଇଁ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ବିଜ୍ଞାନ ଏବଂ କର୍ମଚାରୀ, ସାଧାରଣ ଅଭିଯୋଗ ଏବଂ ପେନସନ, ପରମାଣୁ ଶକ୍ତି ବିଭାଗ ଏବଂ ମହାକାଶ ବିଭାଗର ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଆଜି ଦିଲ୍ଲୀ ଏନସିଆର ପାଇଁ ବିଶ୍ୱର ପ୍ରଥମ 'ବାୟୁ ପ୍ରଦୂଷଣ ବିଶ୍ଳେଷଣ' ସୁବିଧା ଉଦ୍ଘାଟନ କରିଛନ୍ତି । 'ସମୃଦ୍ଧ ବାୟୁମଣ୍ଡଳୀୟ ରସାୟନ ଏବଂ ଏରୋସଲ୍ ବିଷାକ୍ତତା ବିଶ୍ଳେଷଣ ପ୍ରୟୋଗଶାଳା' ଭାବରେ ଜଣାଶୁଣା, ଏହା ବାୟୁ ପ୍ରଦୂଷଣର ପ୍ରକୃତ-ସମୟ ଉତ୍ସଗୁଡ଼ିକୁ ଚିହ୍ନଟ କରିବା ପାଇଁ ମଧ୍ୟ ସଜ୍ଜିତ । ଏହାକୁ ବିଶ୍ୱର ପ୍ରଥମ ସମନ୍ୱିତ ସୁବିଧା ଭାବରେ ବର୍ଣ୍ଣନା କରି ମନ୍ତ୍ରୀ କହିଛନ୍ତି ଯେ ବାୟୁ ପ୍ରଦୂଷଣ ପ୍ରତି ଜନସାଧାରଣଙ୍କ ଗମ୍ଭୀର ଚିନ୍ତାକୁ ଦୃଷ୍ଟିରେ ରଖି ଦିଲ୍ଲୀ-ଏନସିଆରକୁ ବାଛି ଦିଆଯାଇଛି । ସେ କହିଛନ୍ତି ଯେ ଏହି ସୁବିଧା କେବଳ ପ୍ରଦୂଷଣ ସ୍ତର ରିପୋର୍ଟ କରିବା ବ୍ୟତୀତ ପ୍ରଦୂଷକଙ୍କ ଗଠନ, ସେମାନଙ୍କର ଉତ୍ସ, ସେମାନଙ୍କର ଆପେକ୍ଷିକ ଅବଦାନ ଏବଂ ସେମାନଙ୍କର ସମ୍ଭାବ୍ୟ ସ୍ୱାସ୍ଥ୍ୟ ପ୍ରଭାବ ଚିହ୍ନଟ କରିବା ପର୍ଯ୍ୟନ୍ତ ବାୟୁ-ଗୁଣବତା ମୂଲ୍ୟାଙ୍କନ କରିବ, ସମୟୋଚିତ କାର୍ଯ୍ୟକୁ ସମର୍ଥନ କରିବା ପାଇଁ ବାସ୍ତବ-ସମୟ ସୂଚନା ଏବଂ ଆଗୁଆ ପୂର୍ବାନୁମାନ ପ୍ରଦାନ କରିବ । IITMର ଦିଲ୍ଲୀ ଶାଖାରେ ଭୂବିଜ୍ଞାନ ମନ୍ତ୍ରଣାଳୟର ସଚିବ ଡକ୍ଟର ଟି. ଶ୍ରୀନିବାସ କୁମାର, IITM ନିର୍ଦ୍ଦେଶକ ଡକ୍ଟର ଏ. ସୂର୍ଯ୍ୟଚନ୍ଦ୍ର ରାଓ ଏବଂ ଓଗଡ଼ ଡିଜି ଡକ୍ଟର ମହାପାତ୍ରଙ୍କ ଉପସ୍ଥିତିରେ ଏହି ଉଦଘାଟନ କରାଯାଇଥିଲା । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ରମୋଦୀଙ୍କ ଦ୍ୱାରା ଘୋଷଣା କରାଯାଇଥିବା 'ମିଶନ ମୌସମ' ଅଧୀନରେ ଏହି ସୁବିଧା ପ୍ରତିଷ୍ଠା କରାଯାଇଛି ଯାହା ଦ୍ୱାରା ବାୟୁମଣ୍ଡଳୀୟ ପ୍ରଦୂଷଣର ବୈଜ୍ଞାନିକ ବୁଝାମଣାକୁ ସୁଦୃଢ଼ କରାଯାଇପାରିବ ଏବଂ ଦିଲ୍ଲୀ-NCRରେ ବାୟୁ-ଗୁଣବତା ପରିଚାଳନା ପାଇଁ କାର୍ଯ୍ୟକ୍ଷମ ପ୍ରମାଣ ପ୍ରଦାନ କରାଯାଇପାରିବ । ଏହି ପରୀକ୍ଷାଗାର ଏକ ସମନ୍ୱିତ ଢାଂଚା ମଧ୍ୟରେ ଉନ୍ନତ ବାୟୁମଣ୍ଡଳୀୟ ମାପ ଉପକରଣ, ବିସ୍ତୃତ ରାସାୟନିକ ବିଶ୍ଳେଷଣ, ପ୍ରଦୂଷଣ-ଉତ୍ସ ଚିହ୍ନଟ ଏବଂ ନିଷ୍ପତି-ସମର୍ଥନ କ୍ଷମତାକୁ ଏକତ୍ରିତ କରିଥାଏ । ସମାବେଶକୁ ସମ୍ବୋଧିତ କରି ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି ଯେ ଭାରତ ଗତ ୧୦-୧୨ ବର୍ଷ ମଧ୍ୟରେ ବାୟୁ-ଗୁଣବତା ପୂର୍ବାନୁମାନ ଏବଂ ବିଶ୍ଳେଷଣରେ ଯଥେଷ୍ଟ ଅଗ୍ରଗତି କରିଛି ।

# ଛତିଶଗଡ଼ ଗଡ଼ଫୁଲଝରରେ ପବିତ୍ର ରାମଚଣ୍ଡୀ ଦିବସ ଅନୁଷ୍ଠିତ

# କୃଷି ଓ କୃଷକଙ୍କ ପ୍ରଗତି ହିଁ ରାଷ୍ଟ୍ର ସମୃଦ୍ଧିର ମୂଳଦୁଆ : ଧର୍ମେନ୍ଦ୍ର ପ୍ରଧାନ



ଗଡ଼ଫୁଲଝର/ଭୁବନେଶ୍ୱର : କୃଷି ଏବଂ କୃଷକଙ୍କ ପ୍ରଗତି ହିଁ ଆମ ରାଷ୍ଟ୍ରର ସମୃଦ୍ଧିର ମୂଳଦୁଆ ଅଟେ । ଜଳସେଚନ କାର୍ଯ୍ୟର ବିସ୍ତାର, କୃଷି କ୍ଷେତ୍ରର ଆଧୁନିକୀକରଣ ଏବଂ ଚାଷୀ ଭାଇଭଉଣୀମାନଙ୍କ ଆର୍ଥିକ ଉନ୍ନତି ପାଇଁ ଆଦରଣୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ସରକାର ସଂପୂର୍ଣ୍ଣ ନିଷ୍ଠା ଓ ଦାୟିତ୍ୱବୋଧ ସହିତ କାର୍ଯ୍ୟ କରୁଛି ବୋଲି ଛତିଶଗଡ଼ର ମହାସମୁନ୍ଦ ଜିଲ୍ଲା ସ୍ଥିତ ଗଡ଼ଫୁଲଝର ଠାରେ ଆୟୋଜିତ ପବିତ୍ର 'ରାମଚଣ୍ଡୀ ଦିବସ ସମାରୋହ'ରେ ଯୋଗଦେଇ କହିଛନ୍ତି ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । କୁଲତା ସମାଜର ପ୍ରଶଂସା କରି ସେ କହିଛନ୍ତି ଯେ ଏହି ସମାଜ ନିଜର କୃଷି ପରମ୍ପରା, ଧାର୍ମିକ ଆସ୍ଥା ଏବଂ ରାଷ୍ଟ୍ର ପ୍ରତି ସମର୍ପଣ ପାଇଁ ସ୍ୱତନ୍ତ୍ର ପରିଚୟ ବହନ କରିଥାଏ । ଦେଶର ଅନ୍ନ ଉତ୍ପାଦନରେ ଏହି ସମାଜର ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସମାଜର ପ୍ରତ୍ୟେକ ବର୍ଗକୁ ସଶକ୍ତ କରିବା ସହ ନାଗରିକମାନଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବା ପାଇଁ ଆମେ ସଂକଳ୍ପବଦ୍ଧ । ମହାପ୍ରଭୁ ଶ୍ରୀଜଗନ୍ନାଥ, ମା' ସମଲେଶ୍ୱରୀ ଏବଂ ମା' ରଣେଶ୍ୱର ରାମଚଣ୍ଡୀଙ୍କ ଅପାର କୃପାରୁ ଓଡ଼ିଶା ଏବଂ ଛତିଶଗଡ଼ ଉଭୟ ରାଜ୍ୟରେ ଶିକ୍ଷାର ବିକାଶ, ସ୍ୱାସ୍ଥ୍ୟ ସେବାର ସୁଦୃଢ଼ୀକରଣ ଏବଂ ଯୁବବର୍ଗଙ୍କ ପାଇଁ ବ୍ୟାପକ ରୋଜଗାର ସୁଯୋଗ ସୃଷ୍ଟି ହୋଇପାରିଛି ବୋଲି ସେ ପ୍ରକାଶ କରିଛନ୍ତି । ଏହି ମହାନ ବିକାଶ ଯାତ୍ରାରେ ସମାଜର ସବୁ ସ୍ତରରୁ ସକ୍ରିୟ ସହଯୋଗ ଓ ଭାଗିରଥୀ ପ୍ରୟାସ ଜରୁରୀ ବୋଲି ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ, ମା' ରଣେଶ୍ୱର ରାମଚଣ୍ଡୀଙ୍କ ଆରାଧନା ଓ ଆସ୍ଥା ଆମର ସମୃଦ୍ଧ ଧାର୍ମିକ ପରମ୍ପରା ଏବଂ ସାଂସ୍କୃତିକ ପରିଚୟ ବୋଲି ମତବ୍ୟକ୍ତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ଗଡ଼ଫୁଲଝର ସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିର ଏବଂ ଏହି ମାଟିରେ ଗୁରୁ ନାନକ ଦେବ ଜୀଙ୍କ ଆଗମନ ସହ ଜଡ଼ିତ ସ୍ମୃତି ଏହି ଅଂଚଳର ଆଧ୍ୟାତ୍ମିକ ମହତ୍ୱକୁ ଆହୁରି ବଢ଼ାଇଛି । ଏହି କାର୍ଯ୍ୟକ୍ରମରେ ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ଶ୍ରୀ ବିଷ୍ଣୁ ଦେଓ ସାଏ, ବରିଷ୍ଠ ମନ୍ତ୍ରୀ ଏବଂ କୁଲତା ସମାଜ ସମେତ ବିଭିନ୍ନ ଗଣମାଧ୍ୟମର ବ୍ୟକ୍ତିବିଶେଷ ଓ ଗଣମାନ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

# ଫିଫା ୧୫ ବର୍ଷରୁ କମ୍ ବିଶ୍ୱକପ୍

## ଲାଓସ୍‌କୁ ୪-୨ରେ ହରାଇଲା ଭାରତ



ବକୁ : ଆଜରବାଇଜାନ୍‌ରେ ଚାଲିଥିବା ଫିଫା ୧୫ ବର୍ଷରୁ କମ୍ ବିଶ୍ୱକପ୍‌ରେ ଭାରତ ବିଜୟରୁ ଅଭିଯାନ ଆରମ୍ଭ କରିଛି । ଶନିବାର ମ୍ୟାଚ୍‌ରେ ଭାରତ ୪-୨ ଗୋଲ୍‌ରେ ଲାଓସ୍‌କୁ ମାତ୍ ଦେଇଛି । ମ୍ୟାଚ୍‌ର ସପ୍ତମ ମିନିଟ୍‌ରେ ମାକଡୋନିସ ଏନ୍‌ଗାଇରାଙ୍ଗବାମ୍‌ଙ୍କ ଗୋଲ୍‌ରେ ଭାରତ ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା । ଏହାର ୪ ମିନିଟ୍‌ରେ ଆଉ ଲାଲରେମରୁଆତଫେଲା (୧୧ ମିନିଟ୍)ଙ୍କ ଗୋଲ୍‌ରେ ଭାରତ ୨-୦ରେ ଆଗୁଆ ହୋଇଥିଲା । ଏହା ପର ମିନିଟ୍‌ରେ ଲାଓସ୍‌ର ଆନ୍ନାଭିନ ଜାୟାସୋନ୍ (୧୨ ମିନିଟ୍) ଗୋଟିଏ ଗୋଲ୍ ଶୁଝି ଦେବାରୁ ପ୍ରଥମାର୍ଦ୍ଧକୁ ୨-୧ରେ ନିଜ ଶେଷ ହୋଇଥିଲା । ୨୪ତମ ମିନିଟ୍‌ରେ ସେକସାଭନ ସିଲିସେଙ୍ଗ ଆଉ ଗୋଟିଏ ଗୋଲ୍ ଶୁଝି ସ୍ଥିତି ସମାନ କରିଥିଲେ । ତେବେ ୩୧ ମିନିଟ୍‌ରେ ଲାଲରେମରୁଆଫେଲା ଓ ୩୩ ମିନିଟ୍‌ରେ ସେମଜିତ ସର୍କାର ଗୋଲ୍ କରି ଭାରତକୁ ବିଜୟ ଭେଟି ଦେଇଥିଲେ । ଭାରତ ପରବର୍ତ୍ତୀ ମ୍ୟାଚ୍‌ରେ ରବିବାର କାମେରନ ଓ ଗ୍ରେନାଡାକୁ ଭେଟିବ ।

# ନ୍ୟୁଜିଲ୍ୟାଣ୍ଡକୁ ହରାଇ ଭାରତ ଜିତିଲା ଦ୍ୱିତୀୟ ଟି-୨୦



ନୂଆଦିଲ୍ଲୀ : ତିଲକ ବର୍ମା ଏବଂ ନୀତିଶ ରେଡ୍ଡୀ ୭ମ ୱିକେଟ ସୁଦ୍ଧା ୩୦ ବଲରେ ଅପରାଜିତ ୬୯ ରନ ଯୋଡ଼ି ଟିମ୍ ଇଣ୍ଡିଆକୁ ବିଜୟୀ କରାଇଛନ୍ତି । ଶନିବାର କ୍ରାଏଷ୍ଟଚର୍ଚ୍ଚରେ ଖେଳାଯାଇଥିବା ଦ୍ୱିତୀୟ ଟି-୨୦ରେ ଭାରତ ନ୍ୟୁଜିଲ୍ୟାଣ୍ଡକୁ ୪ ୱିକେଟରେ ପରାସ୍ତ କରିଥିଲା । ଗୋଟିଏ ସମୟରେ ଲାଗୁଥିଲା ଯେ ଆୟୋଜକ ନ୍ୟୁଜିଲ୍ୟାଣ୍ଡ ସହଜରେ ଜିତିବ, କାରଣ ଶେଷ ୩ ଓଭରରେ ଭାରତକୁ ୪୬ ରନ ଆବଶ୍ୟକ ଥିଲା । ଛଅଟି ୱିକେଟ ଭାରତ ହାତରୁ ଖସିସାରିଥିଲା । ତିଲକ ଏବଂ ନୀତିଶ କ୍ରିଜରେ ଥିଲେ । ଉଭୟ କିଛି ସମୟ ପୂର୍ବରୁ ଆସିଥିଲେ । ଉଭୟ ଯଦିଓ ସ୍ଥିର ନଥିଲେ ତଥାପି ଦଳୀୟ ପ୍ରଦର୍ଶନକୁ ନଜରରେ ରଖି ଉଭୟେ ଗୁରୁତ୍ୱପୂର୍ଣ୍ଣ ପାଳି ଖେଳିଥିଲେ ।୬ ନମ୍ବରରେ ବ୍ୟାଟିଂ କରି, ତିଲକ ୨୬ ବଲରୁ ୬ ଚୌକା ଏବଂ ୧ ଛକା ସହାୟତାରେ ୫୧ ରନ କରିଥିଲେ । ୭ ନମ୍ବରରେ ବ୍ୟାଟିଂ କରୁଥିବା ନୀତିଶ ରେଡ୍ଡୀ ୧୩ ବଲରେ ଗୋଟିଏ ଚୌକା ଏବଂ ଗୋଟିଏ ଛକା ସହାୟତାରେ ୨୬ ରନ କରିଥିଲେ । ଭାରତ ପକ୍ଷରୁ ସଞ୍ଜୁ ସାମସନ (୧୪), ବୈଭବ ସୂର୍ଯ୍ୟବଂଶୀ (୦୪), ଅଧିନାୟକ ଶ୍ରେୟସ ଆୟର (୦୭), ଏବଂ ଅଭିଷେକ ଶର୍ମା (୨୭) ରନ୍ କରିଥିଲେ । ସମସ୍ତଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ଥିବା ବେଳେ ଭାରତ ପାଇଁ ବିଜୟ ପ୍ରାୟ ଅସମ୍ଭବ ମନେ ହେଉଥିଲା । କିନ୍ତୁ ଯେମିତି କୁହାଯାଏ, 'କ୍ରିକେଟ୍ ଅନିର୍ଶ୍ଚିତତାର ଖେଳ ।' ଗୋଟିଏ ସମୟରେ, ଭାରତର ପରାଜୟ ନିର୍ଶ୍ଚିତ ମନେ ହେଉଥିଲା, କିନ୍ତୁ ଫଳାଫଳ ବିପରୀତ ହୋଇଥିଲା । ଭାରତ ଜିତିଥିଲା । ଏହା ସହିତ, ଟିମ୍ ଇଣ୍ଡିଆ ସିରିଜରେ ୨-୦ ରେ ଅଗ୍ରଣୀ ହାସଲ କରିଛି ।

# ଜାପାନର ହିନା ଅକିଚିଙ୍କୁ ହରାଇ ଫ୍ରେଂଚ ଓପନ୍‌ର ଫାଇନାଲରେ ପ୍ରବେଶ କଲେ ପି.ଭି. ସିନ୍ଧୁ




ନୂଆଦିଲ୍ଲୀ: ଦ୍ୱିତୀୟ ଥର ପାଇଁ ଅଲିମ୍ପିକ୍ ପଦକ ବିଜେତା ତଥା ଭାରତର ଷ୍ଟାର୍ ଶଟଲର୍ ପି.ଭି. ସିନ୍ଧୁ ଫ୍ରେଂଚ ଓପନ୍ ବ୍ୟାଡମିଂଟନ୍ ଟୁର୍ଣ୍ଣାମେଂଟର ଫାଇନାଲରେ ପ୍ରବେଶ କରିଛନ୍ତି । ଶନିବାର ଅନୁଷ୍ଠିତ ସେମିଫାଇନାଲ୍ ମୁକାବିଲାରେ ସେ ଜାପାନର ପ୍ରତିଦ୍ୱନ୍ଦ୍ୱୀ ହିନା ଅକିଚିଙ୍କୁ ପରାସ୍ତ କରିଛନ୍ତି । ୩୧ ବର୍ଷୀୟା ସିନ୍ଧୁ ବିଶ୍ୱର ୨୨ ନମ୍ବର ଖେଳାଳି ହିନା ଅକିଚିଙ୍କୁ ୨୧-୧୦, ୨୦-୨୨, ୨୧-୧୬ ସେଟ୍‌ରେ ମାତ୍ ଦେଇଛନ୍ତି । ଏହି କଡ଼ା ମୁକାବିଲାଟି ପ୍ରାୟ ୧ ଘଂଟା ୧୩ ମିନିଟ୍ ଧରି ଚାଲିଥିଲା । ସିନ୍ଧୁ ଆରମ୍ଭରୁ ଦମଦାର ପ୍ରଦର୍ଶନ କରି ମାତ୍ର ୧୮ ମିନିଟ୍‌ରେ ପ୍ରଥମ ଗେମ୍ ୨୧-୧୦ରେ ନିଜ ନାମରେ କରିଥିଲେ । ଦ୍ୱିତୀୟ ଗେମ୍‌ରେ ଜାପାନୀ ଖେଳାଳି ଜୋରଦାର ପ୍ରତ୍ୟାବର୍ତ୍ତନ କରି ୨୨-୨୦ରେ ଏହାକୁ ଜିତି ନେଇଥିଲେ । ନିର୍ଣ୍ଣାୟକ ତଥା ତୃତୀୟ ଗେମ୍‌ରେ ସିନ୍ଧୁ ଆଉ କୌଣସି ଭୁଲ୍ କରି ନଥିଲେ ଏବଂ ଚମତ୍କାର ପ୍ରଦର୍ଶନ କରି ୨୧-୧୬ରେ ଗେମ୍ ଜିତି ମ୍ୟାଚ୍ ଏବଂ ଫାଇନାଲ୍‌ରେ ସ୍ଥାନ ସୁନିର୍ଶ୍ଚିତ କରିଥିଲେ । ଚାମ୍ପିୟନଶିପ୍ ଟାଇଟଲ୍ ପାଇଁ ଫାଇନାଲ୍ ମ୍ୟାଚ୍‌ରେ ସିନ୍ଧୁଙ୍କ ମୁକାବିଲା ଦକ୍ଷିଣ କୋରିଆର ବିଶ୍ୱର ଏକ ନମ୍ବର ଖେଳାଳି ଏନ୍ ସେ ୟଙ୍ଗଙ୍କ ସହ ହେବ । ଉଭୟଙ୍କ ମଧ୍ୟରେ ପୂର୍ବରୁ ହୋଇଥିବା ୧୦ଟି ମ୍ୟାଚ୍‌ରେ ଏନ୍ ସେ ୟଙ୍ଗ୍ ସମସ୍ତ ମ୍ୟାଚ୍ ଜିତିଥିବାରୁ, ସିନ୍ଧୁଙ୍କ ପାଇଁ ଫାଇନାଲ୍ ମୁକାବିଲାଟି ଏକ ବଡ଼ ଚାଲେଞ୍ଜ୍ ହେବ ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**